# ସକାଳ
## THE SAKALA

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-155 • MONDAY • 1 DECEMBER 2025 • PAGE-20 • ₹ 6.00 | BHUBANESWAR | ବର୍ଷ-୪୩ • ସଂଖ୍ୟା-୧୫୫ • ସୋମବାର • ୧ ଡିସେମ୍ବର ୨୦୨୫ • ପୃଷ୍ଠା-୨୦ • ଟ.୬.୦୦






UP TO ₹600* OFF per gram on gold jewellery | UP TO 20%* OFF On diamond value | FLAT 0% DEDUCTION* ON EXCHANGE of old gold of any karat from any jeweller

To locate your nearest store and know more on 8147349242. Buy online at tanishq.co.in or Download our App *Conditions apply.

Chandrasekharpur, Bhubaneswar, Mob-7205050700 | Master Canteen Square, Bhubaneswar, Mob-9238307043
Cantonment Road, Cuttack, Mob-9238307044 | Amalapada, Lane-2, Angul, Mob-9090066000, 8147485152

## ରାଜ୍ ଭବନ ଏବେ ହେବ ଲୋକ ଭବନ

**ନୂଆଦିଲ୍ଲୀ, ୩୦।୧୧ (ଏଜେନ୍ସି):** ଉପନିବେଶ କାଳର ସଙ୍କେତକୁ ହଟାଇବା ପାଇଁ କେନ୍ଦ୍ର ସରକାର ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ରାଜ୍ ଭବନ ଗୁଡ଼ିକର ନାମ ବଦଳାଇ ଏବେ ଲୋକ ଭବନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରାଳୟ ପକ୍ଷରୁ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସରକାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟପାଳଙ୍କ ଭବନକୁ 'ଲୋକ ଭବନ' ଏବଂ ଉପ-ରାଜ୍ୟପାଳଙ୍କ ବାସଭବନକୁ 'ଲୋକ ନିବାସ' କରିବାକୁ କୁହାଯାଇଛି। ଗତ ବର୍ଷ ଅଗଷ୍ଟ ୨ରେ ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ରାଜ୍ୟପାଳମାନଙ୍କ ସମ୍ମିଳନୀରେ ଏହି ନାମ ବଦଳାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।ତାମିଲନାଡୁ ରାଜ୍ୟପାଳ ଆରଏନ ରବିଙ୍କ ନେତୃତ୍ୱରେ ଏହି ପ୍ରସ୍ତାବର ସମୀକ୍ଷା କରି ଚୂଡ଼ାନ୍ତ କରାଯାଇଥିଲା। ସେ ହିଁ ଉପନିବେଶ କାଳର ନାମକୁ ହଟାଇବାକୁ ପ୍ରସ୍ତାବ ଦେଇଥିଲେ।

## ଭାରୋତ୍ତୋଳକଙ୍କୁ ହତ୍ୟା

**ରୋହତକ, ୩୦।୧୧ (ଏଜେନ୍ସି):** ହରିୟାଣା ରୋହତକର ଜାତୀୟସ୍ତରର ଜଣେ ପାରା ଆଥଲେଟଙ୍କୁ ପିଟି ପିଟି ହତ୍ୟା କରାଯାଇଛି। ମୃତକଙ୍କ ନାମ ରୋହିତ ଧନକର (୨୮)। ଦୁଇ ଦିନ ତଳେ ସେ ବନ୍ଧୁ ଜତିନଙ୍କ ସହ ସମ୍ପର୍କୀୟଙ୍କ ବିବାହରେ ଯୋଗ ଦେବା ପାଇଁ ରେୱାରି-ଖେରା ଯାଇଥିଲେ। ଏଠାରେ ସେ ବର ପକ୍ଷର କିଛି ଲୋକଙ୍କ ଖରାପ ବ୍ୟବହାରକୁ ବିରୋଧ କରିଥିଲେ। ଏହାକୁ ନେଇ ତାଙ୍କ ସହ ଧନକରଙ୍କ କଥା କଟାକଟି ହୋଇଥିଲା। ବିବାହରେ ସାମିଲ ହୋଇ ରୋହତକ ଫେରୁଥିବାବେଳେ ୧୫ରୁ ୨୦ ଜଣ ବ୍ୟକ୍ତି ପିଛା କରି ପଛ ପଟୁ ତାଙ୍କ କାର୍‌କୁ ଧକ୍କା ଦେଇଥିଲେ। ଏହା ପରେ ଲୁହାଛଡ଼ ଏବଂ ହକି ଷ୍ଟିକ୍‌ରେ ମାଡ଼ ମାରି ଚାଲି ଯାଇଥିଲେ। ଗୁରୁତର ଅବସ୍ଥାରେ ଧନକରଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ଦୁଇ ଦିନ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ପୁଲିସ ଏହି ମାମଲାରେ ୬ ଜଣଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି।

## ଜନ୍ମଦିନରେ ଗୁଳିକାଣ୍ଡ, ୪ ମୃତ

**ୱାସିଂଟନ,୩୦ ।୧୧(ଏଜେନ୍ସି):** ଆମେରିକାର କାଲିଫର୍ଣ୍ଣିଆ ରାଜ୍ୟର ଷ୍ଟକଟନର ଲୁସିଲ ଆଭେନ୍ୟୁର ବ୍ୟାନକ୍ୱେଟ ହଲ୍‌ରେ ଏକ ଶିଶୁ ଜନ୍ମଦିନ ପାର୍ଟିରେ ଗୁଳିକାଣ୍ଡ ଘଟିଛି। ଏଥିରେ ୪ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୦ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ମୋଟ ଉପରେ ୧୪ ଜଣଙ୍କୁ ଗୁଳି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୪ ଜଣ ପ୍ରାଣ ହରାଇଛନ୍ତି। ଆହତଙ୍କୁ ତରୁନ୍ତ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରଥମେ ବାଣ ଫୁଟାଯାଉ ଥିବା ଭାବିଥିଲୁ ବୋଲି ଘଟଣାସ୍ଥଳରେ ଉପସ୍ଥିତ ଥିବା ବ୍ୟକ୍ତିମାନେ କହିଛନ୍ତି। କିନ୍ତୁ ପରେ ଏହା ଗୁଳିକାଣ୍ଡ ଥିଲା ବୋଲି ଜଣାପଡିଥିଲା। ସାନ ଫ୍ରାନସିସ୍କୋ ପୂର୍ବକୁ ୫୦ ମାଇଲ ଦୂରରେ ଏହି କାଣ୍ଡ ଘଟିଛି। ଆକ୍ରମଣକାରୀ ମାନେ ହଲ୍ ଭିତରକୁ ପସି ଗୁଳ ଚଳାଇଥିଲେ।

# ସପ୍ତାହେ ବଢ଼ିଲା ଏସ୍‌ଆଇଆର୍ ଅବଧି

**ନୂଆଦିଲ୍ଲୀ,୩୦ ।୧୧(ଏଜେନ୍ସି):**

ନିର୍ବାଚନ କମିଶନ ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ଚାଲିଥିବା ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ (ଏସ୍‌ଆଇଆର୍)ର ସମୟ ସୀମାକୁ ଆଉ ଗୋଟିଏ ସପ୍ତାହ ବୃଦ୍ଧି କରିଛନ୍ତି। ଅନ୍ତିମ ଭୋଟର ତାଲିକା ୨୦୨୬ ଫେବୃଆରୀ ୧୪ ଜାରି କରାଯିବ ବୋଲି କମିଶନ କହିଛନ୍ତି। ଏବେ ଭୋଟର ସଂଶୋଧନ ଡିସେମ୍ବର ୧୧ ପର୍ଯ୍ୟନ୍ତ ଚାଲିବ। ପୂର୍ବରୁ ଏହା ଡିସେମ୍ବର ୪ ପର୍ଯ୍ୟନ୍ତ ଚାଲିବାର ଥିଲା। ପ୍ରଥମେ ଡ୍ରାଫ୍ଟ ତାଲିକା ଡିସେମ୍ବର ୯ରେ ଜାରି ହେବାର କାର୍ଯ୍ୟକ୍ରମ ଥିଲା। ଏବେ ଏହା ଡିସେମ୍ବର ୧୬ରେ ଜାରି ହେବ ବୋଲି କୁହାଯାଇଛି। ବିହାର ପରେ ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ଏସ୍‌ଆଇଆର ଅକ୍ଟୋବର ୨୮ରେ ଆରମ୍ଭ ହୋଇଥିଲା। ଏହି ପ୍ରକ୍ରିୟାରେ ଭୋଟର ତାଲିକାର ସଂଶୋଧନ ହେବାର କାର୍ଯ୍ୟକ୍ରମ ଥିଲା। ଏଥିରେ ନୂଆ ଭୋଟରଙ୍କ ନାମ ସାମିଲ କରାଯିବା ସହ ତାଲିକାରେ ଥିବା ତ୍ରୁଟି ସୁଧାର କରାଯିବ। ଆସନ୍ତାବର୍ଷ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ତେଣୁ ଏହି ରାଜ୍ୟରେ ଚାଲିଥିବା ଏସ୍‌ଆଇଆର୍ ପ୍ରକ୍ରିୟା ନେଇ ଚର୍ଚ୍ଚା ଚାଲିଛି। ତେବେ ଆସାମରେ ଏସ୍‌ଆଇଆର୍ ଆରମ୍ଭ କରାଯାଇ ନାହିଁ। ଆସାମରେ ନାଗରିକତା ନେଇ ନିୟମ ଭିନ୍ନ। ତେଣୁ ଏହି ରାଜ୍ୟରେ ଏସ୍‌ଆଇଆର୍‌ର ପ୍ରକ୍ରିୟା ମଧ୍ୟ ଭିନ୍ନ ହେବ ଓ ପରେ ହେବ ବୋଲି ନିର୍ବାଚନ କମିଶନ କହିଛନ୍ତି।

**ଡିସେମ୍ବର ୧୧ ପର୍ଯ୍ୟନ୍ତ ଚାଲିବ ୧୨ ରାଜ୍ୟରେ ଭୋଟର ସଂଶୋଧନ**

**ଫେବୃଆରୀ ୧୪ରେ ଜାରି ହେବ ଅନ୍ତିମ ତାଲିକା**

**ଦୁଇଗୁଣା ହେବ ବିଏଲ୍‌ଓଙ୍କ ଦରମା**

ନିର୍ବାଚନ କମିସନ ବୁଥ ଲେଭୁଲ ଅଫିସର (ବିଏଲ୍‌ଓ)ଙ୍କ ଦରମା ଦୁଇଗୁଣା ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି। ଫଳରେ ବିଏଲ୍‌ଓଙ୍କ ଦରମା ୬,୦୦୦ରୁ ବୃଦ୍ଧି ପାଇଁ ୧୨,୦୦୦ ହେବ ବୋଲି କୁହାଯାଇଛି। ଏହାକୁ ବାଦ ଦେଲେ ରୋଲ ପ୍ରସ୍ତୁତ କରୁଥିବା ଓ ଏଥିରେ ପରିବର୍ତ୍ତନ କରୁଥିବା ବିଏଲ୍‌ଓ ସୁପର ଭାଇଜରଙ୍କ ଦରମା ୧୨ ହଜାରରୁ ୧୮ ହଜାରକୁ ବୃଦ୍ଧି କରାଯାଇଛି। ଯେଉଁ ସରକାରୀ କର୍ମଚାରୀଙ୍କୁ ବିଏଲ୍‌ଓର ଦାୟିତ୍ୱ ଦିଆଯାଇଛି ସେମାନଙ୍କୁ ଦରମା ବ୍ୟତୀତ ଏହି ପାଉଣା ଅଲଗା ଦିଆଯିବ ବୋଲି କୁହାଯାଇଛି। ଶନିବାର ନିର୍ବାଚନ କମିଶନ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରି ୨୦୧୫ରେ ଏଭଳି ପରିବର୍ତ୍ତନ କରାଯାଇଥିଲା ବୋଲି ଉଲ୍ଲେଖ କରିଛନ୍ତି। ପ୍ରଥମଥର ପାଇଁ ଇଲେକ୍ଟୋରାଲ ଅଫିସର୍ସ (ଇଆରଓଏସ୍) ଓ ଆସିଷ୍ଟାଣ୍ଟ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର୍ସ (ଏଇଆରଓଏସ୍)ଙ୍କୁ ମଧ୍ୟ ପାରିଶ୍ରମିକ ତଥା ବେତନ ଦିଆଯିବାକୁ ଘୋଷଣା କରାଯାଇଛି। ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ଚାଲୁଥିବା ଏସ୍‌ଆଇଆର୍ ପ୍ରକ୍ରିୟାରେ ମୋଟ୍ ୫.୩୨ ଲକ୍ଷ ବିଏଲ୍‌ଓ କାର୍ଯ୍ୟ କରୁଛନ୍ତି। ପ୍ରତ୍ୟେକ ବିଏଲ୍‌ଓଙ୍କୁ ପାଖାପାଖି ୯୫୬ ଭୋଟରଙ୍କ ତାଲିକାର ରିଭିଜନ କରିବା ନେଇ ଦାୟିତ୍ୱ ଦିଆଯାଇଛି।

## ପ୍ରେମିକର ହତ୍ୟା ପରେ ମୃତଦେହକୁ ବାହାହେଲେ ପ୍ରେମିକା



**ନୂଆଦିଲ୍ଲୀ,୩୦ ।୧୧(ଏଜେନ୍ସି):** ମହାରାଷ୍ଟ୍ରର ନାନ୍ଦେଡରେ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ଜଣେ ଯୁବତୀ ନିଜ ପ୍ରେମିକଙ୍କ ଶବ ସହ ବିବାହ କରିଛନ୍ତି। ପ୍ରେମିକ ଅନ୍ୟ ଜାତିର ହୋଇଥିବାରୁ ପ୍ରେମିକାର ପରିବାର ଲୋକେ ତାଙ୍କୁ ହତ୍ୟା କରିଥିଲେ। ଏ ନେଇ ଯୁବତୀ ଥାନାରେ ଅଭିଯୋଗ କରିଥିଲେ ଓ ପ୍ରମିକଙ୍କ ମୃତଦେହ ସହ ବିବାହ କରିବାକୁ ଇଚ୍ଛା ଜାହିର କରିଥିଲେ। ପରିବାର ବିରୋଧ ସତ୍ତ୍ୱେ ଯୁବତୀ ଜଣକ ମୃତଦେହ ସହ ବିବାହ କରିଥିଲେ ଓ ନ୍ୟାୟ ପାଇଁ ଲଢ଼େଇ ଜାରି ରଖିବେ ବୋଲି ସଂକଳ୍ପ ନେଇଥିଲେ। ଏହି ଘଟଣା ଆମ ଦେଶରେ ଥିବା କ୍ରୁର ଜାତିଗତ ଭେଦଭାବର ବାସ୍ତବିକତାକୁ ଦର୍ଶାଉଛି। ଏହି ଘଟଣା ନେଇ ପୂରା ମହାରାଷ୍ଟ୍ରରେ ଚର୍ଚ୍ଚା ଚାଲିଛି।

**ପ୍ରେମ ଆଗରେ ହାର ମାନିଲା ଜାତିପ୍ରଥା**


ଅନ୍ୟ ଜାତିର ଝିଅକୁ ପ୍ରେମ କରିବା କାରଣରୁ ଜଣେ ୨୦ ବର୍ଷର ଯୁବକ ସକ୍ଷମ ଟେଟେଙ୍କୁ ମହଙ୍ଗା ପଡିଛି ଓ ଶେଷରେ ତାଙ୍କୁ ଜୀବନ ଦେବାକୁ ହୋଇଛି। ପ୍ରେମିକା ଆଞ୍ଚଲଙ୍କ ବାପା ଓ ଭାଇମାନେ ଯୁବକଙ୍କୁ ବାଡେଇବା ପରେ ଗୁଳି ମାରିଥିଲେ। ପରେ ତାଙ୍କ ମୁଣ୍ଡକୁ ପଥରରେ ଛେଚିଥିଲେ। ମୃତ୍ୟୁପରେ ଯୁବକଙ୍କ ଅନ୍ତିମ ସଂସ୍କାରରେ ଆଞ୍ଚଲ ନିଜ ମଥାରେ ସିନ୍ଦୂର ଲଗାଇଥିଲେ ଓ ତାଙ୍କ ଘରେ ବୋହୂ ହୋଇ ରହିବେ ବୋଲି ପ୍ରତିଜ୍ଞା କରିଥିଲେ। ୩ ବର୍ଷ ତଳେ ନିଜ ଭାଇଙ୍କ ଜରିଆରେ ସକ୍ଷମଙ୍କୁ ଭେଟିଥିଲେ ଆଞ୍ଚଲ। ତାଙ୍କ ଘରକୁ ବରାବର ଯିବା ଫଳରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। କିନ୍ତୁ ଦୁହିଁଙ୍କ ଜାତି ଅଲଗା ହୋଇଥିବାରୁ ଏହି ସମ୍ପର୍କକୁ ଆଞ୍ଚଲଙ୍କ ପରିବାର ବିରୋଧ କରିଥିଲେ। ବାରମ୍ବାର ଧମକ ସତ୍ତ୍ୱେ ଆଞ୍ଚଲ ନିଜର ପ୍ରେମ ସମ୍ପର୍କ ଜାରି ରଖିଥିଲେ। ଯେତେବେଳେ ଆଞ୍ଚଲ ବିବାହ କରିବାକୁ ଯାଉଥିବା କଥା ଜାଣିଲେ, ସେତେବେଳେ ତାଙ୍କ ପରିବାର ଲୋକ ସକ୍ଷମଙ୍କୁ ହତ୍ୟା କରିଥିଲେ। ସକ୍ଷମଙ୍କ ଅନ୍ତିମ ସଂସ୍କାର ବେଳେ ଆଞ୍ଚଲ ତାଙ୍କ ଘରକୁ ଯାଇ ନିଜ ଶରୀରରେ ହଳଦୀ ଲଗାଇବା ସହ ମଥାରେ ସିନ୍ଦୂର ପିନ୍ଧିଥିଲେ ଓ ତାଙ୍କ ମର ଶରୀରକୁ ବିବାହ କରିଥିଲେ। ବାକି ଜୀବନ ସକ୍ଷମଙ୍କ ଘରେ ବିତାଇବାକୁ ସେ କହିଥିଲେ। ଆମ ପ୍ରେମର ବିଜୟ ହେଲା ଓ ମୋ ବାପା ଓ ଭାଇମାନେ ହାରିଯାଇଛନ୍ତି ବୋଲି ଆଞ୍ଚଲ କହିଛନ୍ତି। ପୁଲିସ ଏହି ଘଟଣାରେ ମାମଲା ରୁଜୁ କରିବା ସହ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ନ୍ୟାସନାଲ ହେରାଲ୍ଡ ମାମଲା: ସୋନିଆ, ରାହୁଲଙ୍କ ବିରୋଧରେ ଏତଲା

**ନୂଆଦିଲ୍ଲୀ, ୩୦।୧୧ (ଏଜେନ୍ସି):** ନ୍ୟାସନାଲ ହେରାଲ୍ଡ ମାମଲାରେ କଂଗ୍ରେସ ସାଂସଦ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ବିରୋଧରେ ନୂଆ ଏତଲା ରୁଜୁ କରାଯାଇଛି। ଏହି ଏତଲାରେ ସାମ ପିତ୍ରୋଦା, ସୁମନ ଦୁବେ, ସୁନୀଲ ଭଣ୍ଡାରୀ ଏବଂ ଜଣେ ଅଜ୍ଞାତ ବ୍ୟକ୍ତିଙ୍କ ସହିତ ତିନି କମ୍ପାନୀ ଆସୋସିଏଟେଡ ଜର୍ଣ୍ଣାଲ୍ସ ଲିମିଟେଡ (ଏଜିଏଲ), ଡୋଟେକ୍ସ ମର୍ଚେଣ୍ଡାଇଜ ପ୍ରାଇଭେଟ ଲିମିଟେଡ ଏବଂ ୟଙ୍ଗ ଇଣ୍ଡିଆନର ନାମ ରହିଛି। ଏମାନେ ସମସ୍ତେ ମିଶି ଜାଲିଆତି କରି ଏଜିଏଲ ହାସଲ କରିଥିବା ପୁଲିସ ଏହାର ଏତଲାରେ ଅଭିଯୋଗ କରିଛି। ଅଭିଯୋଗ ଅନୁଯାୟୀ, ୨୦୧୦ରେ ଏଜିଏଲ ପାଖରେ ପ୍ରାୟ ୨ ହଜାର କୋଟି ଟଙ୍କାର ସମ୍ପତ୍ତି ଥିଲା। ଏହି ସମୟରେ ୟଙ୍ଗ ଇଣ୍ଡିଆନକୁ କୋଲାକାତାର ଡୋଟେକ୍ସ ମର୍ଚେଣ୍ଡାଇଜ କୋଟିଏ ଟଙ୍କା ଦେଇଥିଲା। ପରେ କଂଗ୍ରେସକୁ ୫୦ ଲକ୍ଷ ଟଙ୍କା ପରିଶୋଧ କରି ୟଙ୍ଗ ଇଣ୍ଡିଆନ କମ୍ପାନୀ ଏଜିଏଲକୁ ନିଜ ନିୟନ୍ତ୍ରଣକୁ ନେଇ ଯାଇଥିଲା। ୟଙ୍ଗ ଇଣ୍ଡିଆନ କମ୍ପାନୀରେ ରାହୁଲ ଏବଂ ସୋନିଆଙ୍କ ୭୬ ପ୍ରତିଶତ ଅଂଶଧନ ଥିଲା। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ହେଡକ୍ୱାର୍ଟର୍ସ ଇନଭେଷ୍ଟିଗେସନ ୟୁନିଟ (ଏଚଆଇୟୁ)ର ଅଭିଯୋଗ କ୍ରମେ ଅକ୍ଟୋବର ୩ ତାରିଖରେ ଏହି ମାମଲାରେ ଏତଲା ରୁଜୁ କରାଯାଇଥିଲା। ଅନ୍ୟପକ୍ଷରେ କଂଗ୍ରେସ ଏହି ଅଭିଯୋଗକୁ ରାଜନୈତିକ ପ୍ରତିଶୋଧର କାର୍ଯ୍ୟାନୁଷ୍ଠାନ କହିଛି। ବିରୋଧୀଙ୍କୁ ଦବାଇବା ପାଇଁ ଏପରି କରାଯାଉଛି। ଏତଲା ବିଷୟରେ କୌଣସି ସୂଚନା ନ ଥିବା କୁହାଯାଇଛି। କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି ଯେ ମୋଦୀ-ଶାହା ଯୋଡ଼ି କଂଗ୍ରେସର ପ୍ରମୁଖ ନେତୃତ୍ୱଙ୍କ ବିରୋଧରେ ଉତ୍ପୀଡ଼ନ, ଧମକ ଏବଂ ପ୍ରତିଶୋଧ ପରାୟଣର ରାଜନୀତି କରୁଛନ୍ତି।

**ପ୍ରତିଶୋଧର କାର୍ଯ୍ୟାନୁଷ୍ଠାନ: କଂଗ୍ରେସ**





‘ବିରାଟ’ ଶତକ

▶କ୍ରୀଡ଼ା ପୃଷ୍ଠାରେ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-155 ◆MONDAY ◆1 DECEMBER 2025 ◆PAGE-20 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୫୫ ◆ସୋମବାର ◆୧ ଡିସେମ୍ବର ୨୦୨୫ ◆ପୃଷ୍ଠା-୨୦ ◆ଟ.୬.୦୦


# ସ୍ୱନକ୍ଷତ୍ରର ସଂକଳ୍ପ

॥ ମାନସ ମଙ୍ଗରାଜ ॥

କୋଭିଡ୍ ମହାମାରୀର ଭୟଙ୍କର ସମୟ। ଯେଉଁ ସମୟରେ ପାଠକମାନଙ୍କ ପାଇଁ ଏକପ୍ରକାର ଅଛୁଆଁ ହୋଇଯାଇଥିଲା ସମ୍ବାଦପତ୍ର। ସେହି କଷ୍ଟକର ସମୟରେ ଆତ୍ମପ୍ରକାଶ କରିଥିଲା ‘ସକାଳ’। ଭବିଷ୍ୟତରେ ଓଡ଼ିଆ ସମ୍ବାଦପତ୍ରର ଇତିହାସ ଲେଖାଯିବା ବେଳେ ଅତ୍ୟନ୍ତ ପ୍ରତିକୂଳ ସମୟରେ ‘ସକାଳ’ର ଆତ୍ମପ୍ରକାଶ ହୁଏତ ଅବିଶ୍ୱାସ୍ୟ ମନେ ହୋଇପାରେ; ମାତ୍ର ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧି ଶେଷ ଭାଗରେ ‘ସକାଳ’ର ଆବିର୍ଭାବ ରକ୍ତିମ ରେଖାଙ୍କିତ ହୋଇ ରହିବ ନିଶ୍ଚୟ।

କେହି ସ୍ୱୀକାର କରୁ ବା ନ କରୁ ପକ୍ଷପାତ ଏକ ଚରମ ବାସ୍ତବତା। ବର୍ତ୍ତମାନ ସମୟରେ ଏହି ପକ୍ଷପାତ ମୁଖ୍ୟଧାର ଗଣମାଧ୍ୟମ ପ୍ରତି ପାଠକଙ୍କର ବିଶ୍ୱସନୀୟତା ହ୍ରାସ କରିଛି। ଅନୁରୂପ ଭାବରେ ସାମାଜିକ ଗଣମାଧ୍ୟମର ପ୍ରଭାବ ମୁଦ୍ରିତ ଗଣମାଧ୍ୟମ ପ୍ରତି ସୃଷ୍ଟି କରିଛି ସଙ୍କଟ। ପକ୍ଷପାତ ଓ ନିରପେକ୍ଷତା ମଧ୍ୟରେ ସୂକ୍ଷ୍ମ ବିଭାଜନ ରେଖା ସାଧାରଣ ପାଠକଙ୍କୁ ମୁଦ୍ରିତ ଗଣମାଧ୍ୟମଠାରୁ ଦୂରେଇ ନେଉଛି। ଖବର ପ୍ରସାରର ଦ୍ରୁତ ମାଧ୍ୟମ ଏବେ ମୁଦ୍ରିତ ସମ୍ବାଦପତ୍ରଗୁଡ଼ିକରେ ପ୍ରକାଶିତ ଖବରକୁ ଆଉ ତଟକା ରଖିପାରୁନି। ଏପରି ସମୟରେ ସମ୍ବାଦପତ୍ରଗୁଡ଼ିକୁ ନିଜର ସ୍ଥିତି ପାଇଁ ସଂଗ୍ରାମ କରିବାକୁ ପଡୁଛି। ନ୍ୟୁଜ ପ୍ରିଣ୍ଟ, ମୁଦ୍ରଣରେ ବ୍ୟବହୃତ ସାମଗ୍ରୀର ଆକାଶଛୁଆଁ ମୂଲ୍ୟବୃଦ୍ଧି ସବୁ ଖବରକାଗଜକୁ ସଂଘର୍ଷ କରିବାକୁ ବାଧ କରିଛି। ‘ସକାଳ’ ବି ଏଥିରୁ ବାଦ ପଡ଼ିନାହିଁ।

ଏହି ସମୟରେ ସମ୍ବାଦପତ୍ରଗୁଡ଼ିକ ପାଇଁ ସରକାରୀ ପୃଷ୍ଠପୋଷକତା ଏକ ଅନିବାର୍ଯ୍ୟ ଆବଶ୍ୟକତା। ମାତ୍ର ବିଡ଼ମ୍ବନା; ‘ସକାଳ’ ଏଥିରୁ ଏକପ୍ରକାର ବଞ୍ଚିତ। ‘ସକାଳ’ କାହିଁକି ଏହି ପୃଷ୍ଠପୋଷକତାରୁ ବଞ୍ଚିତ, ତାହାର ଉତ୍ତର ଆମ ପାଖରେ ନାହିଁ ଓ ଆମକୁ ଏହାର ଉତ୍ତର ଦେବାକୁ କେହି ଉଚିତ ମଣୁନାହାନ୍ତି । ଏହାସତ୍ତ୍ୱେ ଆମେ ଆମର ଧର୍ମରୁ ବିଚ୍ୟୁତ ହୋଇନାହୁଁ, ପାଠକଙ୍କ ସ୍ୱାର୍ଥରେ ସାଲିସ କରିନାହୁଁ, ଖବରକୁ ମୋଡ଼ି ମକଚି କାହାକୁ ନିଶାଣ କରିନାହୁଁ। ଭଲକୁ ଭଲ, ଖରାପକୁ ଖରାପ କହିବାର ସାମର୍ଥ୍ୟ ରଖିଛୁ। ତଥ୍ୟ ଓ ପ୍ରସଙ୍ଗକୁ ଯଥାସମ୍ଭବ ବସ୍ତୁନିଷ୍ଠ ଓ ନିରପେକ୍ଷ ଭାବରେ ପ୍ରକାଶ କରିବାକୁ ଉଦ୍ୟମ କରି ଆସିଛୁ ଓ ଏହି ନୀତିରେ ଅଟଳ ରହିବାକୁ ସଂକଳ୍ପ ମଧ୍ୟ ନେଇଛୁ। ସ୍ୱୀକାର କରିବାରେ ଦ୍ୱିଧା ନାହିଁ ଯେ ପାଠକମାନଙ୍କର ଆଦର, ଶ୍ରଦ୍ଧା, ଉତ୍ସାହ ଓ ସହଯୋଗ ଆମକୁ ଆମର ମୂଲ୍ୟାୟନ କରିବାକୁ ସୁଯୋଗ ଦେଇଛି। ଆମ ଭିତରେ ଆତ୍ମପ୍ରତ୍ୟୟ ସୃଷ୍ଟି କରିଛି।

ଆଦ୍ୟ ଶୈଶବ ଅତିକ୍ରମ କରି ମଧ୍ୟ ଶୈଶବରେ ପ୍ରବେଶ କରିଛି ‘ସକାଳ’। ପାଞ୍ଚ ପୂରି ଛଅ ବର୍ଷରେ ପାଦ ଦେଇଛି। ଆପଣାଛାଏଁ ଚାଲିବା ଆରମ୍ଭ କରିଛି। ସତକୁ ଅବିକଳ ସତ ଓ ମିଛକୁ ଅବିକଳ ମିଛ ଭାବରେ ପ୍ରକାଶ କରିବୁ ବୋଲି ପ୍ରଥମ ପ୍ରକାଶ ଦିନଠାରୁ ‘ସକାଳ’ ନେଇଥିବା ସଂକଳ୍ପରେ ଅଟଳ ରହିଛି। ପଞ୍ଚମ ସ୍ୱନକ୍ଷତ୍ରରେ ଅନୁଚିନ୍ତା ନୁହେଁ, ଆମେ ଆମର ସଂକଳ୍ପକୁ ଦୋହରାଉଛୁ। ଏହି ସମୟ ମଧ୍ୟରେ ‘ସକାଳ’କୁ କୋଳେଇ କାଖେଇ ଚାଲିବା ଶିଖାଇଥିବା ଆମର ସହୃଦୟ ପାଠକ, ପୃଷ୍ଠପୋଷକ, ବିଜ୍ଞାପନଦାତାଙ୍କୁ ହୃଦୟରୁ କୃତଜ୍ଞତା ଜ୍ଞାପନ କରୁଛୁ। ସବୁ ବାଧାବିଘ୍ନ ଓ ଘାତ ପ୍ରତିଘାତ ଭିତରେ ଯେଉଁ ବିତରକ ଭାଇମାନେ ‘ସକାଳ’କୁ ପ୍ରତି ଘରେ ପହଞ୍ଚାଇ ଆମକୁ ପରିଚୟ ଦେଇଛନ୍ତି, ସେମାନଙ୍କ ନିକଟରେ ଆମେ ନତମସ୍ତକ। ଆପଣମାନେ ଗତ ୫ ବର୍ଷ ହେଲା ଆମକୁ ଦେଇଥିବା ଅଶେଷ ସ୍ନେହ, ଅସୁମାରୀ ଶ୍ରଦ୍ଧାକୁ ଆମେ ପାଶୋରି ନାହୁଁ କି ପାଶୋରି ପାରିବୁ ନାହିଁ। କୃତଜ୍ଞତା ସର୍ବଦା ଶବ୍ଦହୀନ, କୃତଜ୍ଞତା ଜ୍ଞାପନ ସର୍ବଦା ଭାଷାରୁ ଊର୍ଦ୍ଧ୍ୱରେ। ତଥାପି ଆମେ ଅନ୍ତରରୁ ଆପଣମାନଙ୍କୁ ବିନମ୍ର କୃତଜ୍ଞତା ଜ୍ଞାପନ କରୁଛୁ। ବିଗତ ବର୍ଷମାନଙ୍କ ପରି ଆଗାମୀ ବର୍ଷଗୁଡ଼ିକରେ ବି ଆପଣମାନଙ୍କ ଶ୍ରଦ୍ଧା ଓ ସହଯୋଗ ଆମ ପ୍ରତି ଅତୁଟ ରହୁ ବୋଲି କାମନା କରୁଛୁ। ●

ସାଂସଦ, ରାଜ୍ୟସଭା

## ଆଜିଠାରୁ ସଂସଦର ଶୀତକାଳୀନ ଅଧିବେଶନ


# ବିରୋଧୀଙ୍କ ହାତରେ ‘ଏସ୍‌ଆଇଆର୍’ ଅସ୍ତ୍ର

■ ନୂଆଦିଲ୍ଲୀ, ୩୦।୧୧ (ଏଜେନ୍ସି): ଆସନ୍ତାକାଲି ଠାରୁ ଆରମ୍ଭ ହେବାକୁ ଯାଉଛି ସଂସଦର ଶୀତକାଳୀନ ଅଧିବେଶନ। ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର୍ କୁ ନେଇ ସଂସଦରେ ପୁଣି ଅଚଳାବସ୍ଥା ସୃଷ୍ଟି ହୋଇପାରେ। ଆଜି ଅନୁଷ୍ଠିତ ସର୍ବଦଳୀୟ ବୈଠକରୁ ଏଭଳି ସୂଚନା ମିଳିଛି। ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଚାଲିଥିବା ଏସ୍‌ଆଇଆର୍ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛି। ପ୍ରବଳ କାମ ଚାପ ଯୋଗୁଁ ବୁଥ ସ୍ତରୀୟ ଅଧିକାରୀଙ୍କ ମୃତ୍ୟୁ ଓ ଆତ୍ମହତ୍ୟା ଘଟଣାକୁ ନେଇ ବିରୋଧୀ ଦଳମାନେ ଉଦବେଗ ପ୍ରକାଶ କରିଛନ୍ତି। ନିର୍ବାଚନ କମିସନ କାହିଁକି ତରବରିଆ ଭାବେ ଏସ୍‌ଆଇଆର୍ ପ୍ରକ୍ରିୟା ଆଗେଇ ନେବାକୁ ଉଦ୍ୟମ କରୁଛନ୍ତି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ତେଣୁ ଏହା ଉପରେ ବିସ୍ତୃତ ଆଲୋଚନା କରିବାକୁ ବିରୋଧୀ ଦଳ ଦାବି କରିଛନ୍ତି। କିନ୍ତୁ ସରକାର ଏହା ଉପରେ କୌଣସି ପ୍ରତିଶ୍ରୁତି ଦେବାକୁ ମନା କରିଦେଇଛନ୍ତି। ▶ପୃଷ୍ଠା-୧୧

**ସର୍ବଦଳୀୟ ବୈଠକରେ ବିରୋଧୀଙ୍କ ଦାବି**

**ଏସ୍‌ଆଇଆର ଉପରେ ଆଲୋଚନା ହେଉ**

**ପ୍ରତିଶ୍ରୁତି ଦେବାକୁ ମନାକଲେ ସରକାର**



## ସ୍ୱର ଶାଣିତ କରିବ ବିଜେଡି

■ ଭୁବନେଶ୍ୱର, ୩୦।୧୧ (ସମିସ): ଆସନ୍ତାକାଲି ଠାରୁ ଆରମ୍ଭ ହେଉଥିବା ସଂସଦର ଶୀତକାଳୀନ ଅଧିବେଶନରେ ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ଏକାଧିକ ପ୍ରସଙ୍ଗକୁ ଦୃଢ଼ ସ୍ୱରରେ ଉପସ୍ଥାପନ କରିବ ବିଜେଡି। ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତି, ବୃଦ୍ଧି ପାଉଥବା ମହିଳା ଓ ଶିଶୁ ବିରୋଧୀ ହିଂସା, ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି, କୋଇଲା ରାଜଭାଗରେ ସଂଶୋଧନ ପରି ପ୍ରସଙ୍ଗକୁ ବିଜେଡି ଦୃଢ଼ତାର ସହ ଉତ୍ଥାପନ କରିବ। ଅଧିବେଶନରେ ନୂଆପଡ଼ା ଉପନିର୍ବାଚନରେ କିପରି ପ୍ରବଳ ଜାଲିଆତି ହୋଇଛି, ସେନେଇ ମଧ୍ୟ ବିଜେଡି ଗୃହରେ ▶ପୃଷ୍ଠା-୧୧

# ଆଡ଼ବାୟା ପ୍ରଶାସନ

## ଭଡ଼ା ଘରେ ଅଙ୍ଗନବାଡ଼ି, ନିର୍ମାଣ ହେବ ପାଚେରୀ !

■ ଭୁବନେଶ୍ୱର, ୨୯।୧୧ (ସମିସ): ଅଙ୍ଗନବାଡ଼ି ଶିଶୁଙ୍କୁ ବୁଲା କୁକୁର ଓ ଗାଇ ଗୋରୁ ଆକ୍ରମଣ ଭୟ ରହୁଛି। ଏହିକ୍ରମରେ ଆସନ୍ତା ଡିସେମ୍ବର ୩୧ ସୁଦ୍ଧା ସବୁ ଅଙ୍ଗନବାଡି କେନ୍ଦ୍ରରେ ପାଚେରୀ ଓ ଫାଟକ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ସବୁ ଜିଲ୍ଲାପାଳଙ୍କୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ମହିଳା ଓ ଶିଶୁ ବିକାଶ ବିଭାଗ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଛି। ମାତ୍ର ବିଡ଼ମ୍ବନା ହେଉଛି ରାଜ୍ୟରେ ୨୦୧୫୦ ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଘର ନାହିଁ; ଏପରିକି ଘର ପାଇଁ ଜମି ଆବଣ୍ଟନ ହୋଇନାହିଁ। ଅଧିକାଂଶ ସ୍ଥାନରେ ନିଜସ୍ୱ ଘର ଅଭାବରୁ ଭଡ଼ାଘର, ନିକଟସ୍ଥ ସ୍କୁଲ ବା ସାଧାରଣ ଲୋକଙ୍କ ଦୟାରେ ଅଙ୍ଗନବାଡ଼ି କେନ୍ଦ୍ର ଚାଲୁଛି। ଏଠାରେ କିପରି ପାଚେରୀ ନିର୍ମାଣ କରାଯାଇ ଫାଟକ ଲଗାଯିବ ତାହାକୁ ନେଇ ପ୍ରଶ୍ନ ଉଠିଛି। କିଛିଦିନ ତଳେ ବୁଲା ଗାଇଗୋରୁ ଓ ▶ପୃଷ୍ଠା-୧୧

**୨୦୧୫୦ ଅଙ୍ଗନବାଡି କେନ୍ଦ୍ରର ନାହିଁ ନିଜସ୍ୱ ଘର**

**ମାସକରେ କେମିତି କାର୍ଯ୍ୟକାରୀ ହେବ ନିର୍ଦ୍ଦେଶ**

# ଆଜି ଦୌଡ଼ିବ ଓଡ଼ିଶା



**‘ସକାଳ’ର ୫ମ ସ୍ୱନକ୍ଷତ୍ର ଅବସରରେ ୫ ସ୍ଥାନରେ ମିନି ମାରାଥନ୍**

**ରାଜ୍ୟସ୍ତରୀୟ ବିତର୍କରେ ଭାଗନେବେ ୩୦ ଜିଲ୍ଲାର ଶ୍ରେଷ୍ଠ ପ୍ରତିଯୋଗୀ**

■ ଭୁବନେଶ୍ୱର, ୩୦।୧୧ (ସମିସ): ଦୈନିକ ଓଡ଼ିଆ ସମ୍ବାଦପତ୍ର ‘ସକାଳ’ର ପଞ୍ଚମ ସ୍ୱନକ୍ଷତ୍ର ଦିବସ ଅବସରରେ ‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ ପକ୍ଷରୁ ସୋମବାର ରାଜ୍ୟର ୫ଟି ସହରରେ ଅନୁଷ୍ଠିତ ହେବ ‘ମିନି ମାରାଥନ’। ଭୁବନେଶ୍ୱର, ବାଲେଶ୍ୱର, ସମ୍ବଲପୁର, ଜୟପୁର ଏବଂ ରାଉରକେଲାରେ ମାରାଥନ ନିମନ୍ତେ ସକାଳ ୫ଟାରୁ ପଞ୍ଜୀକରଣ ହେବ ଓ ସକାଳ ୬ଟାରେ ମିନି ମାରାଥନକୁ ବିଶିଷ୍ଟ ଅତିଥିମାନେ ପତାକା ହଲାଇ ଉଦ୍‌ଘାଟନ କରିବେ। ଉଦ୍‌ଯାପନ ଉତ୍ସବରେ କୃତୀ ▶ପୃଷ୍ଠା-୧୧





Authorized Dealers: Bhubaneswar: Rohan Hero - 9289922474, Bharat Hero - 9289922180, Arundhati Hero - 9289923183, DD Hero - 9439650824, Jatni: Vishal Hero - 9289922984, Nayagarh: Bhagabati Hero - 9289922687, Puri: Sanjib Hero - 9289923107, Authorized HeroSure Dealers: Bhubaneshwar: Arundhati Motobikes - 7682841658, Associate Dealers: Nimapara: Basudev Automobiles - 9861020724, Pipili: Shri Ram Motors - 9437110789, Balugaon: Mahamayee Motors - 9437004624, Khurdha: Dinesh Trading Co. - 9778097876, Sakhigopal: Sai Motors - 9439765820, Begunia: Rashmi Automobiles - 9178316145, Balipatna: Jagannath Motors - 7064309702, Chandpur: Apsara - 9861418161, Banamalipur: Duladei Motors - 7735425890, Sunderpada: Basudev Motors - 6371525029, Nakhra: S.G. Automobiles - 9778779778.

RS/Hero/11/25

● ଏସସିବି ଟ୍ରମା କାଜୁଆଲ୍‌ଟିରେ ଉତ୍ତେଜନା

# ଜରୁରିକାଳୀନ ରୋଗୀଙ୍କୁ ୪ ଘଣ୍ଟା ଅପେକ୍ଷା

କଟକ,୩୦।୧୧(ସମିସ)



କଟକ ବଡ଼ ଡାକ୍ତରଖାନା (ଏସସିବି)ର ଟ୍ରମା କାଜୁଆଲିଟି ବିଭାଗରେ ପୁଣି ଥରେ ଚିକିତ୍ସା ଅବହେଳାର ଏକ ସାଙ୍ଘାତିକ ଚିତ୍ର ଦେଖିବାକୁ ମିଳିଛି। ଜଣେ ସଡ଼କ ଦୁର୍ଘଟଣାଗ୍ରସ୍ତ ଗୁରୁତର ରୋଗୀଙ୍କୁ ଡାକ୍ତରଙ୍କ ଅନୁପସ୍ଥିତି ଓ କର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ପ୍ରାୟ ୪ ଘଣ୍ଟା କାଳ ବିନା ଚିକିତ୍ସାରେ ଅପେକ୍ଷା କରିବାକୁ ପଡ଼ିଛି। ଏହି ଘଟଣାକୁ ନେଇ ରୋଗୀ ସମ୍ପର୍କୀୟ ଏବଂ ସୁରକ୍ଷା କର୍ମୀଙ୍କ ମଧ୍ୟରେ ପାଟିତୁଣ୍ଡ ସହ ହାତାହାତି ପରିସ୍ଥିତି ସୃଷ୍ଟି ହେବା ଫଳରେ କିଛି ସମୟ ପାଇଁ ଟ୍ରମା କାଜୁଆଲିଟିରେ ଉତ୍ତେଜନା ଦେଖାଦେଇଥିଲା। ଯାଜପୁର ଅଞ୍ଚଳର ଅଜୟ ସାହୁ (୨୨) ନାମକ ଜଣେ ଯୁବକ ରବିବାର ଅପରାହ୍ଣ ପ୍ରାୟ ୨ଟା ସମୟରେ ବାଖରାବାଦ ନିକଟରେ ସଡ଼କ ଦୁର୍ଘଟଣାର ଶିକାର ହୋଇଥିଲେ। ଜଣେ ମଦ୍ୟପଙ୍କ ଧକ୍କାରେ ତାଙ୍କ ଆଖିପତା ଫାଟିଯାଇ ପ୍ରବଳ ରକ୍ତସ୍ରାବ ହେବା ସହ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ପ୍ରାଥମିକ ଚିକିତ୍ସା ପରେ ସିଟି ହସ୍ପିଟାଲରୁ ତାଙ୍କୁ ତୁରନ୍ତ ଏସସିବିର ଟ୍ରମା କାଜୁଆଲିଟିକୁ ସ୍ଥାନାନ୍ତର କରାଯାଇଥିଲା। ରୋଗୀଙ୍କୁ ଅପରାହ୍ଣ ୨ଟା ୩୦ ମିନିଟ୍‌ରେ ଟ୍ରମା କାଜୁଆଲିଟିରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ଉପସ୍ଥିତ ନ ଥିବାରୁ ଚିକିତ୍ସା ଆରମ୍ଭ ହୋଇପାରି ନ ଥିଲା। ଏପରିକି ଚିକିତ୍ସା ଅଭାବରୁ ଅଜୟଙ୍କ ଆଖି ହଠାତ୍ ନୀଳ ପଡ଼ିବାକୁ ଲାଗିଥିଲା। ରୋଗୀର ଗୁରୁତର ଅବସ୍ଥା ଦେଖି ସମ୍ପର୍କୀୟମାନେ ଦାୟିତ୍ୱରେ ଥିବା କର୍ମଚାରୀ ଓ ଅଧିକାରୀଙ୍କୁ ବାରମ୍ବାର ନିବେଦନ କରିଥିଲେ। ମାତ୍ର କିଛି କର୍ମଚାରୀ ସହାୟତା କରିବା ପରିବର୍ତ୍ତେ ନିଜ ନିଜ ମୋବାଇଲରେ ବ୍ୟସ୍ତ ରହି ଗପସପ କରୁଥିବା ସମ୍ପର୍କୀୟମାନେ ଅଭିଯୋଗ କରିଥିଲେ। ଏହାକୁ ନେଇ ରୋଗୀ ସମ୍ପର୍କୀୟ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ଓ ହୋ-ହଲ୍ଲା ସୃଷ୍ଟି ହୋଇଥିଲା। ପରିସ୍ଥିତି ଉଗ୍ର ରୂପ ନେବାରୁ କିଛି ସୁରକ୍ଷାକର୍ମୀ ଜଣେ ସମ୍ପର୍କୀୟଙ୍କ ମୋବାଇଲ୍ ଛଡ଼ାଇ ନେଇଥିବା ଅଭିଯୋଗ ମଧ୍ୟ ହୋଇଛି। ଶେଷରେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମାମଲାକୁ ଶାନ୍ତ କରିଥିଲା। ଦିନ ୨ଟା ୩୦ ମିନିଟ୍‌ରେ ଆସିଥିବା ରୋଗୀଙ୍କୁ ପ୍ରାୟ ସନ୍ଧ୍ୟା ୫ଟା ୩୦ ମିନିଟ୍ ପରେ ଅର୍ଥାତ୍ ୩ ଘଣ୍ଟା ପରେ ଚିକିତ୍ସା ମିଳିପାରିଥିଲା। ଏସସିବି ଭଳି ରାଜ୍ୟର ସର୍ବବୃହତ୍ ଚିକିତ୍ସାଳୟର ଜରୁରୀକାଳୀନ ଟ୍ରମା କାଜୁଆଲିଟିରେ ଏଭଳି ଚିକିତ୍ସା ଏବଂ ସମୟାନୁବର୍ତ୍ତିତାର ଅଭାବ ଘୋର ଅସନ୍ତୋଷ ସୃଷ୍ଟି କରିଛି। ରୋଗୀଙ୍କ ପ୍ରତି ଉତ୍ତମ ବ୍ୟବହାର ଓ ଜରୁରୀ ସେବା ଯୋଗାଇବାରେ ବିଳମ୍ବକୁ ନେଇ ସାଧାରଣରେ ପ୍ରଶାସନ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

● ବିନା ଚିକିତ୍ସାରେ ଗୁରୁତରଙ୍କ ଅବସ୍ଥା ସାଙ୍ଘାତିକ
● ଡାକ୍ତର ଅନୁପସ୍ଥିତ, କର୍ମଚାରୀ ମୋବାଇଲରେ ବ୍ୟସ୍ତ

# ଶ୍ରୀଜଗନ୍ନାଥଙ୍କ ବିଧିବିଧାନରେ ମାନବୀୟ ଚେତନା ରୂପାୟିତ

**କଟକ,୩୦।୧୧(ସମିସ):** ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ରବିବାର ସନ୍ଧ୍ୟାରେ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ 'ଶ୍ରୀଜଗନ୍ନାଥ ଦର୍ଶନରେ




ମାନବୀୟ ଚେତନା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତିର ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ କହିଲେ ଯେ, ଓଡ଼ିଶାର ଜନଜୀବନ ସହ ଯୋଡ଼ି ହୋଇ ରହିଛନ୍ତି ଶ୍ରୀଜଗନ୍ନାଥ। ଶ୍ରୀଜଗନ୍ନାଥଙ୍କ ଦର୍ଶନରେ ମାନବୀୟ ଚେତନା ତାଙ୍କର ପ୍ରତିଟି ପର୍ବପର୍ବାଣିରେ ପ୍ରତିଫଳିତ। ଉତ୍କଳ ସାହିତ୍ୟ ସମାଜ ହେଉଛି ସାହିତ୍ୟର ଏନ୍ତୁଡ଼ିଶାଳ ଏବଂ ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆ ସାହିତ୍ୟର ଆତ୍ମସାର। ଏଥିରେ ବରେଣ୍ୟ ଅତିଥି 'ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ'ର ସଭାପତି ପୀତବାସ ରାଉତରାୟ ପଣ୍ଡିତ ନୀଳକଣ୍ଠ ଦାସ, ଜନ୍ ବୀମ୍‌ସଙ୍କ ପରି ବିଦ୍ୱାନ୍‌ଙ୍କ ଗବେଷଣା ସଂପର୍କରେ ଉଲ୍ଲେଖ କରିଥିଲେ। ମୁଖ୍ୟବକ୍ତା 'ପୌରୁଷ' ସଂପାଦକ ଡକ୍ଟର ଅସିତ ମହାନ୍ତି ସ୍କନ୍ଦ ପୁରାଣଠାରୁ ଭବିଷ୍ୟ ପୁରାଣ ପର୍ଯ୍ୟନ୍ତ ଗ୍ରନ୍ଥରୁ ତଥ୍ୟ ଉପସ୍ଥାପନ କରି ଦ୍ୱାରପାଳ ପୂଜା, ରଥଯାତ୍ରାରେ ହେଉଥିବା ରଥଯାତ୍ରାର ବିଭିନ୍ନ ବିଧିରେ ମାନବୀୟ ଚେତନାର ବାର୍ତ୍ତା ରହିଛି ତାହା ପ୍ରକାଶ ପାଇଛି। ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ଶେଖର ଘୋଷ, ତନ୍ମୟ ହୋତା, ଦୀପ୍ତି ଦାଶ ଓ କସ୍ତୁରୀ ସ୍ୱାଇଁ ଭକ୍ତିସଂଗୀତ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ ମନୋରଞ୍ଜନ ଅଧିକାରୀ ଓ ବିଭୁଦତ୍ତ ମଲ୍ଲ। ପ୍ରାରମ୍ଭରେ ଅନୁଷ୍ଠାନର କୋଷାଧ୍ୟକ୍ଷ ଦିଲ୍ଲୀପ ଦାସ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲାବେଳେ ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ ସ୍ୱାଗତ ଭାଷଣ ଓ ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ ଅତିଥି ପରିଚୟ ଓ କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ। ସଂଗଠନ ସଂପାଦକ ଶଶିକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ। ବିଶିଷ୍ଟ ବୁଦ୍ଧିଜୀବୀ ଓ ସାହିତ୍ୟିକମାନଙ୍କ ସମେତ ଉତ୍କଳ ସାହିତ୍ୟ ସମାଜର ପାଠାଗାର ସଂପାଦକ ବ୍ରହ୍ମାନନ୍ଦ ମହାନ୍ତି, କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ଆଦିତ୍ୟ ପ୍ରତାପ ଧଳ, ବୈଜୟନ୍ତୀମାଳା ଶତପଥୀ, ଅମିତାଭ ଖିଲାର, ରଘୁ ସାହୁ, ଡ. ଧରଣୀଧର ନାଥ, ଗୀତାଞ୍ଜଳି ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

'ଶ୍ରୀଜଗନ୍ନାଥ ଦର୍ଶନରେ ମାନବୀୟ ଚେତନା' ଶୀର୍ଷକ ଆଲୋଚନାଚକ୍ର

# ଓସ୍ତପାଡ଼ ଶାଖା ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ କଥାମୃତ

**କଟକ,୩୦।୧୧(ସମିସ):** ନୂଆ ଭୁବନେଶ୍ୱର, ଓସ୍ତପଡା ଚାରଣ ଶାଖାର ଦଳପତି ଚନ୍ଦନ ସାହୁଙ୍କ ପ୍ରଚେଷ୍ଟାରେ ଶ୍ରୀଜଗନ୍ନାଥ ଦିବ୍ୟ କଥାମୃତ ଅନୁଷ୍ଠିତ ହୋଇଯାଇଛି। ଇଷ୍ଟଦେବୀ ମାଆ ଶାଙ୍କେନୀ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ସେବାୟତ ବଳଭଦ୍ର ମହାପାତ୍ର ଏବଂ ଚୈତନ୍ୟ ଚେତନା ଆଶ୍ରମର ମଠାଧୀଶ ସ୍ୱାମୀ ଭକ୍ତି ବିଜ୍ଞାନ ଅକିଞ୍ଚନ ମହାରାଜ ଯୋଗଦାନ କରି ମହାପ୍ରଭୁଙ୍କ ଦିବ୍ୟ ଚେତନା ଉପରେ ପ୍ରବଚନ ରଖିଥିଲେ। କଟକ ଜିଲ୍ଲା ସଂଗଠକ ତରଣୀସେନ ଲେଙ୍କା ମହାପ୍ରଭୁଙ୍କ ସାଜସଜ୍ଜା କରିଥିଲେ। ଅନୁଷ୍ଠାନର ସମ୍ପାଦକ ଡଃ ଶୁଭେନ୍ଦୁ ସ୍ୱାଇଁଙ୍କ ତତ୍ତ୍ୱବଧାନରେ ଗ୍ରାମେ ଗ୍ରାମେ ମହାପ୍ରଭୁଙ୍କ ଦିବ୍ୟ ଚେତନା ପ୍ରଚାର କାର୍ଯ୍ୟକ୍ରମ ଯୋରଦାର ଭାବରେ ଚାଲୁଥିବା ବେଳେ ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପଦେଷ୍ଟା ପଣ୍ଡିତ ଲିଙ୍ଗରାଜ ପତି ମହାପ୍ରଭୁଙ୍କ ଆଜ୍ଞା ନେଇ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ମଧୁପୁର ଶାଖା ଦଳପତି ଭାସ୍କର ପ୍ରଧାନ, ବାଲିପଡା ଶାଖା ଦଳପତି ଉମେଶ ବସ୍ତିଆ, ବାରଙ୍ଗ ଶାଖା ବରିଷ୍ଠ ଚାରଣ ଦିଲ୍ଲୀପ ପାଣି, ଖାନନଗର ଶାଖା ଦଳପତି ବସନ୍ତ ସାହୁ, କାଜିଡିହ ଶାଖା ଦଳପତି ସତ୍ୟନାରାୟଣ ସେନାପତି, ପିଠାପୁର ଶାଖାର ଯୁବ ଚାରଣ ଇଂ ତାରେଣୀ ରଥ, ରୀନା ବସ୍ତିଆ, ଜଗତପୁର ଶାଖା ଉପଦଳପତି ସୁଶୀଳ ବେହେରା ସମେତ ବହୁତ ଚାରଣମାନେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ଓସ୍ତପଡା ଶାଖାର ସମସ୍ତ ସଭ୍ୟମାନଙ୍କୁ ଅନୁଷ୍ଠାନର ପରିଚୟପତ୍ର ପ୍ରଦାନ କରାଯାଇଥିଲା। ସେହି ଗ୍ରାମପଞ୍ଚାୟତର ସରପଞ୍ଚ ଓ ମନ୍ଦିର ଶିଳ୍ପୀଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ମହାପ୍ରଭୁ ନିକଟରେ ମଙ୍ଗଳ ଆଳତି ପରେ ସମସ୍ତଙ୍କୁ ମହାପ୍ରସାଦ ବଣ୍ଟନ କରାଯାଇଥିଲା।








# ଆପାର୍ଟମେଣ୍ଟ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାରରେ ଲାଗୁନି ସିସିଟିଭି

**କଟକ,୩୦।୧୧(ସମିସ):** କମିସନରେଟ୍ ପୁଲିସ ସହରରେ ସିସି କ୍ୟାମେରା ଲଗାଇବା ଉପରେ ଗୁରୁତ୍ୱ ଦେଉଛି ସତ କିନ୍ତୁ ଏହା ଫଳପ୍ରଦ ହେଉ ନାହିଁ। କଟକ ସହରରେ 'ସହଭାଗିତା' ଯୋଜନା ମାଧ୍ୟମରେ ବିଭିନ୍ନ ସ୍ଥାନରେ ସିସି କ୍ୟାମେରା ଲଗାଯାଇଛି। ସମ୍ପ୍ରତି ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ଅତ୍ୟାଧୁନିକ ସିସି କ୍ୟାମେରା ବେଶ୍ ସହାୟ ହେଉଛି। ଯଦିଓ କମିସନରେଟ୍ ପୁଲିସ ଏଥି ନିମନ୍ତେ ଅର୍ଥ ବିନିଯୋଗ କରିନାହିଁ ସହରର ପୂଜା କମିଟି, ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ କାର୍ଯ୍ୟକ୍ଷମ ହେଉଛି ଏହି 'ସହଭାଗିତା' ଯୋଜନା। ଏହି ଯୋଜନା ମାଧ୍ୟମରେ ଡିସିପିଙ୍କ କାର୍ଯ୍ୟାଳୟରେ ଥିବା କଣ୍ଟ୍ରୋଲ୍ ରୁମ୍‌ରେ ୫୭୭ଟି ସିସି କ୍ୟାମେରା ସିଧା ପ୍ରସାରଣ(ଲାଇଭ୍) କରାଯାଉଛି। ପୁଲିସ କମିସନର କଟକ ସହରରେ ଥିବା ଆପର୍ଟମେଣ୍ଟଗୁଡ଼ିକରେ ସିସି କ୍ୟାମେରା ଲଗାଇବା ବାଧ୍ୟତାମୂଳକ ବୋଲି ସୂଚନା ଦେଇଥିଲେ। ସମ୍ପୃକ୍ତ ଆପର୍ଟମେଣ୍ଟ ମାଲିକମାନେ ନିରାପତ୍ତା ପାଇଁ ଏଣ୍ଟ୍ରି ଓ ଏକ୍‌ଜିଟ୍ ପଏଣ୍ଟରେ ହାଇଡେଫିନେସନ୍ କ୍ୟାମେରା ଲଗାଇବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସିସି କ୍ୟାମେରାର ରେକର୍ଡିଂ ଫିଡ୍‌କୁ ଡିସିପିଙ୍କ କାର୍ଯ୍ୟାଳୟରେ ଥିବା କଣ୍ଟ୍ରୋଲ ରୁମ୍‌କୁ ଦେବାକୁ କମିଶନର ଏସ୍ ଦେବଦତ୍ତ ସିଂ କହିଥିଲେ। ହେଲେ ଏହି ଘୋଷଣାରେ ୯ମାସ ବିତି ଯାଇଥିବା ବେଳେ ଏପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇ ପାରୁନାହିଁ।

ପୁଲିସ ସୂଚନା ଅନୁସାରେ, ଆପର୍ଟମେଣ୍ଟରେ ଥିବା ବାସିନ୍ଦା କଲ୍ୟାଣ ସଂଘ ଗୁଡ଼ିକ ଆପାର୍ଟମେଣ୍ଟର ପ୍ରବେଶ ଏବଂ ପ୍ରସ୍ଥାନ ପଏଣ୍ଟ ଗୁଡ଼ିକରେ କ୍ୟାମେରା ଲଗାଇବା ପରେ କମିଶନରେଟ ପୁଲିସର କଣ୍ଟ୍ରୋଲ୍ ରୁମରେ ତାହା ସଂଯୋଗ କରବାକୁ ପୁଲିସ ସହିତ ଯୋଗଯୋଗ କରିବେ। ଦାୟିତ୍ୱରେ ଥିବା ଏସିପିଙ୍କୁ ମୋବାଇଲ ୭୭୦୭୦୬୭୭୬୬ରେ ଯୋଗାଯୋଗ କରିବେ। ଏହାକୁ ତଦାରଖ କରିବାକୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଚଳିତ ବର୍ଷ ଉଭୟ କଟକ ଓ ଭୁବନେଶ୍ୱରରେ ଥିବା ଆପାର୍ଟମେଣ୍ଟଗୁଡ଼ିକରେ ୬୫ ଚୋରି ମାମଲା ପଞ୍ଜିକୃତ ହୋଇଛି। ଅନ୍ୟପଟେ ଆପାର୍ଟମେଣ୍ଟଗୁଡ଼ିକରେ ଘର ମାଲିକ ରହୁଛନ୍ତି କିମ୍ବା ତାହାକୁ ଭଡ଼ା ଲଗାଯାଇଛି, ସେ ସମ୍ପର୍କରେ ସ୍ଥାନୀୟ ଥାନାରେ ସବିଶେଷ ତଥ୍ୟ ଦେବା ପାଇଁ ପୁଲିସ କହିଛି। ଏ ବାବଦରେ ଏଡିସିପି ଦେବଦତ୍ତ କରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ସମସ୍ତ ଜୋନ୍‌ର ଏସିପି ଓ ସ୍ଥାନୀୟ ଥାନା ଗୁଡ଼ିକର ଆଇଆଇସିଙ୍କୁ ଏ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି। ଆପାର୍ଟମେଣ୍ଟ ମାଲିକ ଏବଂ ବାସିନ୍ଦା କଲ୍ୟାଣ ସଂଘଗୁଡ଼ିକ ସହଯୋଗରେ କଟକ ସହରରେ ଥିବା ସମସ୍ତ ଆପର୍ଟମେଣ୍ଟରେ ସିସି କ୍ୟାମେରା ଲଗାଯିବ। ୧ ମାସ ମଧ୍ୟରେ ଏହି କାର୍ଯ୍ୟ ଶେଷ କରିବାକୁ ପ୍ରଚେଷ୍ଟା କରାଯାଉଛି ବୋଲି ସେ କହିଛନ୍ତି।

ବିଶେଷ କରି କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, ଚଣ୍ଡିଛକ, ବକ୍ସିବଜାର, ମହାନଦୀବିହାର, ସିଡିଏ, ତ୍ରିଶୂଳିଆ, ବାରଙ୍ଗ ଅଞ୍ଚଳରେ ଅନେକ ଆପାର୍ଟମେଣ୍ଟ ରହିଛି। ସ୍ଥାନୀୟ ଥାନାଗୁଡ଼ିକୁ ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ସିସି କ୍ୟାମେରା ଲଗାଇବା ସମ୍ପର୍କରେ ସୂଚନା ଦିଆଯାଇଛି। ଯେଉଁଠାରେ ଏହି ଯୋଜନା କାର୍ଯ୍ୟକାରୀ ହେବ ନାହିଁ ସେଠାରେ ପୁଲିସ ନିଜ ପକ୍ଷରୁ ସିସି କ୍ୟାମେରା ଲଗାଇବାକୁ ଉଦ୍ୟମ କରିବ ବୋଲି ଜଣାପଡ଼ିଛି।

● ଆପର୍ଟମେଣ୍ଟ କଲ୍ୟାଣ ସଂଘ ଓ ପୁଲିସ ମଧ୍ୟରେ ତାଳମେଳ ନାହିଁ
● ୧୦୦ରୁ ଅଧିକ ଆପର୍ଟମେଣ୍ଟରେ ନାହିଁ ସିସିଟିଭି

# ୭ରେ ଜିଲ୍ଲା ସ୍ତରୀୟ ବିଜ୍ଞାନମେଳା

**କଟକ,୩୦।୧୧(ସମିସ):** ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ହେଲ୍ପ ଦି ହ୍ୟୁମାନିଟି ପକ୍ଷରୁ ଆସନ୍ତା ୭ ତାରିଖରେ ଜିଲ୍ଲାସ୍ତରୀୟ ବିଜ୍ଞାନମେଳା ଆୟୋଜନ ହେବ। ପୋତାପୋଖରୀ ନେତାଜୀ ପଡ଼ିଆରେ ହେବାକୁ ଥିବା ଏହି ମେଳାରେ ଜିଲ୍ଲାର ୩୦ରୁ ଅଧିକ ବିଦ୍ୟାଳୟର ପ୍ରତିଯୋଗୀ ଭାଗ ନେବେ। ଛାତ୍ରଛାତ୍ରୀଙ୍କ ବୈଜ୍ଞାନିକ ମଡେଲ୍, ନୂତନ ଆବିଷ୍କାର ପ୍ରକଳ୍ପ, ପରିବେଶ ସଚେତନତା, ବିଜ୍ଞାନ ପରୀକ୍ଷଣ ପ୍ରକାଶ କରିବାର ଏହା ମାଧ୍ୟମ ହେବ ବୋଲି ଟ୍ରଷ୍ଟ ପକ୍ଷରୁ ପ୍ରେସ ବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ଏହାଦ୍ୱାରା ସମ୍ପୃକ୍ତ ପ୍ରତିଯୋଗୀଙ୍କ ବୈଜ୍ଞାନିକ ଅଭିବୃଦ୍ଧି ଘଟିବ। ସେନେଇ ଆଶାୟୀ ପ୍ରତିଯୋଗୀ ମୋବାଇଲ ନମ୍ବର ୮୬୫୮୫୬୪୪୮ରେ ଯୋଗାଯୋଗ କରିବାକୁ ନିବେଦନ କରାଯାଇଛି।






























# ୪ ଦିନ ପର୍ଯ୍ୟନ୍ତ ହାଲୁକା ଥଣ୍ଡା

ଭୁବନେଶ୍ୱର,୩୦ ।୧୧(ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ଯୋଗୁଁ ରାଜ୍ୟରେ ଶୀତର ପ୍ରଭାବ ହ୍ରାସ ପାଇଛି । ବର୍ତ୍ତମାନ ରାଜ୍ୟକୁ ସମୁଦ୍ର ମଧ୍ୟରୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବାହ ବଢ଼ିଛି । ଆସନ୍ତା ୩-୪ ଦିନ ପର୍ଯ୍ୟନ୍ତ ଏହି ସ୍ଥିତି ଜାରି ରହିବା ସହ ରାଜ୍ୟରେ ଥଣ୍ଡାର ପ୍ରଭାବ କମ୍ ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି । ଏହାପରେ ପୁଣି ତାପମାତ୍ରା ହ୍ରାସ ପାଇବ ବୋଲି ଅନୁମାନ କରାଯାଇଛି । ତେବେ ତାପମାତ୍ରା କମିଥିଲେ ମଧ୍ୟ ରାଜ୍ୟର ଅଧିକାଂଶ ସ୍ଥାନରେ ଘନ କୁହୁଡ଼ି ଦେଖିବାକୁ ମିଳିଛି । ରବିବାର ସକାଳ ପର୍ଯ୍ୟନ୍ତ ସୁନ୍ଦରଗଡ଼, କନ୍ଧମାଳ, କୋରାପୁଟ ଓ କଳାହାଣ୍ଡି ଆଦିରେ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି । ଅନ୍ୟପଟେ ବାତ୍ୟା ବର୍ତ୍ତମାନ ଆନ୍ଧ୍ର ମୁହାଁ ହେଉଛି । ଏହାଦ୍ୱାରା ଆନ୍ଧ୍ରରେ ବର୍ଷା ବଢ଼ିବା ସହ ସୋମବାର ଦକ୍ଷିଣ ଓଡ଼ିଶାର କିଛି କିଛି ସ୍ଥାନରେ ବର୍ଷା ଆଶଙ୍କା କରାଯାଇଛି । ପାଣିପାଗ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ସୋମବାର ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାର କିଛି କିଛି ସ୍ଥାନରେ ଛିଟା ଛିଟା ବର୍ଷା ଆଶଙ୍କା ରହିଛି । ଏହି ଜିଲ୍ଲାଗୁଡ଼ିକୁ ଛାଡ଼ି ଦେଲେ ବାକି ଓଡ଼ିଶାରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ ଜାରି କରାଯାଇଛି ।

# ‘ସାମ୍ପ୍ରତିକ ସମାଜର ମାର୍ଗଦର୍ଶନ କରିପାରିବ ଆଦିବାସୀ ସଂସ୍କୃତି’

ଭୁବନେଶ୍ୱର,୩୦।୧୧(ସମିସ): ସମାଜରେ ଯଦି ଜନଜାତି ସଂସ୍କୃତି ଓ ପରମ୍ପରାକୁ ଅନୁସରଣ କରାଯାଏ ତେବେ ବର୍ତ୍ତମାନ ସମାଜରେ ଉପୁଜୁଥିବା ଅନେକ ସମସ୍ୟାର ସମାଧାନ ହୋଇପାରିବ । ଜନଜାତି ସଂସ୍କୃତିରେ ଯୌତୁକ ପ୍ରଥା ନାହିଁ ଓ ଆଦିବାସୀ ସମାଜରେ ମହିଳାଙ୍କୁ ଅନେକ ସମ୍ମାନ ପ୍ରଦାନ କରାଯାଏ ବୋଲି ତୃତୀୟ ସୋଆ ସାହିତ୍ୟ ଉତ୍ସବର ଦ୍ୱିତୀୟ ଦିନରେ ଅତିଥି ରୂପେ ଯୋଗ ଦେଇ କହିଛନ୍ତି ବିଶିଷ୍ଟ ସାନ୍ତାଳୀ ଲେଖିକା ପଦ୍ମଶ୍ରୀ ଦମୟନ୍ତୀ ବେସ୍ରା ।

ସେ କହିଛନ୍ତି ଯେ ଓଡିଶାର ଜନଜାତି ସମ୍ପ୍ରଦାୟ ମହାପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଏବଂ ତାଙ୍କର ଭଉଣୀ ଦେବୀ ସୁଭଦ୍ରାଙ୍କୁ ଆରାଧନା କରିଥାନ୍ତି । ସାରା ରାଜ୍ୟର ସାନ୍ତାଳ, କନ୍ଧ, ଶବର ସମ୍ପ୍ରଦାୟ ମଧ୍ୟ ତିନି ଠାକୁରଙ୍କୁ ଆରାଧ୍ୟ ଦେବତା ଭାବେ ବିବେଚନା କରିଥାନ୍ତି । ମାତ୍ର ୬୪ଟି ଜନଜାତି ଭାଷାର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦିଆ ନ ଯିବା ଚିନ୍ତାର ବିଷୟ ଓ ଏହାଦ୍ୱାରା ଆଦିବାସୀ ପିଲାମାନେ ଏହି ସବୁ ଭାଷାର ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ବୋଲି ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି ।

## ସୂର୍ଯ୍ୟସ୍ନାତ ତ୍ରିପାଠୀଙ୍କୁ ସୋଆ ଯୁବ ସାହିତ୍ୟ ସମ୍ମାନ ପ୍ରଦାନ

ଏହି ଅବସରରେ ଯୁବ ସାହିତ୍ୟିକ ସୂର୍ଯ୍ୟସ୍ନାତ ତ୍ରିପାଠୀଙ୍କୁ ତାଙ୍କ କ୍ଷୁଦ୍ର ଗଳ୍ପ ସଂକଳନ ‘ଠିଆ ପୁଚି ନାରଙ୍ଗ’ ନିମନ୍ତେ ପ୍ରଥମ ସୋଆ ଯୁବ ସାହିତ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା । ଶ୍ରୀ ତ୍ରିପାଠୀଙ୍କୁ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶାଶ୍ୱତୀ ଦାସ ପୁରସ୍କାର ସ୍ୱରୂପ ରୌପ୍ୟ ଫଳକ, ମାନପତ୍ର, ଉତ୍ତରୀୟ ଓ ୧ ଲକ୍ଷ ଟଙ୍କାର ପୁରସ୍କାର




ରାଶି ପ୍ରଦାନ କରିଥିଲେ । ସମ୍ମାନ ଗ୍ରହଣ କରିବା ଅବସରରେ ଶ୍ରୀ ତ୍ରିପାଠୀ ସୋଆ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ ସାହିତ୍ୟ ଓ ଶିକ୍ଷା ସମ୍ମିଳିତ ଭାବରେ ସମାଜକୁ ସୁଦୃଢ଼ କରି ପାରିବ ବୋଲି ମତବ୍ୟକ୍ତ କରିଥିଲେ । ଅସହିଷ୍ଣୁତା, ଆତ୍ମଗର୍ବ ଓ ଆତ୍ମମୁଗ୍ଧତାର ଗୋଲକଧନ୍ଦା ଭିତରୁ ବାହାର ପାରିଲେ ସମାଜରେ ପରିବର୍ତ୍ତନ ସମ୍ଭବ । ଆମ ମଣିଷମାନଙ୍କର ହୃଦୟ ଏବଂ ଭାବାବେଗ ରହିଛି । ତେଣୁ ଏଆଇ ଆମକୁ କବଳିତ କରିପାରିବ ନାହିଁ ବୋଲି ସେ କହିଥିଲେ । ସୋଆ ଉପସଭାପତି ଶାଶ୍ୱତୀ ଦାସ କହିଥିଲେ ଯେ ସାହିତ୍ୟ ଏବଂ ସଂସ୍କୃତିକୁ ଅଣଦେଖା କରି କୌଣସି ସମାଜ ଅଗ୍ରଗତି କରିପାରିବ ନାହିଁ । ଯୁବପିଢ଼ିଙ୍କ ମଧ୍ୟରେ ସାହିତ୍ୟ ପ୍ରତି ଆଗ୍ରହକୁ ବୃଦ୍ଧି କରିବା ହିଁ ଏଭଳି ଉତ୍ସବ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଉଲ୍ଲେଖ କରିଥିଲେ । ସମାରୋହର ଦ୍ୱିତୀୟ ଦିନ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ଥିବା ବେଳେ ଜରୁରୀ କାର୍ଯ୍ୟବଶତଃ ସେ ଯୋଗ ଦେଇ ନ ପାରି ନିଜ ଶୁଭେଚ୍ଛା ବାର୍ତ୍ତା ପଠାଇଥିଲେ । ଏହା ସହ ସୋଆ କର୍ତ୍ତୃପକ୍ଷଙ୍କ ଏପରି ଉଦ୍ୟମକୁ ସେ ତାଙ୍କ ବାର୍ତ୍ତାରେ ପ୍ରଶଂସା କରିଥିଲେ ।

ସୋଆର ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାଚୀନର ମୁଖ୍ୟ ତଥା ସୋଆ ସାହିତ୍ୟ ଉତ୍ସବର ନିର୍ଦ୍ଦେଶିକା ଓ ଅଧୀକ୍ଷକ ପ୍ରଫେସର ଗାୟତ୍ରୀବାଳା ପଣ୍ଡା ଏବଂ ସୋଆ ଛାତ୍ରମଙ୍ଗଳ ଡିନ୍ ଓ ମୁଖ୍ୟ ସଂଯୋଜକ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

# ଉତ୍ସବମନସ୍କ ସରକାର ବିତ୍ତୀୟ ପରିଚାଳନାରେ ବିଫଳ: କଂଗ୍ରେସ

ଭୁବନେଶ୍ୱର,୩୦ ।୧୧(ସମିସ): ବିଜେପି ସରକାର ଓଡ଼ିଶାରେ ବଜେଟ ପରିଚାଳନାରେ ସମ୍ପୂର୍ଣ୍ଣ ରୂପେ ଅସଫଳ ହୋଇଛନ୍ତି । ଯେଉଁ ୧୭୪୪୦ କୋଟିର ଅତିରିକ୍ତ ବଜେଟ ବିଧାନସଭାରେ ଆଗତ କରାଯାଇଛି, ତାହାର ବିଶେଷ ଆବଶ୍ୟକତା ଥିଲା ଭଳି ମନେହୁଏ ନାହିଁ । ଉତ୍ସବମନସ୍କ ସରକାର ବିତ୍ତୀୟ ପରିଚାଳନାରେ ବିଫଳ ହୋଇଛି ବୋଲି ଅଭିଯୋଗ କଂଗ୍ରେସ ।

କଂଗ୍ରେସ ଭବନଠାରେ ଦଳର ବରିଷ୍ଠ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ କହିଛନ୍ତିଯେ ରାଜ୍ୟର ମୂଳ ବଜେଟର ମୂଳ ବଜେଟ ୨ ଲକ୍ଷ ୯୦ ହଜାର କୋଟି ହୋଇଥିବାବେଳେ ଅକ୍ଟୋବର ଶେଷ ସୁଦ୍ଧା ମାତ୍ର ୧ ଲକ୍ଷ ୧୪ ହଜାର ୯୧ କୋଟି ଟଙ୍କା ଖର୍ଚ୍ଚ ହୋଇଛି; ଯାହାକି ମୋଟ ବଜେଟର ୪୦ପ୍ରତିଶତରୁ କମ । ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ସରକାରୀ ଯୋଜନାରେ ଟଙ୍କା ଖର୍ଚ୍ଚ କମ ହେଉଥିବା ବେଳେ ରାଜ୍ୟ ସାରା ସବୁ ସମୟରେ ସରକାର ଉତ୍ସବ ପାଳନରେ ମାତିଛନ୍ତି । ସୁଭଦ୍ରା ଉତ୍ସବ, ଏକତା ଉତ୍ସବ ଏବଂ ଓଡିଶାକୁ ଆସୁଥିବା ସବୁ କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ମଧ୍ୟ ଏକ ଉତ୍ସବ ଭାବେ




ପାଳନ ହେଉଛି । ଏ ବାବଦରେ ଯେତିକି ସରକାରୀ ଟଙ୍କା ଖର୍ଚ୍ଚ ହେଉଛି, ସେ ତୁଳନାରେ ରାଜ୍ୟର ଅର୍ଥନୀତିକୁ ଚଳାଚଞ୍ଚଳ କରିବା ପାଇଁ ତାର କାଣିଚାଏ ମଧ୍ୟ ଖର୍ଚ୍ଚ କରାଯାଉ ନାହିଁ ।

ଏହି ଅବସରରେ ଶ୍ରୀ କାନୁନଗୋ ସରକାରୀ ଟଙ୍କା ରାଜ୍ୟ ସରକାରଙ୍କ ଟ୍ରେଜେରିରେ ନ ରଖି ବିଭିନ୍ନ ବ୍ୟାଙ୍କରେ ରଖିବାକୁ ନେଇ ଆପତ୍ତି ଉଠାଛନ୍ତି । ସେ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ପାଖାପାଖି ୨୩ ହଜାର କୋଟି ଟଙ୍କା ବିଭିନ୍ନ ବ୍ୟାଙ୍କରେ ଗଚ୍ଛିତ ରହିଛି । ସରକାର ତାର ସୁଧ ପଇସାରୁ କର୍ମଚାରୀମାନଙ୍କ ଦରମା ଏବଂ ପେନସନ ବାବଦକୁ ଖର୍ଚ୍ଚ କରୁଛନ୍ତି; କିନ୍ତୁ ବିଧି ମୁତାବକ ସରକାରୀ ଟଙ୍କା ଟ୍ରେଜେରୀରେ ରହିବା କଥା । ଏହା ଟ୍ରେଜେରୀରେ ନ ରହିବା ଫଳରେ ସରକାରୀ ଅର୍ଥର ସଠିକ ହିସାବ ମିଳିପାରୁ ନାହିଁ ବୋଲି ଶ୍ରୀ କାନୁନଗୋ କହିଛନ୍ତି ।

ପିସିସି ମୁଖପାତ୍ର ତଥା ଟ୍ୟାକ୍ସ ପରାମର୍ଶଦାତା ପ୍ରଶାନ୍ତ ଶତପଥୀ କହିଛନ୍ତି ଯେ ବର୍ଷ ରାଜ୍ୟର ଋଣଭାର ୧ ଲକ୍ଷ ୩୫ ହଜାର କୋଟିରେ ପହଞ୍ଚିବ । ଏବର୍ଷ ୧୩ ପ୍ରତିଶତ ଟିକସ ଅଭିବୃଦ୍ଧିକୁ ଏକ ବଡ଼ ସଫଳତା ରୂପେ ବିବେଚନା କରାଯାଇ ପାରିବ ନାହିଁ । ପୂର୍ବରୁ ଓଡିଶା ୨୧ ପ୍ରତିଶତରୁ ୨୭ ପ୍ରତିଶତର ଅଭିବୃଦ୍ଧି ହାସଲ କରିଥିଲା । ଏ ବର୍ଷ ରାଜସ୍ୱପ୍ରାପ୍ତିର ଲକ୍ଷ ୨ ଲକ୍ଷ ୯୦ ହଜାର କୋଟି ଧାର୍ଯ୍ୟ କରାଯାଇଥିବା

■ ବ୍ୟାଙ୍କକୁ ସ୍ଥାନାନ୍ତର ହେଲା ୨୩ ହଜାର କୋଟି ଟ୍ରେଜେରୀ ଅର୍ଥ
■ ଅକ୍ଟୋବର ସୁଦ୍ଧା ବଜେଟ ବରାଦର ୪୦ ପ୍ରତିଶତରୁ କମ୍ ଖର୍ଚ୍ଚ

ଓଡିଶାକୁ ଏବର୍ଷ କେନ୍ଦ୍ରୀୟ ଅନୁଦାନ ବିପଦଜନକ ଭାବରେ ହ୍ରାସ ପାଇଛି । କେନ୍ଦ୍ରୀୟ ଟିକସରୁ ରାଜ୍ୟର ଅଂଶ ବାବଦରେ ଓଡିଶାକୁ ମିଳୁଥିବା ଟଙ୍କା ଯଥେଷ୍ଟ କମ ରହିଛି । କେନ୍ଦ୍ରୀୟ ଅନୁଦାନର ଲକ୍ଷ୍ୟ ୪୧୫୯୧ କୋଟି ହୋଇଥିବାବେଳେ ଓଡିଶା ପାଇଛି ମାତ୍ର ୭୧୬୩ କୋଟି । ଯାହାକି ମାତ୍ର ୧୭ ପ୍ରତିଶତ ଅଟେ । ରାଜ୍ୟର ବଜେଟ ଅତିମାତ୍ରାରେ ଋଣ ଉପରେ ନିର୍ଭରଶୀଳ । ଏହି ବେଳେ ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୩୨ ହଜାର ୧୨୮ କୋଟି ଆଦାୟ ହୋଇଛି । ରାଜ୍ୟର ନିଜସ୍ୱ ଟିକସ ଏବଂ ଅଣଟିକସ ବାବଦକୁ ୧ ଲକ୍ଷ ୨୬ ହଜାର କୋଟିର ଲକ୍ଷ ଧାର୍ଯ୍ୟ ହୋଇଥିବାବେଳେ ରାଜସ୍ୱ ସଂଗ୍ରହ ମାତ୍ର ୬୫ ହଜାର ୮୮୩ କୋଟି ହୋଇଛି । ଏଥିରୁ ସ୍ପଷ୍ଟ ଜଣାପଡୁଛି ରାଜ୍ୟର ରାଜସ୍ୱ ସମ୍ବଳ ସଂଗ୍ରହ ଆଦୌ ଆଖିଦୃଶିଆ ନୁହେଁ ବୋଲି କଂଗ୍ରେସ କହିଛି ।

■ ଜିଲ୍ଲାପାଳଙ୍କୁ ସରକାରଙ୍କ ନିର୍ଦ୍ଦେଶ

# ଭୂମିହୀନଙ୍କୁ ତୁରନ୍ତ ଗୃହ ଆବଣ୍ଟନ କର

ଭୁବନେଶ୍ୱର,୩୦ ।୧୧(ସମିସ): ଭୂମିହୀନଙ୍କୁ ପକ୍କା ଘର ଯୋଗାଇବାରେ ବିଳମ୍ବକୁ କୌଣସି ପ୍ରକାରେ ବରଦାସ୍ତ କରାଯିବନି । ଯୋଗ୍ୟ ବିବେଚିତ ଭୂମିହୀନ ପରିବାରକୁ ତୁରନ୍ତ ଘର ବଣ୍ଟନ ପାଇଁ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳମାନଙ୍କୁ ରାଜ୍ୟ ପଞ୍ଚାୟତିରାଜ ବିଭାଗ କଡ଼ା ନିର୍ଦ୍ଦେଶ ଜାରି କରିଛି । ବିଭାଗ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ଏକ ଚିଠିରେ ଦର୍ଶାଯାଇଛି ଯେ ଗ୍ରାମାଞ୍ଚଳ ରହୁଥିବ ଯୋଗ୍ୟ ଭୂମିହୀନ ପରିବାର ବା ହିତାଧିକାରୀଙ୍କୁ ପ୍ରାଥମିକତା ଭିତ୍ତିରେ ଘର ଯୋଗାଇବା ଆବଶ୍ୟକ । ତେଣୁ ଏ ସଂକ୍ରାନ୍ତ ସମସ୍ୟାର ସମାଧାନ ପାଇଁ ପ୍ରତି ମାସର ପ୍ରଥମ ଶନିବାର ବିଡିଓ ଏବଂ ସମ୍ପୃକ୍ତ ତହସିଲଦାରଙ୍କ ସହିତ ଏକ ମିଳିତ ବୈଠକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ରେ ୮୭୧ ଜଣ ଏବଂ ପିଏମ ଜନମନରେ ୫୦ ଜଣ ହିତାଧିକାରୀଙ୍କୁ ଘର ଯୋଗାଇ ଦିଆଯାଇ ନାହିଁ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସର୍ବାଧିକ କେନ୍ଦ୍ରାପଡ଼ା ଜିଲ୍ଲାରେ ୨୭୧ ଜଣ ଭୂମିହୀନଙ୍କୁ ଘର ମିଳି ନ ଥିବା ବେଳେ ଗଞ୍ଜାମରେ ୧୭୧ ଜଣ ହିତାଧିକାରୀ ରହିଛନ୍ତି । ସମୟ ସୀମା ଭିତରେ ତୁରନ୍ତ ସେମାନଙ୍କୁ ଘର ଯୋଗାଇବା ପାଇଁ ନିର୍ଦ୍ଦେଶ ରହିଛି । ୨୦୨୪ ସର୍ଭେ ଅନୁଯାୟୀ ରାଜ୍ୟର ୩୭ ଲକ୍ଷ ୮୯ ହଜାର ୨୩୪ ପରିବାର କଚ୍ଚା ଘରେ ରହୁଛନ୍ତି । ସେଥି ମଧ୍ୟରୁ ୨ ଲକ୍ଷ ୧ ହଜାର ୧୧ ପରିବାର ଭୂମିହୀନ ରହିଛନ୍ତି ।

ମାସର ପ୍ରଥମ ସୋମବାର ବୈଠକ ନିର୍ଦ୍ଦେଶ






# କେୟାର ରିହାବ୍ ସେଣ୍ଟର୍ ଉଦ୍‌ଘାଟିତ




**କଟକ, ୩୦।୧୧(ସମିସ):** ଗ୍ରାଣ୍ଡ ସିନେମା ହଲ ସମ୍ମୁଖ ଲେନରେ କେୟାର ରିହାବ ସେଣ୍ଟର ଆଜି ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନୀ ଉତ୍ସବରେ ସର୍ଜରୀ ବିଶେଷଜ୍ଞ ଡାକ୍ତର ଉମେଶ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରି ସୁସ୍ଥ ଶରୀର ପାଇଁ ନିୟମିତ ଯୋଗ ଏବଂ ଶାରିରୀକ କାର୍ଯ୍ୟ କରିବା ସହିତ ସନ୍ତୁଳିତ ଆହାର ନିତ୍ୟାନ୍ତ ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ସରୋଜ କୁମାର ଶତପଥୀ ଏବଂ ଫ୍ରିଡମ ତେଲର ଓଡ଼ିଶା ହେଡ ଅମୀୟ କୁମାର ଧଳ ପ୍ରମୁଖ ଯୋଗଦେଇ ଯୋଗ ବା ଫିଜିଓଥେରାପି ମାଧମରେ ଆମେ ଔଷଧ ସେବନର ମାତ୍ରାକୁ ହ୍ରାସ କରିପାରିବା ବୋଲି ମତବ୍ୟକ୍ତ କରଥିଲେ। ଅଭିଜ୍ଞ ଥେରାପିଷ୍ଟଙ୍କ ଦ୍ୱାରା ଏଠାରେ ଓକୁପେସନାଲ ଥେରାପି, ସ୍ପିଚ ଥେରାପି, ସାଇକୋଲୋଜୀ କାଉନସେଲିଂ, ଫିଜିଓଥେରାପି ଆଦି ପ୍ରଦାନ କରାଯାଇଥାଏ ବୋଲି ସେଣ୍ଟର ମୁଖ୍ୟ ପରିଚାଳିକା ସ୍ମରଣିକା ନାୟକ କହିଛନ୍ତି। ଏହି ଉଦଘାଟନୀ ଉତ୍ସବରେ ସିନିୟର ଥେରାପିଷ୍ଟ ଡ. ମେହେବୁବ ଅଲ୍ଲୀ, ବ୍ୟବସାୟିକ ଥେରାପିଷ୍ଟ ଡ. ମଧୁମିତା ଦାସ, ଥେରାପିଷ୍ଟ ଡ. ସତ୍ୟଜିତ ଜେନା, ସହ-ଥେରାପିଷ୍ଟ ଅଭିଜିତ ନାୟକଙ୍କ ସମେତ ବହୁ କର୍ମକର୍ତା ଉପସ୍ଥିତ ଥିଲେ।

# ପାଲା ଗାୟିକାଙ୍କୁ ପ୍ରତିଭା ସମ୍ମାନ

**କଟକ, ୩୦।୧୧(ସମିସ):** ଶିଳ୍ପୀ କୁମ୍ଭାରସାହି ସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରାଙ୍ଗଣରେ କୁରାଳ ପଞ୍ଚମୀ ଉପଲକ୍ଷେ ପାଲା ପରିବେଷଣ ହେଉଛି। ଗାୟିକା ସ୍ମିତାରାଣୀ ଦାସ ତଥା ସାଥୀ କଳାକାରଙ୍କୁ ଉତ୍କଳ ଜନନୀ ଚାରିଟେବୁଲ ଟ୍ରଷ୍ଟ, କଟକ ପକ୍ଷରୁ ଉପଢୌକନ, ପୁଷ୍ପମାଲ୍ୟ, ମାନପତ୍ର ଓ ମୋମେଣ୍ଟ ଦେଇ ସମ୍ମାନୀତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅଧକ୍ଷ ରାଧେଶ୍ୟାମ ଦାଶ, ସମ୍ପାଦକ ଦୀପକ



ଶତପଥୀ, ସଭାପତି କେ ଲକ୍ଷ୍ମୀପ୍ରିୟା ପାତ୍ର, ଉପଦେଷ୍ଟା ନୃସିଂହ ଚରଣ ବାରିକ, ସମୀକ୍ଷକ ସତ୍ୟବ୍ରତ ବେହେରା ତଥା ସାହିର ବୟୋଜ୍ୟେଷ୍ଠ ମୁରବି କେଦାରନାଥ ବେହେରା ତଥା ସମ୍ପାଦକ ଜୟକୃଷ୍ଣ ମୁଦୁଲି, ଉପସଭାପତି ରାଜେନ୍ଦ୍ର ମୁଦୁଲି, ପୂର୍ବତନ ସମ୍ପାଦକ ପ୍ରଦୀପ ସେନାପତି ଓ ଅଭ୍ୟର୍ଥନା ସମିତିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବିବାଦରେ ମାହାଙ୍ଗା ବିଧାୟକ ଓ ବିଡିଓ

**ଭଦ୍ରେଶ୍ୱର, ୩୦।୧୧(ସମିସ)**

ମାହାଙ୍ଗା ପଞ୍ଚାୟତ ସମିତି ବୈଠକକୁ ଅନଧିକାର ଭାବେ ବାତିଲ କରିବା ପରେ ଆରମ୍ଭ ହୋଇଥିବା ବିବାଦ ଥମିବାର ନାଁ ନେଉନାହିଁ। ବିଧାୟକଙ୍କ ପରେ ଏବେ ବ୍ଲକ ଅଧକ୍ଷା ଦୀପା ମଲିକ ଏକ ପ୍ରେସ୍ ବିବୃତି ଜାରି କରି ଉଭୟ ବିଧାୟକ ଓ ବିଡିଓଙ୍କୁ ଶକ୍ତ ଜବାବ ଦେଇଛନ୍ତି। ବିଧାୟକଙ୍କୁ 'ବିଡିଓଙ୍କ ମୁଖପାତ୍ର' ବୋଲି କହି ତେରେଛା ବାଣ ମାରିଥିବାବେଳେ ବିଡିଓ ସୁବାଶିଷ ପାଲଟାଙ୍କୁ 'ଅହଂକାରୀ କଳାପାହାଡ଼' ଆଖ୍ୟା ଦେଇଛନ୍ତି। ସୂଚନା ମୁତାବକ, ଗତ ୨୬ ତାରିଖ ଦିନ ଅଧକ୍ଷା ଦୀପା ମଲିକ ମାହାଙ୍ଗା ପଞ୍ଚାୟତ ସମିତିର ନବମ ବୈଠକ ପାଇଁ ଦିନ ଧାର୍ଯ୍ୟ କରିଥିଲେ। ମାତ୍ର ବିଡିଓ ଏହାକୁ ଅନଧିକାର ଭାବେ ରଦ୍ଧ କରିଦେଇଥିଲେ, ଯାହାକୁ ନେଇ ବ୍ଲକ ପରିସରରେ ନିର୍ବାଚିତ ଲୋକ ପ୍ରତିନିଧି ଓ ବିଡିଓଙ୍କ ମଧରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାରେ ଅଡୁଆରେ ପଡ଼ିଥିବା ବିଡିଓଙ୍କୁ ଅଧକ୍ଷା କାରଣଦର୍ଶାଅ ନୋଟିସ ଜାରି କରିଥିଲେ। ବିଡିଓ ମୁହଁ ନ ଖୋଲିଥିବା ବେଳେ ଗତ ଶୁକ୍ରବାର ଦିନ ଏହି ଘଟଣାକୁ ନେଇ ମାହାଙ୍ଗାର ସ୍ୱାଧୀନ ବିଧାୟକ ଏକ ସାମ୍ବାଦିକ ସମ୍ମିଳନୀରେ ନିଜର ପ୍ରତିକ୍ରିୟା ରଖିଥିଲେ। ବିଧାୟକଙ୍କ ଏହି ହସ୍ତକ୍ଷେପକୁ ନେଇ ବ୍ଲକ ଅଧକ୍ଷା ଦୀପା ମଲିକ ଆଜି ଏକ ପ୍ରେସ୍ ବିବୃତିରେ ଉଭୟ ବିଧାୟକ ଓ ବିଡିଓଙ୍କୁ ପ୍ରଶ୍ନବାଣରେ ଘାଇଲା କରିଛନ୍ତି। ଦୀପା ମଲିକ ପ୍ରେସ୍ ବିବୃତିରେ ମୁଖ୍ୟତଃ ୪ଟି ପ୍ରଶ୍ନ ଉଠାଇଛନ୍ତି: ୧. ଦୀର୍ଘ ୧୦ ମାସ ହେଲା ସମିତି ବୈଠକ କାହିଁକି ହେଉନାହିଁ? ଏହାକୁ କିଏ ବନ୍ଦ କରିଥିଲେ? ୨. ବିଧାନସଭା ସଚିବ ଯଦି ନଭେମ୍ବର ୧୦ରେ ଚିଠି କରିଥିଲେ, ତେବେ ମାହାଙ୍ଗା ବିଡିଓ ନଭେମ୍ବର ୧୮ ରେ ବୈଠକ ନୋଟିସ ଜାରି କଲେ କେମିତି? ୩. ଯଦି ନୋଟିସ୍ ଜାରି କଲେ, ତା ହେଲେ ନଭେମ୍ବର ୨୧ ତାରିଖରେ ଏକତରଫା ସମିତି ବୈଠକକୁ କେଉଁ ନିୟମ ବଳରେ ରଦ୍ଧ କଲେ?

**ପଞ୍ଚାୟତ ସମିତି ବୈଠକ ବାତିଲ ପ୍ରସଙ୍ଗରେ ତେରେଛା ବାଣ ମାରିଲେ ଅଧକ୍ଷା ଦୀପା ମଲିକ**

**ବିଧାୟକ 'ବିଡିଓଙ୍କ ମୁଖପାତ୍ର' ଓ ବିଡିଓ 'କଳାପାହାଡ଼' : ବ୍ଲକ୍ ଅଧକ୍ଷା**

**ରାଜନୈତିକ-ପ୍ରଶାସନିକ ବିବାଦ ଉଗ୍ର ରୂପ ନେବା ଆଶଙ୍କା**

୪. ଯଦି ସରକାରଙ୍କ ନିୟମ ନ ଥିଲା, ତେବେ ଗତ ୨୬ ତାରିଖ ଦିନ ପଡ଼ୋଶୀ ସାଲେପୁର ପଞ୍ଚାୟତ ସମିତି ବୈଠକ ଓ ଯାଜପୁର ଜିଲ୍ଲା ପରିଷଦ ବୈଠକ କିପରି ଅନୁଷ୍ଠିତ ହେଲା? ଏହି ପ୍ରଶ୍ନ ଉଠାଇବା ସହ ଅଧକ୍ଷା ବିଧାୟକଙ୍କୁ 'ବିଡିଓଙ୍କ ମୁଖପାତ୍ର' ନ ହେବାକୁ ପରାମର୍ଶ ଦେଇଛନ୍ତି। ଅପରପକ୍ଷରେ, ବ୍ଲକ କାର୍ଯ୍ୟାଳୟରେ ନିର୍ବାଚିତ ଲୋକ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ବିଡିଓ ସୁବାଶିଷ ପାଲଟାଙ୍କୁ ଅଧକ୍ଷା 'ଅହଂକାରୀ କଳାପାହାଡ' ବୋଲି ଆଖ୍ୟା ଦେଇଛନ୍ତି।

# ଡ୍ରିମ୍ସ ନର୍ସିଂ ଛାତ୍ରୀ ଜାତୀୟସ୍ତରରେ ପ୍ରଥମ



**କଟକ, ୩୦।୧୧(ସମିସ):** ପୁଣେଠାରେ ଷ୍ଟୁଡେଣ୍ଟ ନର୍ସେସ ଆସୋସିଏସନ୍ (ଏସଏନ୍ଏଆଇ)ର ଦ୍ୱିବାର୍ଷିକ ଅଧିବେଶନରେ ସର୍ବଭାରତୀୟ ପୋଷ୍ଟର ପ୍ରଦର୍ଶନରେ ଡ୍ରିମ୍ସ ସ୍କୁଲ ଅଫ ନର୍ସିଂର ଛାତ୍ରୀ ମୋନାଲିସା ପରିଡ଼ା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବିଏସ୍‌ସି ନର୍ସିଂ ୮ମ ସେମିଷ୍ଟାର ଛାତ୍ରୀ ମୋନାଲିସାଙ୍କୁ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ.ପ୍ରମୋଦ ଚନ୍ଦ୍ର ରଥ, କୁଳପତି ପ୍ରଫେସର ଡ. ପ୍ରକାଶ ହୋତା, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା ଶୁଭେଚ୍ଛା ଜଣାଇଛନ୍ତି। 'ଡିନ୍' ଡ. ପ୍ରଥିମା ପ୍ରକାଶମ୍, ସହକାରୀ 'ଡିନ୍' ଏନ୍ ପ୍ରେମଲତା ଦେବୀଙ୍କ ମାର୍ଗଦର୍ଶନରେ ସହକାରୀ ପ୍ରାଧ୍ୟାପିକା ସ୍ମୃତିଶ୍ରୀ ପ୍ରିୟଦର୍ଶିନୀ ଦଳାଇ ଓ ଅଧ୍ୟାପିକା ସ୍ମୃତିରେଖା ରାଉତଙ୍କ ତତ୍ତ୍ୱାବଧାନରେ ମୋନାଲିସା ଅଂଶଗ୍ରହଣ କରିଥିଲେ।


**ଅଗଣତାନ୍ତ୍ରିକ ଗିରଫଦାରୀ ପ୍ରତିବାଦ**

# ଏଆଇକେକେଏମ୍‌ଏସ୍‌ର ବିକ୍ଷୋଭ

**କଟକ, ୩୦।୧୧(ସମିସ):** ଗତ ୨୬ ନଭେମ୍ବର ମଧ ରାତ୍ରିରେ କେଉଁଝର ଜିଲ୍ଲା ପଟନା ବ୍ଲକରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଚାଲିଥିବା ଜିନ୍ଦଲ - ପୋସ୍କୋ ଦ୍ୱାରା ଚାଷ ଜମି ଅଧିଗ୍ରହଣ ବିରୋଧି ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଡବଲ ଇଞ୍ଜିନ ବିଜେପି ସରକାରଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲା ପ୍ରଶାସନ ଓ ପୁଲିସ ରାତିଅଧିଆ ଝରକା ଗ୍ରିଲ୍ ଭାଙ୍ଗି ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚର ସମ୍ପାଦକ, ବେଣୁଧର ସର୍ଦ୍ଦାର ସମେତ ୫ ଜଣ ଚାଷୀ




ନେତାଙ୍କୁ ଗିରଫ କରିଛି। ପୁଲିସ ଲାଠି ଚାର୍ଜ କରିବା ସହ ଆନ୍ଦୋଳନକାରୀଙ୍କ ମୋବାଇଲ ଛଡାଇ ନେଇଛି। ପୁଲିସ ଅତ୍ୟନ୍ତ ଅଶାଳୀନ ଭାଷାରେ ଆନ୍ଦୋଳନକାରୀଙ୍କୁ ଗାଳିଗୁଲଜ କରି ଲାଠିଚାର୍ଜ କରିଛି। ଏହି ଅଗଣତାନ୍ତ୍ରିକ ଓ ବେଆଇନ ଗିରଫଦାରୀକୁ ପ୍ରତିବାଦ କରି ଏଆଇକେକେଏମ୍‌ଏସ୍ ପକ୍ଷରୁ ସର୍ବଭାରତୀୟ ପ୍ରତିବାଦ ଦିବସ ଡାକରା ଦିଆଯାଇଛି। ସେହି ଉପଲକ୍ଷେ ଏଆଇକେକେଏମଏସ ପକ୍ଷରୁ ପ୍ରେସ୍ ଛକ ଠାରେ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏଆଇକେକେଏମଏସ ଜିଲ୍ଲା ଆବାହକ ବସନ୍ତ ନାୟକଙ୍କ ଅଧକ୍ଷତାରେ ଖଗେଶ୍ୱର ସେଠୀ, ଭାଗ୍ୟରବି ଦାସ, ଦୀପକ ଦାସ, ସୌଭାଗ୍ୟ ସାମଲ, ଇସା ଧର, ତରୁଣସେନ ନାୟକ, ଶୋଭା ଦେହୁରୀ, ଶିବାନୀ ସାହୁ, ପ୍ରିୟଦର୍ଶନ ପାଢେଇ ପ୍ରମୁଖ ନେତୃତ୍ୱ ନେଇଥିଲେ।












GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION,.BALLIGUDA.

O-1630

Government of Odisha

No. 4425 //RWDBLG,. Date 28.11.2025

1st Corrigendum to the Bid Identification No. Online tender /13/EERWD BLG/ 2025-26

The tender invited vide Bid Identification No. **Online tender/13/EERWD BLG/ 2025-26** vide T.O. Office Letter No.**4287 dt. 20.11.2025**. Due to unavoidable circumstances, the availability of tender online for bidding is from **01.12.2025** at **10.00A.M.** to **08.12.2025** upto **5.00P.M.** Instead of **25.11.2025** at 10.00AM to **02.12.2025** up to 5.00 P.M. **Opening Dt.09.12.2025.**

The other terms and conditions are remained unchanged.

**Further details , corrigendum(s) etc can be seen from the e-procurement portal "https:// www.tendersorissa.gov.in"**

Executive Engineer
R.W. Division, Balliguda

OIPR-25164/11/0020/2526

GOVERNMENT OF ODISHA
OFFICE OF THE SUPERINTENDING ENGINEER,
PUBLIC HEALTH DIVISION, BALANGIR.

C-1568

Email. ID – eephbgr@yahoo.co.in, Ph. No – (06652 – 234647)

NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No. ACEPHBGR 13 /2025-26 Dt. 20.11.2025

| | | | |
|---|---|---|---|
| 01. | Name of the Work | : | 10 No. |
| 02. | Estimated Cost | : | Approx Rs.5.78 Lakhs to 66.55 Lakh |
| 03. | Period of Completion | : | 02 Months to 04 Months |
| 04. | Date & Time of availability of bid document in the portal | : | From 11.00 AM of dt. 29.11.2025 to **5.00 PM of** dt. 15.12.2025 |
| 05. | Last date / time of receipt of bids in the portal | : | 5 PM of dt. 15.12.2025 |
| 06. | Date & Time of opening of bids | : | At 11.00 AM of dt. 16.12.2025 |
| 07. | Name and Address of the Officer Inviting Bid | : | **The Superintending Engineer<br>Office Of The Superintending Engineer<br>Public Health Division, Balangir<br>At-Tulasinagar, Po/Dist-Balangir<br>Pin-767001, Odisha, Phone:-06652-234647<br>E-mail:-eephbgr@yahoo.co.in** |

Further details can be seen from the web site https://tenders.ori.nic.in or www.tendersodisha.gov.in

OIPR-13005/11/0046/2526

Addl. Chief Engineer
P.H. Division, Balangir

## ପୌରପରିଷଦ କାର୍ଯ୍ୟାଳୟ, ଜଗତସିଂହପୁର
## ଜଗତସିଂହପୁର ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

**ନିବେଦନ**

➢ ପାଇଖାନା ଟାଙ୍କି ସଫା କରିବା ପାଇଁ ପୌରପରିଷଦର ଏକ ସେସ୍‌ପୋଲ ଗାଡି ରହିଛି ଟୋଲ ଫି ନଂ ୧୪୪୨୦ ରେ ଯୋଗାଯୋଗକରି ଏହି ସେବାର ସଠିକ ବିନିଯୋଗ କରନ୍ତୁ ଏବଂ ସୁସ୍ଥ ରୁହନ୍ତୁ ।

➢ ପରିଷଦର ଦେୟ ନିର୍ଦ୍ଧାରିତ ସମୟରେ ପଇଠ କରନ୍ତୁ ।

➢ ସରକାରୀ ତଥା ପୌରପରିଷଦ ଜମି ଓ ଡ୍ରେନକୁ ବେଆଇନଭାବେ ଅବରୋଧ କରନ୍ତୁ ନାହିଁ ।

➢ ଅଳିଆ ଆବର୍ଜନାକୁ ଏଣେତେଣେ ନ ପକାଇ ପୌରପରିଷଦର ବେଟ୍ରିଚାଳିତ ଗାଡିରେ ଦୈନନ୍ଦିନ ଦିଅନ୍ତୁ ।

➢ କାର୍ଯ୍ୟରତ ପରିମଳ କର୍ମଚାରୀଙ୍କୁ ଆପଣଙ୍କ ପରିବେଶ ପପରିଷ୍କାର ନିମନ୍ତେ ସହଯୋଗ କରନ୍ତୁ ।

➢ ପୌରାଞ୍ଚଳର ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ **online** ମାଧ୍ୟମରେ **www.sujog.odisha.gov.in portal** ରେ ଆବେଦନକରି ପୌରପରିଷଦରୁ ଅନୁମତି ନିଅନ୍ତୁ ।

➢ ପଲିଥିନ ବର୍ଜନ କରନ୍ତୁ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ ।

➢ ଅଦରକାରୀ ଇଲୋକ୍ଟ୍ରୋନିକ୍ସ ବର୍ଜ୍ୟବସ୍ତୁକୁ ଏଣେତେଣେ ନପକାଇ ପ୍ରତ୍ୟେକ ଶନିବାର ଦିନ ପୌରପରିଷଦ ଗାଡିରେ ଦିଅନ୍ତୁ ।

➢ ଛୋଟ/ ବଡ ପ୍ରତ୍ୟେକ ବ୍ୟବସାୟ ପ୍ରତିଷ୍ଠାନ ସେମାନଙ୍କର ବ୍ୟବସାୟର ପ୍ରମାଣ ପତ୍ର **online** ମାଧ୍ୟମରେ **www.sujog.odisha.gov.in portal** ରେ ଆବେଦନ କରି ପୌରପରିଷଦରୁ ଟ୍ରେଡ ଲାଇସେନ୍ସ କରାଇ ନିଅନ୍ତୁ ।

➢ ଜଗତସିଂହପୁର ସହରକୁ ସ୍ୱଚ୍ଛ ଏବଂ ସୁସ୍ଥ କରିବା ପାଇଁ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ ।

| | | |
|---|---|---|
| **ଶ୍ରୀମତୀ ସୀମା ଜେନା**<br>ନିର୍ବାହୀ ଅଧିକାରୀ ପୌରପରିଷଦ,<br>ଜଗତସିଂହପୁର | **ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ବିଶୋଇ**<br>ଉପାଧ୍ୟକ୍ଷ ଏବଂ ସମସ୍ତ ପାରିଷଦ ବୃନ୍ଦ<br>ପୌରପରିଷଦ, ଜଗତସିଂହପୁର | **ଶ୍ରୀମତୀ ଅର୍ଚ୍ଚନା ସିଂହ**<br>ଅଧ୍ୟକ୍ଷା<br>ପୌରପରିଷଦ, ଜଗତସିଂହପୁର |

## ଖୋର୍ଦ୍ଧା ଜିଲ୍ଲାରେ ୨୦୨୫-୨୬ (ରବି) ଆଳୁ ଚାଷ ନିମନ୍ତେ ବିଶେଷ ସୂଚନା

ଏତଦ୍ୱାରା ଖୋର୍ଦ୍ଧା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଅବଗତ କରାଯାଉଛି ଯେ, ଚଳିତ ରବି ଋତୁରେ ଆଳୁ ଚାଷ ପାଇଁ ଉନ୍ନତ କିସମର ବିହନ କୁଫ୍ରି ଜ୍ୟୋତି । କୁଫ୍ରି ପୋଖରାଜ । କୁଫ୍ରି ଖ୍ୟାତି । ନଭେମ୍ବର ମାସ ୧୪ ତାରିଖ ପରଠାରୁ ବର୍ତ୍ତମାନ ବିଭିନ୍ନ ବ୍ଲକସ୍ଥିତ ସହକାରୀ ଉଦ୍ୟାନକୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେଉଅଛି । ଉନ୍ନତ ଆଳୁ ବିହନର ଦାମ କିଲୋ ପ୍ରତି ଟ.୪୨.୨୪ ଥିବାବେଳେ ଚାଷୀଙ୍କୁ କିଲୋପ୍ରତି ଟ. ୨୦.୦୦ ଦାଖଲ କରିବାକୁ ପଡ଼ିବ ଏବଂ ଚାଷୀ ଆଳୁ ଲଗାଇବା ସମୟର ଜିଓ ଟ୍ୟାଗ୍ ଫଟୋ ଦାଖଲ ହେବା ପରେ ଉକ୍ତ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ କିଲୋପ୍ରତି ଟ.୧୦.୦୦ ହିସାବରେ ଅନୁଦାନ ରାଶି ଫେରସ୍ତ ଦିଆଯିବ । ହେକ୍ଟର ପ୍ରତି ୧୫ କୁଇଣ୍ଟାଲ୍ ଆଳୁ ମଞ୍ଜିର ଆବଶ୍ୟକତା ରହିଥିବାବେଳେ ଜଣକୁ ସର୍ବନିମ୍ନ ୦.୧ ହେକ୍ଟର ପାଇଁ ୧୫୦ କିଗ୍ରା ଓ ସର୍ବୋଚ୍ଚ ୦.୫ ହେକ୍ଟର ପାଇଁ ୭୫୦ କିଗ୍ରା ଆଳୁ ବିହନ ମିଳିବ । ଆଳୁ ବିହନକୁ ଗଜା କରି ଓ ବିଶୋଧନ କରି ଲଗାଇବା ଆବଶ୍ୟକ ।

ଅମଳ ପରବର୍ତୀ ପରିଚାଳନା ଅନ୍ତରଗତ ଆଳୁ ଅମଳ ପରେ ସୁଲଭ ଦରରେ ଖୋର୍ଦ୍ଧା ଜିଲ୍ଲାରେ ଥିବା ଶୀତଳ ଭଣ୍ଡାର ମାନଙ୍କରେ ଚାଷୀ ମାନେ ଆଳୁ କୁ ସାଇତି ରଖିପାରିବାର ବ୍ୟବସ୍ଥା ରହିଅଛି ।

ଆଳୁ ଚାଷ କରିବା ପାଇଁ ଇଚ୍ଛୁକ ଚାଷୀଭାଇ ମାନେ ସେମାନଙ୍କ ଆଧାର, ଜମିପଟ୍ଟା, ବ୍ୟାଙ୍କ ଜମାଖାତାର ନକଲ ଏବଂ ପାସପୋର୍ଟ ଫଟୋ ସହିତ ଆଳୁ ବିହନ ବାବଦରେ ଧାର୍ଯ୍ୟ ମୂଲ୍ୟ ଯଥାଶୀଘ୍ର ବ୍ଲକ୍‌ସ୍ତରୀୟ ଉଦ୍ୟାନକୃଷି କାର୍ଯ୍ୟାଳୟରେ ଦାଖଲ କରିବାକୁ ଅନୁରୋଧ ।

ସୌଜନ୍ୟ
ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ଖୋର୍ଦ୍ଧା

## ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ

* ମ୍ୟୁନିସିପାଲିଟିର ଦେୟ ତଥା ଘର ଟିକସ, ଲାଇସେନ୍ସ ଫିସ୍ ଏବଂ ଦୋକାନ ଗୃହ ଭଡା ଠିକ ସମୟରେ ପଇଠ କରନ୍ତୁ ।
* ଘରର ଅଳିଆ ଆବର୍ଜନା ଏଣେ ତେଣେ ନ ପକାଇ ନିଜ ଘରେ ଶୁଖିଲା ଓ ଓଦା ଅଳିଆକୁ ଅଲଗା ଅଲଗା କରି ରଖନ୍ତୁ ଏବଂ ପୌର ପାଳିକା ଦ୍ୱାରା ପରିଚାଳିତ ଗାଡିକୁ ଦିଅନ୍ତୁ ।
* ଶୌଚାଳୟ ବ୍ୟବହାର କରନ୍ତୁ । ବାହାରେ ମଳତ୍ୟାଗ କରନ୍ତୁ ନାହିଁ ।
* ଗୋରୁ ଗାଈ, ଘୁଷୁରୀଙ୍କୁ ରାସ୍ତାରେ ଛାଡରୁ ନାହିଁ । ନିଜ ଦାୟିତ୍ୱରେ ରଖନ୍ତୁ । ନଚେତ ଆଇନାନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
* ଯଦି କୌଣସି ବ୍ୟକ୍ତି ବା ସଂଗଠନ ସ୍ୱେଚ୍ଛାକୃତ ଭାବେ ତାଙ୍କ ଅଞ୍ଚଳରେ ବସ୍ତି ସଫେଇ ଓ ବୃକ୍ଷ ରୋପଣ ଆଦି କାର୍ଯ୍ୟ କରିବାକୁ ଚାହାନ୍ତି, ତାଙ୍କୁ ପୌର ପରିଷଦ ତରଫରୁ ସମସ୍ତ ସହଯୋଗ ସହ ପୁରସ୍କୃତ କରାଯିବ ।
* ପଲିଥିନ୍ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ନିଷେଧ ଆମର ଲକ୍ଷ୍ୟ । ପରିବେଶ ସୁରକ୍ଷା ପାଇଁ ଏଗୁଡିକୁ ବ୍ୟବହାର କରନ୍ତୁ ନାହିଁ ।
* ଡେଙ୍ଗୁ, ଡାଇରିଆ ଓ ମେଲେରିଆ ଜ୍ୱର ପ୍ରତି ଆତଙ୍କିତ ହୁଅନ୍ତୁ ନାହିଁ । ଲକ୍ଷଣ ଦେଖିବା ମାତ୍ରେ ନିକଟସ୍ଥ ସ୍ୱାସ୍ଥ୍ୟ କର୍ମୀ କିମ୍ବା ଡାକ୍ତରଖାନାରେ ପରାମର୍ଶ କରି ରୋଗ ଚିହ୍ନଟ ଓ ପ୍ରତିକାର ବ୍ୟବସ୍ଥା କରନ୍ତୁ ।

| | | |
|---|---|---|
| **ଶ୍ରୀଯୁକ୍ତ ଅଭିଷେକ ପଣ୍ଡା**<br>ନିର୍ବାହୀ ଅଧିକାରୀ<br>ପାରାଦ୍ୱୀପ ପୌର ପରିଷଦ | **ଶ୍ରୀମତୀ ଛବିଲତା ରାଉତ**<br>ଉପାଧ୍ୟକ୍ଷା<br>ପାରାଦ୍ୱୀପ ପୌର ପରିଷଦ | **ଶ୍ରୀଯୁକ୍ତ ବସନ୍ତ ବିଶ୍ୱାଳ**<br>ଅଧ୍ୟକ୍ଷ<br>ପାରାଦ୍ୱୀପ ପୌର ପରିଷଦ |

## ବିଜ୍ଞାପିତ ଅଂଚଳ ପରିଷଦ, ପୋଲସରା, ଗଂଜାମ

୧. ପରିଷଦର ଦେୟ ଯଥା ହୋଲଡିଂଟିକସ, ଦୋକାନଗୃହ ଟିକସ ଓ ୟୁଜର ଫି ଠିକ ସମୟରେ ପୈଠ କରନ୍ତୁ । ନକ୍ସା ଅନୁମୋଦନ କରି ନୂତନ ଓ ପୁରାତନ ଗୃହ ନିର୍ମାଣ କରନ୍ତୁ । ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ ।

୨. ନିଜ ଘରର ଅଳିଆ ଓଦା ଓ ଶୃଙ୍ଖଳା ରୂପରେ ପରିଷଦର ସଫେଇ ଗାଡ଼ିରେ ଦିଅନ୍ତୁ । ନିଜର ପାଇଖାନା ଟାଙ୍କି ପ୍ରତି ତିନି ବର୍ଷରେ ସେସପୁଲ ଗାଡି ଦ୍ୱାରା ସଫା କରନ୍ତୁ ।ରାସ୍ତା ଉପରେ ଅଳିଆ ଫିଙ୍ଗନ୍ତୁ ନାହିଁ ଏବଂ ଗୃହ ପାଳିତ ପଶୁ ଛାଡ଼ନ୍ତୁ ନାହିଁ । ସର୍ବସାଧାରଣ ସ୍ଥାନରେ ମଳତ୍ୟାଗ ନକରି ପାଇଖାନା ବ୍ୟବହାର କରନ୍ତୁ । ପଲିଥିନ, ସିଙ୍ଗଲ ୟୁଜ ପ୍ଲାଷ୍ଟିକର ବ୍ୟବହାରରୁ ଦୁରେଇ ରୁହନ୍ତୁ ।

୩. ସହରକୁ ପ୍ଲାଷ୍ଟିକ ମୁକ୍ତ କରନ୍ତୁ ଓ ପରିବେଶ ସୁରକ୍ଷା ସହିତ ସହରକୁ ସବୁଜ ସୁନ୍ଦର କରିବା ନିମନ୍ତେ ବୃକ୍ଷ ରୋପଣ କରନ୍ତୁ । ବଗିଚାରେ ପରିଷଦ ଦ୍ୱାରା ପ୍ରସ୍ତୁତ " ମୋ ଖତ" ବ୍ୟବହାର କରନ୍ତୁ ।

୪ .ଟ୍ରେଡ଼ ଲାଇସେନ୍ସ କରି ବ୍ୟବସାୟ କରନ୍ତୁ ଓ ପ୍ରତି ବର୍ଷ ନବୀକରଣ କରାଇ ନିଅନ୍ତୁ । ଦୋକାନ ସାଇନ ବୋର୍ଡ ୭୦% ଓଡ଼ିଆରେ ଲେଖିବା ବାଧତା ମୂଳକ ଅଟେ ।ଡ୍ରେନ ଅବରୋଧ କରି ତା ଉପରେ କୌଣସି ବ୍ୟବସାୟ କରନ୍ତୁ ନାହିଁ ।

| | | |
|---|---|---|
| କୈଳାଶ ଚନ୍ଦ୍ର ଜେନା<br>କାର୍ଯ୍ୟନିର୍ବାହୀ ଅଧିକାରୀ | ସନ୍ତୋଷ କୁମାର ବେହେରା<br>ଉପାଧ୍ୟକ୍ଷ | ସଙ୍ଗିତା ବେହେରା<br>ଅଧ୍ୟକ୍ଷା |

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, JEYPORE

O-1592

e-Procurement for Building works
Bid Identification No: EERWJYP – Online -07/2025-26

| | | | |
|---|---|---|---|
| 01. | Name of the work | :: | Building works |
| 02. | Total Number of works | :: | 06 (Six) Nos. |
| 03. | Approximate Estimated cost | :: | Rs. 4.98 Lakhs to Rs. 1.99 lakhs (approximately) |
| 04. | Class of Contractor | : | "D" & "C" Class |
| 05. | Period of Completion | :: | within 1 Months |
| 06. | Other Details | | |

| Procurement Officer | Bid Identification No. | Sl No. of work in notice | Availability of tender online for bidding | | Last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| Executive Engineer, R.W. Division, Jeypore | Online Tender/07/ RWD-JYP/2025-26 | Sl No.01 to 6 | 01.12.2025 at 10.00 A.M | 07.12.2025 upto 5.00 P.M. | 06.12.2025 at 01.30 P.M | 08.12.2025 at 10.00 P.M |

Further details can be seen from the website www.tendersodisha.gov.in/nicgep/app

All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

*N.B. Any Addendum or Corrigendum will be available in the Website only.

OIPR-25160/11/0027/2526


Executive Engineer,
Rural Works Division: Jeypore.

## ବିଜ୍ଞପ୍ତି

ଏତଦ୍ ଦ୍ୱାରା ଜେ.କେ.ପୁର ଚାନ୍ଦିଲି ସ୍ଥିତ ନିୟନ୍ତ୍ରିତ ବଜାର କମିଟି, ରାୟଗଡର କୃଷକ ବଜାର ସମ୍ପୂର୍ଣ୍ଣ ଭାବେ ଭଗ୍ନ ଅବସ୍ଥାରେ ଥିବା ଯୋଗୁଁ ଏହା ତଳେ ଆଶ୍ରୟ ନେବା କିମ୍ବା ବ୍ୟବସାୟ କରିବା ବିପଦ ସଙ୍କୁଳ ଅଟେ । ଏଣୁ ନିୟନ୍ତ୍ରିତ ବଜାର କମିଟି ଅନୁରୋଧ କରୁଛି ଉକ୍ତ ଚାନ୍ଦିଲି ସ୍ଥିତ କୃଷକ ବଜାର ର କୌଣସି ବ୍ୟକ୍ତି ଆଶ୍ରୟ ନିଅନ୍ତୁ ନାହିଁ । ଏହା ସତ୍ତ୍ୱେ କୌଣସି ଅଘଟଣ ଘଟିଲେ କର୍ତୃପକ୍ଷ ଦାୟୀ ରହିବେ ନାହିଁ ।

ସୌଜନ୍ୟ ନିୟନ୍ତ୍ରିତ ବଜାର କମିଟି, ରାୟଗଡ



# ୧୬ଜଣଙ୍କୁ ମିଳିବ ଏସ୍‌ଏସ୍‌ଆଇ ସ୍ପୋର୍ଟ୍ସ ଆୱାର୍ଡ

ଭୁବନେଶ୍ୱର, ୩୦ ।୧୧ (ସମିସ):




କ୍ରୀଡ଼ା ବିଜ୍ଞାନ ଓ କ୍ରୀଡ଼ା ପ୍ରୋତ୍ସାହନ ସଂସ୍ଥା ଏସଏସ୍‌ଆଇ ପକ୍ଷରୁ ତୃତୀୟ ସ୍ପୋର୍ଟ୍ସ ନ୍ୟାସନାଲ ଆୱାର୍ଡ ଏଥର ୧୬ଜଣ କ୍ରୀଡ଼ା ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯିବ । ଏହି କ୍ରୀଡ଼ା ବ୍ୟକ୍ତିତ୍ୱଙ୍କ ମଧ୍ୟରୁ ଅନେକ ସମ୍ମାନଜନକ ଅର୍ଜୁନ ଓ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜୟୀ ହୋଇସାରିଛନ୍ତି । ଯେଉଁମାନଙ୍କ ମଧ୍ୟରେ ଆଥ୍‌ଲେଟ ଜ୍ୟୋତି ୟାରାଜୀ, ସନ୍ତରଣକାରୀ ସଜ୍ଜନ ପ୍ରକାଶ, ଅଲିମ୍ପିଆନ ଶକ୍ତି ସିଂ, ବ୍ୟାଡ୍‌ମିଣ୍ଟନ ଖେଳାଳି ଆୟୁଷ ସେଟ୍ଟୀ, ଟିଟି ଖେଳାଳି ଶରତ କମଲ ପ୍ରମୁଖ ରହିଛନ୍ତି । ଡିସେମ୍ବର ୬ ଓ ୭ ଦୁଇଦିନ ଧରି କଳିଙ୍ଗ ଷ୍ଟାଡିୟମରେ ଏହି ପୁରସ୍କାର ପ୍ରଦାନ ଉତ୍ସବ ପାଳନ କରାଯିବ । ଏଥର ପୁରସ୍କାର ବହୁବିଧ ବିଭାଗ ଓ ଶୃଙ୍ଖଳାରେ ଦିଆଯିବ । ଏସଏସଆଇ କର୍ଣ୍ଣ ଆୱାର୍ଡ, ମିଲଖା ସିଂହ ସ୍ପ୍ରିଣ୍ଟ ଆୱାର୍ଡ, ହକି କିମ୍ବଦନ୍ତୀ ଦିଲୀପ ତିର୍କୀ ଓ ଆଥ୍‌ଲେଟ ଶକ୍ତି ସିଂଙ୍କ ନାମରେ ମଧ୍ୟ ପୁରସ୍କାର ପ୍ରଦାନ କରାଯିବ ବୋଲି ଏସ୍‌ଏସ୍‌ଆଇର ପ୍ରତିଷ୍ଠାତା ଡକ୍ଟର ସାର୍ଥକ ପଟ୍ଟନାୟକ ରବିବାର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସେହିଭଳି ପୁରସ୍କାର ବିତରଣର ଅଂଶବିଶେଷ ସ୍ୱରୂପ ପ୍ରଥମଥର ଆନ୍ତଃବିଦ୍ୟାଳୟ କ୍ରୀଡ଼ା କୁଇଜ ଓ ସ୍ପୋର୍ଟ୍ସ ସାଇନ୍ସ କନକ୍ଲେଭ ଡିସେମ୍ବର ୭ରେ ଅନୁଷ୍ଠିତ ହେବ ବୋଲି ଏସଏନ୍‌ଏମ୍ ଗ୍ରୁପର ଏମ୍‌ଡି ପ୍ରବୋଧ ମହାନ୍ତି କରିଛନ୍ତି ।

## ନିଆରା ଢଙ୍ଗରେ ଜନ୍ମଦିନ ପାଳନ

ଯାଁଳା,୩୦।୧୧(ସମିସ): ଭୁବନେଶ୍ୱର ଉପକଣ୍ଠ ପଞ୍ଚପଲ୍ଲୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବ୍ରହ୍ମକୁଣ୍ଡଳ ଗ୍ରାମରେ ଏକ ନିଆରା ଢଙ୍ଗରେ ଜନ୍ମଦିନ ପାଳନ କରାଯାଇଛି । ଏହି ଗ୍ରାମର ଶାଶ୍ୱତ ଜେନା ଓ ତାଙ୍କ ପତ୍ନୀ ରଶ୍ମିତା ନିଜ ଝିଅ ତୃପ୍ତିର ସ୍ୱନକ୍ଷତ୍ର ଉତ୍ସବ ବୃକ୍ଷରୋପଣ କରି ପାଳନ କରିଛନ୍ତି, ପ୍ରଦୂଷିତ ପରିବେଶର ସୁରକ୍ଷା ନିମନ୍ତେ ଏହା ଏକ ଭଲ ବାର୍ତ୍ତା ବୋଲି ସେ ଆଶା ପ୍ରକଟ କରିଛନ୍ତି । ଏନେଇ ସେ ସମସ୍ତଙ୍କ ଉଦ୍ଦେଶ୍ୟରେ ଏହି ନିବେଦନ ରଖିଛନ୍ତି କି ଉତ୍ସବରେ ଅତିକମ୍‌ରେ ଯଦି ଗୋଟିଏ ଗଛ ଲଗାଇ ତା'ର ଯତ୍ନ ନିଆଯାଆନ୍ତା । ତେବେ ପରିବେଶ ସୁରକ୍ଷା ପାଇଁ ଏକ ସୁନ୍ଦର ପଦକ୍ଷେପ ସୃଷ୍ଟି ହୋଇପାରନ୍ତା ।

## ପିଜିଏମ୍‌ଇଆର୍ ପ୍ରତିଷ୍ଠାତା ନିର୍ଦ୍ଦେଶିକା ପ୍ରଫେସର ନିବେଦିତା ପାଣି ପୁରସ୍କୃତ




ଭୁବନେଶ୍ୱର, ୩୦ ।୧୧(ସମିସ): କ୍ୟାପିଟାଲ ହସ୍ପିଟାଲ ପିଜିଏମ୍‌ଇଆର ପ୍ରତିଷ୍ଠାତା ନିର୍ଦ୍ଦେଶିକା ପ୍ରଫେସର ନିବେଦିତା ପାଣି । ସର୍ବଭାରତୀୟ ସ୍ତରରେ ମହିଳା ନିଶ୍ଚେତକ ବିଶେଷଜ୍ଞ ଭାବେ ପୁରସ୍କୃତ ହୋଇଛନ୍ତି । ଗତ ବୁଧବାରଠାରୁ ରବିବାର ପର୍ଯ୍ୟନ୍ତ ଛତିଶଗଡ଼ର ରାୟପୁରରେ ଆୟୋଜିତ ବିଶ୍ୱସ୍ତରୀୟ ନିଶ୍ଚେତକ ଡାକ୍ତର ସମ୍ମିଳନୀରେ ପ୍ରଫେସର ପାଣିଙ୍କୁ ସମ୍ମାନିତ କରାଯାଇଛି । ମହିଳା ନିଶ୍ଚେତକ ବିଶେଷଜ୍ଞ ଭାବେ ବିଶ୍ୱସ୍ତରୀୟ ପୁରସ୍କାର ପାଇବାରେ ସେ ହେଉଛନ୍ତି ପ୍ରଥମ ଓଡ଼ିଆ ଡାକ୍ତର । ଚିକିତ୍ସା କ୍ଷେତ୍ରରେ ଆନାସଥେସିଆ ବିଜ୍ଞାନରେ ଉଲ୍ଲେଖନୀୟ ଅବଦାନ ପାଇଁ ନୁହଁ ପ୍ରଫେସର ପାଣି ନିର୍ଦ୍ଦେଶିକା ଭାବେ କ୍ୟାପିଟାଲ ହସ୍ପିଟାଲର ପୋଷ୍ଟଗ୍ରାଜୁଏଟ ଇନଷ୍ଟିଚ୍ୟୁଟ୍ ଅଫ ମେଡିକାଲ ଏଜୁକେସନ ଓ ରିସର୍ଚ୍ଚ ଅନୁଷ୍ଠାନ ଗଢ଼ିତୋଳିବାରେ ପ୍ରମୁଖ ଭୂମିକା ଜୀବନବ୍ୟାପି ରୋଗୀ ସେବା କ୍ଷେତ୍ରରେ ଆଉଟଷ୍ଟାଣ୍ଡିଂ ଅବଦାନ ପାଇଁ ପୁରସ୍କୃତ ହୋଇଛନ୍ତି । ଏହି ସମ୍ମିଳନୀରେ ଦେଶ ବିଦେଶରୁ ୨ ହଜାର ୫୦୦ ଜଣ ନିଶ୍ଚେତକ ବିଶେଷଜ୍ଞ ଯୋଗ ଦେଇଥିଲେ । ୫ ଦିନ ଧରି ଚାଲିଥିବା ଏହି ସମ୍ମିଳନୀରେ ନିଶ୍ଚେତକ ବିଜ୍ଞାନରେ ବହୁ ଗବେଷଣାରକ ସନ୍ଦର୍ଭ ଉପରେ ଆଲୋଚନା ହୋଇଥିଲା । ୱାର୍ଲଡ ଫେଡେରେସନ ସୋସାଇଟି ଅଫ ଆନାସଥେସିଓଲୋଜିର ପ୍ରେସିଡେଣ୍ଟ ରୁମାନିଆର ପ୍ରଫେସର ଡାନିଏଲ ଫିଲିପେଶୁ ଏବଂ ଇଣ୍ଡିଆନ ସୋସାଇଟି ଅଫ ଆନାସଥେସିଓଲୋଜିର ପ୍ରେସିଡେଣ୍ଟ ଡାକ୍ତର ଜେ.ବାଲାଭେଙ୍କଟ ପ୍ରଫେସର ପାଣିଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି ।

## ହୀରାପୁର ପ୍ରିମିୟର ଲିଗ୍ ପାଇଁ ଖେଳାଳି ନିଲାମ

ବାଲିଅନ୍ତା,୩୦ ।୧୧(ସମିସ): ଆଜି ମହାମାୟା ଯୁବ ପରିଷଦ ପ୍ରାଙ୍ଗଣରେ ୮ମ ସଂସ୍କରଣ ହୀରାପୁର ପ୍ରିମିଅର ଲିଗ ନିମନ୍ତେ ଖେଳାଳି ନିଲାମି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଡିସେମ୍ବର ୨୫, ୨୬, ୨୭ ଏବଂ ୨୮ ତାରିଖ ୪ ଦିନ ଧରି ଖେଳ ଅନୁଷ୍ଠିତ ହେବ । ଏଥିର ୧୨୧ ଜଣ ପିଲା ଖେଳିବା ପାଇଁ ଆବେଦନ କରିଥିଲେ । ୮ଟି ମାଲିକ ଏହି ପିଲାମାନଙ୍କୁ କିଣିଥିଲେ । ଟିମ ଗୁଡିକ ହେଲା ଜେବିଏଲ ୱାରିଅର, ଲିଓ ଲାନ୍ସରସ୍, ୱାନ ମ୍ୟାନ ଟାଇଟନ, ସାଇ କ୍ରିଷ୍ଣା ୱାରିଅର, ବିଶୁନିଆ ପଡ଼ା ବୁଲ୍ସ, ବିବି ରାଇଡ଼ର, ଗୋପୀନାଥ ରାଇଡ଼ର, ଗେମ ଚେଞ୍ଜର ଇଲେଭେନ ଆଦି କ୍ରିକେଟ କ୍ଲବ୍ ନିଲାମିରେ ଅଂଶ ଗ୍ରହଣ କରିଥିଲେ । ନିଲାମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଚକ୍ରଧର ନାୟକ, ରବୀନ୍ଦ୍ର ନାଥ ନାୟକ, ପ୍ରଶାନ୍ତ କୁମାର ନନ୍ଦ, ସୁକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟ କର୍ମକର୍ତ୍ତାଙ୍କ ମଧ୍ୟରେ ଅକ୍ଷୟ କୁମାର ଦାସ, ସନ୍ତୋଷ କୁମାର ନାୟକ, ଧରଣୀଧାର ଦାସ, ରବୀନ୍ଦ୍ରନାଥ ସାହୁ, ରାଜକିଶୋର ନାୟକ, ଆଶିଷ କୁମାର ସାହୁ, ଅଭିଶେଖ ନାୟକ ।

## ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ରେ ୱେଲ୍‌ନେସ୍ ରନ୍ ୨.୦




ଭୁବନେଶ୍ୱର,୩୦।୧୧(ସମିସ): ଭାରତୀୟ ଚିକିତ୍ସା ସଂଗଠନ, ଓଡ଼ିଶା ସହିତ ହେଲ୍‌ଥଭିଲେ ଯୋଗ ଏବଂ ପ୍ରାକୃତିକ ଚିକିତ୍ସା ହସ୍ପିଟାଲର ମିଳିତ ସହଯୋଗରେ ଓଡିଏମ୍ ପବ୍ଲିକ୍ ସ୍କୁଲ କ୍ୟାମ୍ପସ୍‌ରେ ମିଶନ ମଧୁମେହ ମୁକ୍ତ ଓଡ଼ିଶା ଏବଂ ସୁସ୍ଥ ଓଡିଶା ବୃହତ୍ ଆନ୍ଦୋଳନର ଅଂଶ ଭାବରେ ୱେଲ୍‌ନେସ୍ ରନ୍ ୨.୦ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମର ନେତୃତ୍ୱ ହେଲ୍‌ଥଭିଲ୍ ଅଧ୍ୟକ୍ଷ ଏବଂ ଆଇ.ଏନ୍.ଓ.ର ମୁଖ୍ୟ ପୃଷ୍ଠପୋଷକ ଡ. ସତ୍ୟବ୍ରତ ମୀନକେତନ କରିଥିଲେ । ସେ କହିଥିଲେ, ମଧୁମେହ ଏକ ଜୀବନଶୈଳୀ ଦ୍ୱାରା ସୃଷ୍ଟି ହୋଇଥିବା ଅବସ୍ଥା ଏବଂ ଉପଯୁକ୍ତ ସଚେତନତା, ଶୃଙ୍ଖଳିତ ଦିନଚର୍ଯ୍ୟା ଏବଂ ପ୍ରାକୃତିକ ଚିକିତ୍ସା ଆଧାରିତ ନୀତି ସହିତ ଓଡିଶା ଏକ ମଧୁମେହ ମୁକ୍ତ ରାଜ୍ୟ ହୋଇପାରିବ । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ବିଏମ୍‌ସି କମିଶନର ଚଞ୍ଚଳ ରାଣା ଯୋଗଦେଇ ସହରାଞ୍ଚଳ କଲ୍ୟାଣରେ ସକ୍ରିୟ ଜୀବନଶୈଳୀ ଏବଂ ପ୍ରତିରୋଧକ ସ୍ୱାସ୍ଥ୍ୟସେବାର ଭୂମିକା ଉପରେ ଆଲୋକପାତ କରିଥିଲେ । ଆର୍.ଏସ୍.ଏସ୍. ସଦସ୍ୟ ଏବଂ ସମାଜସେବୀ ହିଂମାଂଶୁ ଶେଖର ନାୟକ, ଆଇଏନ୍‌ଓ ଓଡ଼ିଶାର ସଭାପତି ସୁବାଷ ଚନ୍ଦ୍ର ଷଡ଼ଙ୍ଗୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମଟି ହେଲ୍‌ଥଭିଲ୍ ଏବଂ ଆଇଏନ୍ ଦ୍ୱାରା ପରିଚାଳିତ ଏକ ପ୍ରତିଶ୍ରୁତି ସହିତ ଶେଷ ହୋଇଥିଲା ।

# ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଦିବାକର ପରିଡ଼ାଙ୍କ ଜୟନ୍ତୀ




ଭୁବନେଶ୍ୱର,୩୦।୧୧(ସମିସ): ବିପ୍ଳବୀ ରଘୁ ଦିବାକର ଥିଲେ ପରାଧୀନ ଭାରତରେ ଆଦ୍ୟ ଆନ୍ଦୋଳନର ପୁରୋଧା । ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ରବିବାର ସହିଦ ଦିବାକର ପରିଡ଼ାଙ୍କର ଜୟନ୍ତୀ ଉତ୍ସବ ୟୁନିଟ-୯ ସ୍ଥିତ ତାଙ୍କ ଆବକ୍ଷ ପ୍ରତିମୂର୍ତ୍ତିସ୍ଥଳରେ ପାଳନ କରାଯାଇଛି । ସହିଦ ଦିବାକର ପରିଡ଼ାଙ୍କ ଦେଶ ପାଇଁ ଦେଇଥିବା ଅଭୂତ ବଳିଦାନ ଯୁଗ ଯୁଗ ନିମନ୍ତେ ଏ ଜାତିକୁ ପ୍ରେରଣା ଯୋଗାଉଥିବ ବୋଲି ଇତିହାସ ଅନେକ ଦୃଷ୍ଟାନ୍ତ ଉପସ୍ଥାପନ କରି ଅତିଥିମାନେ ବିପ୍ଳବୀଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି । ପ୍ରଥମେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣକରି ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ପ୍ରାରମ୍ଭିକ ବରପୁତ୍ରଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ ଶିକ୍ଷାବିତ୍ କାମଦେବ ମହାପାତ୍ର । ବେଦ ପାଠ କରି ନିଜସ୍ୱ ମତାମତ ରଖିଥିଲେ ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ । ଅନ୍ୟମାନଙ୍କ ମଧ୍ୟରେ ରାମ ଚନ୍ଦ୍ର ଦାସ, ବାମନ ପରିଡା, ସମାଜସେବୀ ମନୋରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ରିନା ମହାନ୍ତି ପ୍ରମୁଖ ଯୋଗଦେଇ ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଶେଷରେ ଅମିତ୍ ପାତାଳ ସିଂ ଧନ୍ୟବାଦ୍ ଦେଇଥିଲେ ।

# ଆଜିଠାରୁ ଖଣ୍ଡଗିରି ଅଭିରାମ ଆଶ୍ରମରେ ବ୍ରହ୍ମ ସନାତନ ଯଜ୍ଞ

ଭୁବନେଶ୍ୱର,୩୦।୧୧(ସମିସ): ଖଣ୍ଡଗିରିସ୍ଥିତ ଠାକୁର ଶ୍ରୀ ଅଭିରାମ ପରମହଂସ ଦେବ ଆଶ୍ରମର ବାର୍ଷିକୋତ୍ସବ ତଥା ବ୍ରହ୍ମସନାତନ ଯଜ୍ଞ ଆସନ୍ତାକାଲି ସୋମବାର ଠାରୁ ଆରମ୍ଭ ହେବ । ଡିସେମ୍ବର ୪ ତାରିଖ ଗୁରୁବାର ପୂର୍ଣ୍ଣମୀ ଦିନ ପୂର୍ଣ୍ଣାହୁତି କରାଯିବ । ଠାକୁରଙ୍କ ମୁଖ୍ୟ ଆଶ୍ରମ କରମଳାର ସାଧୁ ସନ୍ଥମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଠାକୁରଙ୍କ ମୁଖ ନିଃସୃତ ବାଣୀ, ପ୍ରବଚନ ଓ ଭଜନ ପରିବେଷଣ କରିବେ । ଏହା ବ୍ୟତୀତ ସାଧୁ ସନ୍ଥମାନଙ୍କୁ ପୂର୍ଣ୍ଣାହୁତି ଦିନ ସମ୍ବର୍ଦ୍ଧନ କରାଯିବାର କାର୍ଯ୍ୟକ୍ରମ ରହିଛି । ଦୀର୍ଘ ଚାରିଦିନ ଧରି ଆଶ୍ରମ ପରିସରରେ ବିଭିନ୍ନ ଆଧ୍ୟାତ୍ମିକ ତଥା ସାଂସ୍କୃତିକ କାର୍ଯ୍ୟକ୍ରମମାନ କରାଯିବ । ଚଳିତ ବର୍ଷ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ସୌଜନ୍ୟରୁ ପାଲା, ଭଜନ ଓ ଛଉନୃତ୍ୟ ପରିବେଷଣ କରାଯିବ । ତେଣୁ ଠାକୁର ଆଶ୍ରିତ ଭକ୍ତମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଭୁକୃପା ଲାଭ କରିବାକୁ ଠାକୁର ଶ୍ରୀ ଅଭିରାମ ପରମହଂସ ଦେବ ଭକ୍ତ ସମିତି ପକ୍ଷରୁ ନିବେଦନ କରାଯାଇଛି ।

# ବିବେକାନନ୍ଦ ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା




ଧଉଳି,୩୦।୧୧(ସମିସ): ବାଳକାଟୀ ଜାମୁ ତୋଟାସ୍ଥିତ ବିବେକାନନ୍ଦ ପବ୍ଲିକ୍ ସ୍କୁଲରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍କୁଲ ବିଦ୍ୟାର୍ଥୀଙ୍କ ଦ୍ୱାରା ସର୍ବ ମୋଟ ୪୬ ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା । ଯାହା ପରିବେଶ ସୁରକ୍ଷା, ସୌରଶକ୍ତିର ବ୍ୟବହାର ଓ ଉତ୍ପାଦନା, ଜଳବାୟୁର ପ୍ରଦୂଷଣର ନିୟନ୍ତ୍ରଣ, ବିଭିନ୍ନ ଖାଦ୍ୟ ଶସ୍ୟର ଉତ୍ପାଦନରେ ବିଜ୍ଞାନର ଯାନ୍ତ୍ରିକ କୌଶଳ ଆଦି ଅନେକ ପ୍ରକଳ୍ପ ବିଦ୍ୟାର୍ଥୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଦ୍ୟାନକୃଷି ବିଶେଷଜ୍ଞ ଅଜୟକୁମାର ଦଶ, ବିଶିଷ୍ଟ ସମାଜ ସେବୀ ପ୍ରହ୍ଲାଦ ସାହୁ ଯୋଗଦେଇ ଦୈନନ୍ଦିନ ଜୀବନରେ ବିଜ୍ଞାନର ଉପକାରିତା ଏବଂ ଆଧୁନିକ ଭାରତରେ ପ୍ରତ୍ୟକ ବ୍ୟକ୍ତି ବେଶେଷଙ୍କୁ ବିଜ୍ଞାନର ପ୍ରଗତି କ୍ଷେତ୍ରରେ ସଚେତନ ହେବା ଉପରେ ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବସନ୍ତ କୁମାର ସ୍ୱାଇଁ, ସୁବ୍ରତ କୁମାର ପଣ୍ଡା, ସତ୍ୟବ୍ରତ ସାହୁ ପ୍ରମୁଖ ଯୋଗଦେଇ ବିଦ୍ୟାର୍ଥୀମାନଙ୍କର ପ୍ରକଳ୍ପକୁ ମୂଲ୍ୟାଙ୍କନ କରିଥିଲେ । ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏହି ମେଳାକୁ ସୁଚାରୁ ରୂପେ ପରିଚାଳନା କରିଥିବାବେଳେ ସ୍କୁଲର ଅଧ୍ୟକ୍ଷ ଅଭିରାମ ସାହୁ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଦେଇଥିଲେ ।




# ରାଜଧାନୀରେ କଳା ପଲ୍‌ସର୍ ଆତଙ୍କ

ଭୁବନେଶ୍ୱର,୩୦।୧୧(ସମିସ):

ରାଜଧାନୀ ଓ ଉପକଣ୍ଠରେ ଛାଇଗଲେଣି ଲୁଟେରା। ସୁଯୋଗ ପାଇବା ମାତ୍ରେ ଲୁଟ୍‌ପାଟ୍ କରି ଆଖି ପିଛୁଳାକେ ଗାଏବ ହୋଇ ଯାଉଛନ୍ତି। ବିଶେଷକରି ଷୋହଳ ନମ୍ବର ଜାତୀୟ ରାଜପଥରେ ଖେଳାଉଛନ୍ତି ଆତଙ୍କ। ସହରର ଜନଗହଳି ପୂର୍ଣ୍ଣ ଅଞ୍ଚଳଠାରୁ ଗାଁ ଗହଳିରେ ମଧ୍ୟ ନିଜର ଦବଦବା ଜାହିର୍ କଲେଣି। କେଉଁଠି ଭ୍ୟାନିଟି ବ୍ୟାଗ୍ ଛଡ଼ାଇ ନେଉଛନ୍ତି ତ କେତେବେଳେ ସୁନା ଚେନ୍ ଲୁଟି ନେଲେଣି। କଳା ପଲସରର ଆତଙ୍କ ଏମିତି ହେଲାଣି ଯେ, ଘରୁ ଗୋଡ଼ କାଢ଼ିବାକୁ ଡରିଲେଣି ରାଜଧାନୀବାସୀ। ନିକଟରେ ଘଟିଥିବା କିଛି ଲୁଟ୍ ଘଟଣାରୁ ଏଭଳି କଥା ସ୍ପଷ୍ଟ ହୋଇଛି।

ଅଭିଯୋଗ ଅନୁଯାୟୀ, ରବିବାର ସକାଳେ ବାଲିପାଟଣା ଆମଣାକୁଦ ଗାଁର ସନ୍ଧ୍ୟାରାଣୀ ମହାନ୍ତି ତାଙ୍କ ଘର ନିକଟରେ ଥିବା ଅମଣେଇ ମନ୍ଦିରକୁ ଯାଉଥିଲେ। ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ଦୁଇଜଣ ଲୁଟେରା ଏକ ପଲସର୍ ବାଇକ୍‌ରେ ଆସି ତାଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଇ ନିଆଳି ଆଡ଼କୁ ପଳାଇଥିଲେ। ସନ୍ଧ୍ୟାରାଣୀ ଏ ନେଇ ବାଲିପାଟଣା ଥାନାରେ ଅଭିଯୋଗ କରିଛନ୍ତି।

ସେହିପରି ସୋନାଲି ପଟ୍ଟନାୟକ ନାମ୍ନୀ ମହିଳା ସହିଦନଗରସ୍ଥିତ ପ୍ରକାଶ ଦୀପ ଟାୱାରରେ ରହୁଛନ୍ତି। ସେ ତାଙ୍କ ସାଙ୍ଗ ସହିତ ବାରଙ୍ଗସ୍ଥିତ ସାରଙ୍ଗେଶ୍ୱରୀ ମନ୍ଦିରକୁ ଯାଉଥିଲେ। ସେମାନେ ସତ୍‌ସଙ୍ଗ ବିହାର ଅତିକ୍ରମ କରୁଥିବାବେଳେ ଦୁଇଜଣ ଦୁର୍ବୃତ୍ତ ବ୍ଲାକ୍ ପଲସର୍‌ରେ ଆସି ସୋନାଲିଙ୍କଠାରୁ ଭ୍ୟାନିଟି ବ୍ୟାଗ ଛଡ଼ାଇ ନେଇଥିଲେ। ଲୁଟ୍ ହୋଇଥିବା ଭ୍ୟାନିଟି ବ୍ୟାଗ୍‌ରେ ଗୋଟିଏ ମୋବାଇଲ ଫୋନ୍, ଦୁଇଟି ଏଟିଏମ୍ କାର୍ଡ ଓ ଅନ୍ୟାନ୍ୟ ସାମଗ୍ରୀ ରହିଥିଲା। ଏ ନେଇ ସୋନାଲି ସହିଦନଗର ଥାନାରେ ଏତଲା ଦେଇଛନ୍ତି।



୩ ଦିନରେ ୫ ଜଣଙ୍କୁ ଲୁଟିଲେଣି

କାମ କରୁନି କ୍ୟାମେରା; ଚିନ୍ତାରେ ପୁଲିସ

ଖୋର୍ଦ୍ଧାର ଜଣେ ମହିଳା ଓ ତାଙ୍କ ସ୍ୱାମୀ ବାଇକ୍ ଯୋଗେ ଆଇଗିଣିଆସ୍ଥିତ ବନ୍ଧୁ ଘରକୁ ଯାଉଥିଲେ। ଡିଏନ୍ ରିଗାଲିଆ ଫ୍ଲାଇଓଭର ଅତିକ୍ରମ କରୁଥିବାବେଳେ ଦୁଇ ଜଣ ଲୁଟେରା ମହିଳାଙ୍କଠାରୁ ଭ୍ୟାନିଟି ବ୍ୟାଗ ଛଡ଼ାଇ ନେଇଥିଲେ। ଲୁଟ୍ ହୋଇଥିବା ଭ୍ୟାନିଟି ଭିତରେ ମୋବାଇଲ, ୧୨୦୦ ଟଙ୍କା, ଏଟିଏମ୍ କାର୍ଡ ରହିଥିଲା। ସେ ତମାଣ୍ଡୋ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଟ୍ରାକିଂ ଜରିଆରେ ହାଇଟେକ୍ ଛକ ଅଞ୍ଚଳରୁ ମୋବାଇଲ ଠାବ କରିଥିଲେ ମଧ୍ୟ ଅନ୍ୟ ଜିନିଷ କି ଲୁଟେରାଙ୍କ ଟେର ପାଇ ପାରିନାହିଁ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ମହିଳା ଜଣକ ଥାନାରେ ଅଭିଯୋଗ କରିବା ପରେ ପୁଲିସ ସାଙ୍ଗେ ସାଙ୍ଗେ ସିସିଟିଭି କ୍ୟାମେରା ଫୁଟେଜ୍ ଯାଞ୍ଚ କରିବାକୁ ବାହାରି ପଡ଼ିଥିଲା। ଜାତୀୟ ରାଜପଥରେ ଲାଗିଥିବା କ୍ୟାମେରା ଯାଞ୍ଚ କରିବାକୁ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରିଥିଲା। ହେଲେ ୨ ମାସ ହେବ କ୍ୟାମେରା ଅଚଳ ଥିବା ଜାଣିବାକୁ ପାଇଥିଲା। ମାତ୍ର ୩ ଦିନ ଭିତରେ ନାକେଦମ୍ କଲେଣି ଲୁଟେରା। ସ୍ପଷ୍ଟ ଦିବାଲୋକରେ କମିସନରେଟ୍ ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଗୋଟିଏ ପରେ ଗୋଟିଏ ଲୁଟ୍ କରି ଚାଲିଛନ୍ତି। ଅଭିଯୋଗ ପାଇବା ପରେ ପୁଲିସ ମାମଲା ରୁଜୁ କରୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ଲୁଟେରାଙ୍କ ପାଖରେ ପହଞ୍ଚି ପାରିନାହିଁ। ସେପଟେ ଲୁଟେରାଙ୍କ ଉତ୍ପାତ ଯୋଗୁଁ ରାଜଧାନୀବାସୀ ନିଜକୁ ଅସୁରକ୍ଷିତ ମଣିଲେଣି।

## ସର୍ଭର ଡାଉନ; ପର୍ଯ୍ୟଟକ ହୀନସ୍ତା




ନନ୍ଦନକାନନ,୩୦।୧୧(ସମିସ): ନନ୍ଦନକାନନ ଟିକଟ କାଉଣ୍ଟରରେ ରବିବାର ପୂର୍ବାହ୍ନରେ ସର୍ଭର୍ ଡାଉନ୍ ହେତୁ ପର୍ଯ୍ୟଟକମାନେ କାଉଣ୍ଟରରୁ ଟିକଟ କାଟିବାରେ ଅସୁବିଧାରେ ପଡ଼ିଥିଲେ। ଫଳରେ ପର୍ଯ୍ୟଟକମାନେ ହ୍ୱାଟ୍ସଆପ୍ ଜରିଆରେ ଟିକଟ କାଟିଥିଲେ। ସକାଳ ସାଢ଼େ ୮ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ନନ୍ଦନକାନନ ଟିକେଟ କାଉଣ୍ଟରରେ ଏଭଳି ସମସ୍ୟା ଦେଖିଦେଇଥିଲା। ଯାହାପାଇଁ ବହୁ ପର୍ଯ୍ୟଟକ ଟିକଟ କାଉଣ୍ଟରରେ ଧାଡ଼ିରେ ଛିଡ଼ାହୋଇ ବି ନିରାଶ ହୋଇଥିଲେ। ପ୍ରାୟ ୧୦ଟା୪୦ ସୁଦ୍ଧା କାଉଣ୍ଟରରେ ଟିକଟ କାଟିବାରେ ପର୍ଯ୍ୟଟକ ସକ୍ଷମ ହୋଇଥିଲେ। ଏ ନେଇ ଜଣେ ଅଧିକାରୀଙ୍କୁ ପଚାରିବାରୁ ଟିକେଟ କାଉଣ୍ଟରରେ କିଛି ସମୟ ପର୍ଯ୍ୟନ୍ତ ସର୍ଭର ଡାଉନ ହୋଇଯାଇଥିଲା। ପରେ ଏହା ଠିକ ହେବା ସହ ସ୍ୱାଭାବିକ ଭାବେ ପର୍ଯ୍ୟଟକମାନେ କାଉଣ୍ଟରରୁ ଟିକଟ କାଟିଥିଲେ।

## ସ୍କର୍ପିଓ ପୋଡ଼ି ଯୁବକ ଗିରଫ

ବାଲିଅନ୍ତା,୩୦।୧୧(ସମିସ): ବାଲିଅନ୍ତା ବ୍ଲକ୍ ସରସକଣା ଅଧୀନ ଛଦୋଳ ଗ୍ରାମର ଅଭିଯୋଗକାରିଣୀ ମୀନାକ୍ଷୀ ରାଉତରାୟଙ୍କ ଲିଖିତ ରିପୋର୍ଟ ଆଧାରରେ ଏକ ମାମଲା ରୁଜୁ କରି ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଥାନା ଅଧୀନ ପାଇଲୋ ଗ୍ରାମର ପ୍ରଦୀପ ଶୁକ୍ଲା ଓରଫ ଦିପୁ। ସୂଚନାଯୋଗ୍ୟ ଯେ, ୨୯ ତାରିଖ ୧୧.୨୦୨୫ରେ ପ୍ରାୟ ୧୧.୦୦ ଟା ସମୟରେ ଅଭିଯୋଗକାରିଣୀଙ୍କ ଘର ଆଗରେ ତାଙ୍କ ସ୍କର୍ପିଓ ଗାଡି ପାର୍କ ହୋଇଥିଲା। ସେହି ସମୟରେ ପୂର୍ବ ଶତ୍ରୁତାରୁ ଅଭିଯୁକ୍ତ ପ୍ରଦୀପ ଶୁକ୍ଲା ଗାଡିରେ ନିଆଁ ଲଗାଇ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଗାଡ଼ିରେ ନିଆଁ ଲାଗିଥିବା ଦେଖି ମୀନାକ୍ଷୀ ଚିତ୍କାର କରିଥିଲେ। ଯାହାପରେ ଅଭିଯୁକ୍ତ ଜଣେ ରାମଚନ୍ଦ୍ର ରାଉତରାୟଙ୍କ ଘର ଆଡକୁ ଦୌଡ଼ି ଭିତରକୁ ପଶି ଯାଇଥିଲେ। ଏହା ସମ୍ବନ୍ଧରେ ଅଭିଯୋଗକାରିଣୀ ବାଲିଅନ୍ତା ଥାନାକୁ ଅବଗତ କରିଥିଲେ। ତଦନ୍ତ ସମୟରେ ଅଭିଯୁକ୍ତଙ୍କ କାରଣରୁ ଗାଡିର ଆଗ ଭାଗ ପୋଡ଼ି ଯାଇଥିବା ସତ୍ୟ ପ୍ରମାଣିତ ହୋଇଥିଲା। ପରବର୍ତ୍ତୀ ଚଢଉରେ ଅଭିଯୁକ୍ତ ପ୍ରଦୀପ ସୁକଲା ଓରଫ ଦୀପୁଙ୍କୁ ପୋଲିସ୍ ଗିରଫ କରିଥିଲା। ପ୍ରାଥମିକ ପ୍ରମାଣରେ ତାଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହେବା ପରେ, ସମ୍ବନ୍ଧିତ ସମସ୍ତ ଆଇନଗତ ପ୍ରକ୍ରିୟା ପାଳନ କରି ତାଙ୍କୁ ଆଜି କୋର୍ଟକୁ ଚାଲାଣ କରାଯାଇଛି। ବର୍ତ୍ତମାନ ମାମଲାର ଅଧିକ ତଦନ୍ତ ଜାରି ରହିଛି।

## ରାସ୍ତାରେ ପଡ଼ି ଯୁବ ଡାକ୍ତରଙ୍କ ମୃତ୍ୟୁ

ଯାଁଲା,୩୦।୧୧(ସମିସ): ଏମିତି ବି ମୃତ୍ୟୁ ଆସେ। ଆଜି ଜଟଣୀ ବ୍ଲକ୍ ଯାଁଲା ପଞ୍ଚାୟତ ଦକ୍ଷିଣ ମୁଣ୍ଡମୁହାଁଣ ଗ୍ରାମର ନିହାର ରଞ୍ଜନ ସୁନ୍ଦରାୟଙ୍କ ପୁତ୍ର ଡାକ୍ତର ନିର୍ମଳ ରଞ୍ଜନ ସୁନ୍ଦରାୟ (୨୮) ରାସ୍ତାରେ ପଡ଼ି ପ୍ରାଣ ହରାଇଛନ୍ତି। ଗତକାଲି ସେ ଡେଣ୍ଟାଲ୍ କ୍ଲିନିକ୍‌ରୁ ତାଙ୍କ ଘରକୁ ଫେରିଲା ବେଳେ ବାଟରେ ମୃତ୍ୟୁ ବରଣ କରିଥିଲେ। ସୂଚନା ଥାଉକି ଗତକାଲି ଶନିବାର ରାତି ପ୍ରାୟ ୧୦ ଟାରେ ନିହାର ତାଙ୍କ ବାଇକ୍ ଦ୍ୱାରା ଘରକୁ ଫେରୁଥିବାବେଳେ ଘରଠାରୁ ମାତ୍ର ୨ଶହ ମିଟର ଦୂରରେ କୌଣସି କାରଣରୁ ବାଟରେ ଗାଡି ରଖି ସେହି ପାଖରେ ପଡ଼ିଯାଇଥିଲେ। ସେହି ଗ୍ରାମର ଜଣେ ବ୍ୟକ୍ତି ତାଙ୍କୁ ଦେଖି ଲୋକମାନଙ୍କୁ ଡାକିଥିଲେ ଓ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଏମ୍‌ସ୍ ଡାକ୍ତର ଖାନାକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଜି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ, ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ହୋଇଥିଲା।

## ଫଟୋ ଭାଇରାଲ ଧମକ; ବନ୍ଧା ହେଲା ପ୍ରେମିକ

ଭୁବନେଶ୍ୱର, ୩୦।୧୧ (ସମିସ): ଫଟୋ ଭାଇରାଲ କରିବାକୁ ଧମକ ଦେଉଥିବା ଅଭିଯୋଗରେ ପ୍ରେମିକକୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବରୀ ଥାନା ବାଲିଆପାଳ ଗାଁର ରଶ୍ମିରଞ୍ଜନ ମହାରଣା (୨୮)। ପୁଲିସ ସୂଚନାନୁସାରେ, ବରୀ ଅଞ୍ଚଳର ଜଣେ ଯୁବତୀଙ୍କର ୧୦ ବର୍ଷ ହେବ ରଶ୍ମିରଞ୍ଜନ ସହ ପ୍ରେମ ରହିଥିବାବେଳେ ଦୁଇ ବର୍ଷ ପୂର୍ବେ ଉଭୟ ଅଲଗା ହୋଇ ଯାଇଥିଲେ। ରଶ୍ମିରଞ୍ଜନ କିଛିମାସ ହେବ ତାଙ୍କୁ ପିଛା କରିବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲା। ଦାବି ଅନୁଯାୟୀ ଟଙ୍କା ନଦେଲେ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିବାକୁ ଧମକ ଦେଇଥିଲା। ଏନେଇ ଯୁବତୀ ଜଣକ ଇନଫୋସିଟି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି କିମ୍ସ ଗେଟ୍ ନିକଟରୁ ରଶ୍ମିରଞ୍ଜନକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## କେନ୍ଦ୍ରୀୟ ବିଦ୍ୟାଳୟ ବୋମା ମାଡ଼ ଘଟଣା | ୫ ଜଣଙ୍କୁ ଅଟକ ରଖି ପଚରାଉଚରା

ଭୁବନେଶ୍ୱର,୩୦।୧୧(ସମିସ): ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତବେଳେ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୩ ଉପରକୁ ବୋମା ମାଡ଼ ହୋଇଥିଲା। ତେବେ ଘଟଣାକୁ ୭୨ଘଣ୍ଟା ବିତିଯାଇଥିଲେ। ଏହା ପଛର ଉଦ୍ଦେଶ୍ୟ ସମ୍ପର୍କରେ ପୁଲିସକୁ ଏପର୍ଯ୍ୟନ୍ତ କିଛି ବି ସୁରାକ ମିଳିପାରି ନାହିଁ। ପୁଲିସ ଏବେ ବି ଅନ୍ଧାରେ ବାଡି ବୁଲାଉଛି। ଏହି ଘଟଣାରେ ପୁଲିସ ପ୍ରଥମେ ୪ ଜଣଙ୍କୁ ଅଟକ ରଖିଥିଲା। ବହୁ ସମୟ ଧରି ସେମାନଙ୍କୁ ପଚରା ଉଚରା କରିଥିଲା। ହେଲେ ସେମାନଙ୍କ ସମ୍ପୃକ୍ତି ନମିଳିବାରୁ ଛାଡି ଦେଇଥିଲା। ରବିବାର ମଞ୍ଚେଶ୍ୱର ଥାନା ପୁଲିସ ୫ଜଣଙ୍କୁ ଅଟକ ରଖି ପଚରାଉଚରା କରିଛି। ହେଲେ ଏପର୍ଯ୍ୟନ୍ତ ପୁଲିସ ଘଟଣାରୁ ପରଦା ଉଠାଇ ପାରି ନ ଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।



ବୋମା ମାଡ଼ ଘଟଣାରେ ଅଟକ ଥିବା ଅଭିଯୁକ୍ତମାନେ ସ୍ଥାନୀୟ ଅଞ୍ଚଳର। ଏମାନଙ୍କ ପୁରୁଣା ଅପରାଧିକ ରେକର୍ଡ ରହିଛି। ମଞ୍ଚେଶ୍ୱର ଥାନା ପୁଲିସ ପୂର୍ବରୁ ଏହି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଏମାନେ ବିଭିନ୍ନ ସମୟରେ ସ୍ଥାନୀୟ ଅଞ୍ଚଳରେ ହେଉଥିବା ଗଣ୍ଡଗୋଳ ସହ ଲିପ୍ତ ରୁହନ୍ତି। ଅନ୍ୟମାନଙ୍କୁ ହତିଆର ଓ ବୋମା ଯୋଗାଉଥିବା ନେଇ ପୁଲିସକୁ ଖବର ମିଳିଛି।

ତେବେ ସ୍କୁଲକୁ କିଏ କାହିଁକି ଟାର୍ଗେଟ କଲା, ଏହା ପଛର କାରଣ କ’ଣ? ଏ ନେଇ ପୁଲିସ ଖୋଳତାଡ ଜାରି ରଖିଛି। ଖୁବ୍‌ଶୀଘ୍ର ଏହି ସମସ୍ତ ଘଟଣାର ପର୍ଦ୍ଦାଫାସ ହେବ ବୋଲି ପୁଲିସର ଜଣେ ଅଧିକାରୀ କହିଛନ୍ତି।

# ନିରନ୍ତର ବିକାଶ ହାସଲରେ ବିଜ୍ଞାନ ଅଗ୍ରଣୀ ଭୂମିକା ଗ୍ରହଣ କରୁ

ଭୁବନେଶ୍ୱର, ୩୦।୧୧(ସମିସ): ଓଡ଼ିଶା ପରିବେଶ ସମିତି ଏବଂ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ୨୬ତମ ଓଡ଼ିଶା ବିଜ୍ଞାନ ଏବଂ ପରିବେଶ କଂଗ୍ରେସ ଏବଂ ‘ନିରନ୍ତର ସବୁଜ ସୀମା’ ଉପରେ ପ୍ରଥମ ଅନ୍ତର୍ଜାତୀୟ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଭାରତ ସରକାରଙ୍କ ପୂର୍ବତନ ସଚିବ ଡ. ଅରୁଣ କୁମାର ରଥ ‘ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡ଼ିଜି) ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ନବସୃଜନ’ ବିଷୟବସ୍ତୁ ଉପରେ ମୁଖ୍ୟବକ୍ତା ରୂପେ ଅଭିଭାଷଣ ପ୍ରଦାନ କରିଥିଲେ। ବିଭିନ୍ନ ଅଧିବେଶନରେ ବେଙ୍ଗାଲୁରୁର ଭାରତୀୟ ଉଦ୍ୟାନ କୃଷି ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଡ. ତୁଷାରକାନ୍ତି ବେହେରା, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ପ୍ରଫେସର ଦୀନବନ୍ଧୁ ସାହୁ, ଗ୍ରୀଡକୋର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା, ବେଲଜିୟମ୍‌ର କାଥୋଲିଏକେ ବିଶ୍ୱବିଦ୍ୟାଳୟର ପ୍ର. ୱାଲ୍ଟର ଲୁଏଟେନ୍ ଏବଂ ଭୁବନେଶ୍ୱର ଓୟୁଟିଆର୍ କୁଳପତି ପ୍ର. ବିଭୂତି ଭୂଷଣ ବିଶ୍ୱାଳ, ୧୭ଟି ଏସ୍‌ଡ଼ିଜିର ବିଭିନ୍ନ ଦିଗ ଉପରେ ଆଲୋଚନା ଉପସ୍ଥାପନ କରିଥିଲେ। ପୂର୍ବତନ ଏନ୍‌ଆଟି ନିର୍ଦ୍ଦେଶକ ପ୍ର. ସୁନୀଲ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଅଧିବେଶନରେ ଆଲୋଚକ ରୂପେ ଡ. ଶୁଭ୍ରାଂଶୁ ଭୂଷଣ ରାୟ, ପ୍ର. ବିନୋଦ ଚନ୍ଦ୍ର ଚୌଧୁରୀ, ଡ. ନିଶିଥ କୁମାର ମହାନ୍ତି ଏବଂ ପ୍ର. ଗୋପାଳ ଚନ୍ଦ୍ର କୁଣ୍ଡୁ ‘ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ନବସୃଜନ - ଆହ୍ୱାନ ଏବଂ ସମ୍ଭାବନା’ ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ। ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବରେ ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପଦ୍ମଶ୍ରୀ ପ୍ର. ଆଦିତ୍ୟ ପ୍ରସାଦ ଦାଶ ତଥା ସମ୍ମାନିତ ଅତିଥି ଭାବରେ ଓୟୁଟିଆର୍ କୁଳପତି ପ୍ର. ବିଭୂତି ଭୂଷଣ ବିଶ୍ୱାଳ ଯୋଗଦାନ କରିଥିଲେ ଓ ଅତିଥିମାନେ ୨୦୩୦ ମଧ୍ୟରେ ୧୭ଟି ସ୍ଥାୟୀ ବିକାଶ ଲକ୍ଷ୍ୟ ଦ୍ୱାରା ନିର୍ଦ୍ଧାରିତ ୧୬୯ଟି ଉଦ୍ଦେଶ୍ୟ ହାସଲ କରିବାରେ ବିଜ୍ଞାନ ଏବଂ ପ୍ରଯୁକ୍ତିର ଭୂମିକା ଉପରେ ଆଲୋକପାତ କରିଥିଲେ। ଗବେଷଣା କ୍ଷେତ୍ରରେ ଜୀବନବ୍ୟାପୀ ଅବଦାନ ନିମନ୍ତେ ପ୍ରଫେସର ଦାଶଙ୍କୁ ‘ଜୀବ ବିଜ୍ଞାନରେ ଉତ୍କର୍ଷତା ପୁରସ୍କାର’ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ, ଡିନ୍ ପ୍ର. ପ୍ରଶାନ୍ତ ରଥ, ସଂଯୋଜକ ପ୍ର. ସନ୍ଦୀପ ନାରାୟଣ କୁଣ୍ଡ, ସହ-ସଂଯୋଜକ ଡ. ଆଲୋକ କୁମାର ପଣ୍ଡା, ଏବଂ ସଂଗଠନ ସମ୍ପାଦକ ଡ. ଶୁଭାଙ୍ଗୀ ଡି. ସାହୁ ମଧ୍ୟ ଉପସ୍ଥିତ ଥିଲେ। ସହ-ସଂଯୋଜକ ଡ. ସୁରଭି ଜୈନ ଧନ୍ୟବାଦ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏହି ସମ୍ମିଳନୀରେ ରାଜ୍ୟ ତଥା ରାଜ୍ୟ ବାହାରୁ ୪୫୦ରୁ ଅଧିକ ପ୍ରତିନିଧି ଯୋଗଦାନ କରି ଏହାକୁ ସାଫଲ୍ୟ ମଣ୍ଡିତ କରିଥିଲେ।



**୨୬ତମ ବିଜ୍ଞାନ ଓ ପରିବେଶ କଂଗ୍ରେସର ଉଦ୍‌ଯାପିତ**

## ମା’ର ମାଦେବୀଙ୍କ ୧୨୫ତମ ଜୟନ୍ତୀ

ଭୂବନେଶ୍ୱର ୩୦।୧୧(ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସର୍ବୋଦୟ ନେତ୍ରୀ ମାଆ ରମାଦେବୀଙ୍କ ୧୨୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ୱାଧୀନତା ଆନ୍ଦୋଳନ କାଳରେ ତାଙ୍କ ପ୍ରେରଣାରେ ଶହ ଶହ ମହିଳା ଏଥିରେ ସାମିଲ ହେବା ସହ ଭାରତବର୍ଷକୁ ଶୃଙ୍ଖଳମୁକ୍ତ କରାଇପାରିଥିଲେ। ରମାଦେବୀଙ୍କ ପ୍ରେରଣାରେ କେବଳ ସେ ନୁହନ୍ତି, ତାଙ୍କର ସମଗ୍ର ପରିବାର ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ ଓ ସ୍ୱାଧୀନୋତ୍ତର ଭାରତରେ କ୍ଷମତା ରାଜନୀତିକୁ ନଯାଇ ବରଂ ସର୍ବୋଦୟ ଆନ୍ଦୋଳନରେ ଜୀବନ ସମର୍ପି ଦେଇଥିଲେ। ଅଳକା ଆଶ୍ରମ, ଇଞ୍ଚୁଡି ଲବଣ ସତ୍ୟାଗ୍ରହ, ବରୀ ଆଶ୍ରମ ମାଧ୍ୟମରେ କର୍ମୀ ନିର୍ମାଣ, ହରିଜନ ପଦଯାତ୍ରା ସମୟରେ ମାହାତ୍ମା ଗାନ୍ଧୀଙ୍କ ଘନିଷ୍ଠ ସହଯୋଗୀ ଭାବରେ କାର୍ଯ୍ୟ, ଭାରତ ଛାଡ଼ ଆନ୍ଦୋଳନରେ ନେତୃତ୍ୱ ପୁଣି ସ୍ୱାଧୀନ ଭାରତରେ ଭୁଦାନ ଗ୍ରାମଦାନ ଆନ୍ଦୋଳନର ନେତୃତ୍ୱ ଠାରୁ ଆରମ୍ଭ କରି ଜରୁରୀ ପରିସ୍ଥିତି ବିରୋଧୀ ସଂଗ୍ରାମରେ ଓଡ଼ିଶାର ନେତୃତ୍ୱ ସବୁଥିରେ ମା ରମାଦେବୀଙ୍କର ଓଡ଼ିଶାରେ ନାଁ ଡାକ ଥିଲା। ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଉତ୍କଳ ସର୍ବୋଦୟ ମଣ୍ଡଳ, କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକ ଟ୍ରଷ୍ଟ, ବାଜିରାଉତ ଛାତ୍ରାବାସ, ଠକ୍କର ବାପା ଆଶ୍ରମ, ଲୋହିଆ ଏକାଡ଼େମୀ, ରମାଦେବୀ ଚୌଧୁରୀ ସ୍ମାରକ ଟ୍ରଷ୍ଟ, ରାଷ୍ଟ୍ରୀୟ ଯୁବା ସଂଗଠନ ଆଦି ସଂଗଠନମାନଙ୍କୁ ନେଇ ଗଠିତ ଗାନ୍ଧିବାଦୀ ଗଣ ସଂଗଠନ ସମୂହଙ୍କ ପକ୍ଷରୁ ଆଗାମୀ ଡିସେମ୍ବର ୧ ତାରିଖରୁ ୩ ତାରିଖ ଯାଏ ମା’ ରମାଦେବୀଙ୍କ ୧୨୫ତମ ଜନ୍ମବାର୍ଷିକୀର ରାଜ୍ୟବ୍ୟାପୀ ଉଦଯାପନୀ ଉତ୍ସବ ପାଳିତ ହେବ ବୋଲି ନିଷ୍ପତ୍ତି ହୋଇଛି। ମାଆ ରମାଦେବୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଯୋଗଦେବା ପାଇଁ କୃଷ୍ଣା ମହାନ୍ତି, ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଡଃ ବିଶ୍ୱଜିତ, ମିହିର ପ୍ରତାପ ଦାସ, ବିରୁପାକ୍ଷ ତ୍ରିପାଠୀ, ସନ୍ଧ୍ୟାରାଣୀ ମଲ୍ଲିକ, ଜୟନ୍ତ ଦାସ, ଇଂ ଧନେଶ୍ୱର ସାହୁ, ପ୍ର. ସୀତା ସାହୁ, ଆର୍ଯ୍ୟଭଟ୍ଟ ମହାନ୍ତି, ସୂର୍ଯ୍ୟ ନାରାୟଣ ନାଥ, ମାନସ ପଟ୍ଟନାୟକ ପ୍ରମୁଖ କହିଛନ୍ତି।




# ବହୁ ଛକରେ ନାହିଁ ‘ଆମ ବସ୍’ ରହଣୀସ୍ଥଳ

**ବିପଦପୂର୍ଣ୍ଣ ଭାବେ ବସ୍‌କୁ ଅପେକ୍ଷା କରୁଛନ୍ତି ଯାତ୍ରୀ**

ଭୁବନେଶ୍ୱର, ୩୦।୧୧(ସମିସ):

ରାସ୍ତା ଉପରେ ବିପଦ ସଙ୍କୁଳ ଅବସ୍ଥାରେ ଲୋକମାନେ ଆମ ବସ୍‌କୁ ଅପେକ୍ଷା କରୁଛନ୍ତି। ରାସ୍ତାରେ ଏବେ ଯେଉଁ ଭଳି ଭାବରେ ଦୁର୍ଘଟଣା ଘଟୁଛି କେତେ ବେଳେ କ’ଣ ହେବ ତାହା କହି ହେବନି।

ରାଜଧାନୀରେ ୩୫ଟି ରୁଟ୍‌ରେ ୩୫୦ ‘ଆମ ବସ୍’ ଚାଲୁଛି। ଏଥିରେ ଏସି ୧୯୦ ରହିଥିବା ବେଳେ ବିନା ଏସି ବସ୍ ୧୬୦ଟି ରହିଛି। ଆମ ବସ୍ ଉପରେ ଅନେକ ଲୋକ ନିର୍ଭର କରୁଥିବା ବେଳେ ପ୍ରତିଦିନ ଶହ ଶହ ଲୋକ ସେମାନଙ୍କ ଗନ୍ତବ୍ୟ ସ୍ଥଳକୁ ନେବା ଆଣିବା କରୁଛି। କିନ୍ତୁ ସହରରେ ବିଭିନ୍ନ ଛକରେ ଆମ ବସ ଷ୍ଟପ୍ ନାହିଁ। ଫଳରେ ଲୋକମାନେ ଖରା, ବର୍ଷା, ଶୀତରେ ରାସ୍ତା ଉପରେ ବିପଦପୂର୍ଣ୍ଣ ଭାବେ ବସ୍‌କୁ ଅପେକ୍ଷା କରୁଛନ୍ତି।

କ୍ୟାପିଟାଲ ହସ୍ପିଟାଲର ଗୋଟେ ପାଖେ ବସ୍‌ଷ୍ଟପ୍ ଥିବା ବେଳେ ଅନ୍ୟ ପାଖରେ ବସ୍‌ଷ୍ଟପ୍ ନାହିଁ। ଫଳରେ ଲୋକଙ୍କ ସମେତ ରୋଗୀମାନେ ରାସ୍ତା କଡ଼ରେ ବସି ବସ୍‌କୁ ଅପେକ୍ଷା କରୁଛନ୍ତି। ଠିକ୍ ଏହିପରି ମଧ୍ୟ ଫରଚ୍ୟୁନ୍ ଟାୱାର ଛକ, ଖଣ୍ଡଗିରି, ଆଇଗିଣିଆ, ସିଟି ଓମେନ୍ସ କଲେଜ ଆଦି ଛକର ଗୋଟେ ପଟେ ଥିବା ବେଳେ ଅନ୍ୟ ପଟ କଥା ନକହିବା ଭଲ। ଏହିପରି ସହରରେ ରାଜମହଲ, ହଂସପାଳ, ନୟାପଲ୍ଲୀ, ଆଇଗିଣିଆ, ଶାସ୍ତ୍ରୀ ନଗର, ରାମ ମନ୍ଦିର, ତମାଣ୍ଡୋ, କୋଳଥିଆ, ଜାଗମରା, ଜାଗମରା ଜଗନ୍ନାଥ ମନ୍ଦିର, ଆଇଟିଆର କଲେଜ୍, ଓୟୁଏଟି ଆଦି ଛକରେ କେଉଁଠି ଗୋଟେ ପଟେ ବସ୍‌ଷ୍ଟପ୍ ଅଛି ତ ଆଉ କେଉଁ ପଟେ ମୂଳରୁ ନାହିଁ। ଫଳରେ ଅନେକ ପର୍ଯ୍ୟଟକଙ୍କ ସମେତ ଯାତ୍ରୀମାନେ ରାସ୍ତା ଉପରେ ତ ଆଉ କେଉଁଠି ଗଛ ମୂଳେ ବସ୍‌କୁ ଅପେକ୍ଷା କରି ରହୁଛନ୍ତି।

ଏ ନେଇ ଫରଚ୍ୟୁନ୍ ୱାଟାର ପାଖରେ ବସ୍‌କୁ ଅପେକ୍ଷା କରିଥିବା ଛାତ୍ରୀ ରୋଶ୍ନି ପଟ୍ଟନାୟକ କୁହନ୍ତି ଆମେ ପ୍ରତିଦିନ ଆମ ବସ୍ ଉପରେ ନିର୍ଭରଶୀଳ। କିନ୍ତୁ ବସ୍‌କୁ ଅପେକ୍ଷା କରିବା ବେଳେ ବସଷ୍ଟପ୍ ନାହିଁ। ସହରରେ ଏମିତି ଅନେକ ସ୍ଥାନ ଅଛି ଯେଉଁଠି ଦୁଇ ଦୁଇ ପଟେ ରହୁଛି ହେଲେ ଯେଉଁ ସ୍ଥାନ ଗୁଡ଼ିକରେ ବସ୍‌ଷ୍ଟପ୍ ଦରକାର ସେଠାରେ ମୂଳରୁ ନାହିଁ ବୋଲି ସେ କହିଛନ୍ତି। ଏହି ପରିପ୍ରେକ୍ଷୀରେ କ୍ରୁଟ୍‌ର ଜଣେ ଅଧିକାରୀଙ୍କ କୁହନ୍ତି ଏହି ବିଷୟରେ ଉପରିସ୍ଥ ଅଧିକାରୀ ସଠିକ୍ ଭାବରେ ମତାମତ ଦେଇ ପାରିବେ। ଏହି ସଂକ୍ରାନ୍ତରେ କୈଣସି ମତାମତ ନଦେଇ ଏହାକୁ ଏଡ଼ାଇ ଦେଇଛନ୍ତି।



ସକାଳ
THE SAKALA



# ସମ୍ପାଦକୀୟ



ମୁଁ ଭାଷା, ଜାତି ଓ ଧର୍ମର ବନ୍ଧନ ଭିତରେ ବାନ୍ଧି ହେବାପାଇଁ ଚାହେଁ ନାହିଁ। ସଙ୍ଗୀତ କ୍ଷେତ୍ର ମତେ ଏହା କରିବାକୁ ସୁଯୋଗ ଦେଇଛି !
--ଏ ଆର ରେହମାନ

## ସମ୍ଭାବନାର 'ସକାଳ'

କୁହାଯାଏ ଅନେକ ଆଶା ଓ ଯୋଜନାର ସମ୍ଭାର ନେଇ ସକାଳ ଆସେ, ମଧ୍ୟାହ୍ନ ଯୋଜନାକୁ ରୂପାୟନର ସୁଯୋଗ ସୃଷ୍ଟି ଓ କ୍ଷେତ୍ର ପ୍ରସ୍ତୁତି କରେ, ସାୟାହ୍ନ ସମୀକ୍ଷାର ଅବକାଶ ସୃଷ୍ଟି କରେ। କିନ୍ତୁ ସାମ୍ପ୍ରତିକ ବିଶ୍ୱରେ ପ୍ରତିଟି ସକାଳ ଅବିଶ୍ୱାସର କୁହୁଡ଼ିରେ ଆଚ୍ଛନ୍ନ, ବିଦ୍ୱେଷର କଳରବରେ ମଧ୍ୟାହ୍ନ ବିଦୀର୍ଣ୍ଣ ଓ ଅଶାନ୍ତିର ଉପସ୍ଥିତିରେ ସାୟାହ୍ନ ଅବସନ୍ନ। ବର୍ତ୍ତମାନର ପ୍ରତିଟି ମୁହୂର୍ତ୍ତକୁ ଆମେ ହିଁ ବିପନ୍ନ କରିଚାଲିଛୁ, ଭବିଷ୍ୟତର ଅସ୍ଥିରତାକୁ ପ୍ରଶ୍ରୟ ଦେଉଛୁ। ଅତୀତକୁ ପରଖିବା ଓ ଶିଖିବାର ସମୟ ନାହିଁ, ସଦିଚ୍ଛା ମଧ୍ୟ ନାହିଁ। ବିଶ୍ୱର କୌଣସି ସଂସ୍ଥାନ, ଉପାଦାନ ଓ ଜୀବନ ନାହିଁ, ଯାହା ଏକ ଆସ୍ଥାହୀନ ପରିବେଷ୍ଟନୀ ଭିତରେ ଅହରହ ଦହନ ହୋଇଚାଲିନାହିଁ। ଆଜି ବାୟୁ ଦୂଷିତ, ଜଳ ବିଷାକ୍ତ, ମାନବିକ ଭାବନା କଳୁଷିତ। ଏଭଳି ବାତାବରଣ କେବଳ ଯୁଦ୍ଧ, ଦ୍ୱନ୍ଦ୍ୱ, ହିଂସା, ଈର୍ଷା, ଦ୍ୱେଷ, ଆତଙ୍କ, ରକ୍ତପାତ, କାତରତା, କାପୁରୁଷତା, ପରଶ୍ରୀକାତରତା, ଶଠତା, ଦୁର୍ନୀତି, ଭ୍ରଷ୍ଟାଚାର, ପ୍ରତାରଣା, ପକ୍ଷପାତିତାକୁ ଜନ୍ମ ଦେଇପାରେ ଏବଂ ତାହା ହିଁ ଘଟୁଛି। ଏହି ପୃଷ୍ଠଭୂମିରେ ଯଦିବା କେବେ କେଉଁଠି କେତେବେଳେ ଶାନ୍ତି, ସହାବସ୍ଥାନ ଓ ସୁସ୍ଥତାର ସମ୍ଭାବନାଟିଏ ସୃଷ୍ଟି ହେଉଛି ତାହାର ପ୍ରଭାବ ସୁଦୂରପ୍ରସାରୀ ହେବା ସ୍ୱାଭାବିକ।

କୋଭିଡ୍ ମହାମାରୀରେ ସାମାଜିକ ଜନଜୀବନ ଓ ଅର୍ଥନୀତିର ଅସ୍ଥିର ପରିବେଶ ଭିତରେ ସେଭଳି ଏକ ଆଶାର ସମ୍ଭାବନା ନେଇ 'ସକାଳ' ଜନ୍ମ ନେଇଥିଲା ଆଜିକୁ ପାଞ୍ଚବର୍ଷ ତଳେ। ଆଜି ମାତ୍ର ଛଅବର୍ଷରେ ପାଦ ଦେଇଥିବା ଏହି ଦୈନିକ ଖବରକାଗଜର ଶୈଶବ କିନ୍ତୁ ଆନନ୍ଦମୁଖର ଓ ଉପଭୋଗ୍ୟ ନଥିଲା। ମାତ୍ର ଚାରିବର୍ଷ ବୟସରେ ସାମ୍ନା କରିଥିଲା ସାଧାରଣ ନିର୍ବାଚନ ରୂପକ ରାଜନୈତିକ ଝଡ଼କୁ। ରାଜ୍ୟରେ କ୍ଷମତା ବଦଳିବା ସହିତ 'ସକାଳ' ସମ୍ମୁଖୀନ ହେଲା ପକ୍ଷପାତିତାର। ଆଜିର ସମୟର ପ୍ରତିଯୋଗିତାପୂର୍ଣ୍ଣ ଆହ୍ୱାନର ସମ୍ମୁଖୀନ ହେବା ପାଇଁ ସରକାରୀ ସହଯୋଗିତା ଓ ପୃଷ୍ଠପୋଷକତା ଅପରିହାର୍ଯ୍ୟ ଆବଶ୍ୟକତା ହୋଇପଡ଼ିଥିଲା ବେଳେ 'ସକାଳ' ସେଥିରୁ ବଞ୍ଚିତ। ଶୈଶବରେ ନିୟତିର ଏହି କ୍ରୂର ପ୍ରହାରରେ ତଥାପି 'ସକାଳ' ଭାଙ୍ଗି ପଡ଼ିନାହିଁ; କାହା ପ୍ରତି ଅସୂୟା ମନୋଭାବ ପୋଷଣ କରିନାହିଁ। ପ୍ରତିଶୋଧପରାୟଣ ହୋଇନାହିଁ କି ବ୍ୟକ୍ତିଗତ କୁତ୍ସାରଟନା ପରି ଦୁର୍ବଳ ଓ କାମଳ ସାମ୍ବାଦିକତାର ସାହାରା ନେଇ ନାହିଁ। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ କେବଳ ଗଣଙ୍କ ହିତରେ ଏକ ସ୍ୱଚ୍ଛ, ନିରପେକ୍ଷ, ନିର୍ଭୀକ ସାମ୍ବାଦିକତାର ଭୂମିକା ନିଷ୍ଠାର ସହିତ ନିର୍ବାହ କରିଚାଲିଛି। ସଂଘର୍ଷରେ ମଧ୍ୟ ମୂଲ୍ୟବୋଧ, ଆଦର୍ଶ ଓ ନୀତି ସହିତ 'ସକାଳ' ସାଲିସ୍ କରିନାହିଁ; ମୂଳ ଲକ୍ଷ୍ୟରୁ ବିଚ୍ୟୁତ ହୋଇନାହିଁ। ନିଷ୍ପେଷିତ, ଅବହେଳିତ ଓ ପୀଡ଼ିତଙ୍କ ସ୍ୱର ହେବାର ସଂକଳ୍ପ ସହିତ ଜନ୍ମ ନେଇଥିବା 'ସକାଳ' ଆଜି ମଧ୍ୟ ତା'ର ଦାୟିତ୍ୱ ନିର୍ବାହନ ଓ କର୍ତ୍ତବ୍ୟ ସମ୍ପାଦନରେ ଅଟଳ ରହିଛି। ଲୋକଙ୍କର ସ୍ୱର ହୋଇଛି। ସର୍ବୋପରି ରାଜ୍ୟବାସୀଙ୍କ ସ୍ୱାର୍ଥ ଓ ରାଜ୍ୟର ହିତକୁ ଅଗ୍ରାଧିକାର ଦେଇଛି। ତେଣୁ ସାମ୍ପ୍ରତିକ ବାତାବରଣର ପ୍ରଚ୍ଛଦପଟ୍ଟରେ 'ସକାଳ'କୁ ଗଣମାନଙ୍କର ନିଃସର୍ତ୍ତ ସମର୍ଥନ, ଅଭିନନ୍ଦନ, ଆଶିଷ ଓ ଶୁଭକାମନା ବଢ଼ିବାରେ ଲାଗିଛି। ସର୍ବୋପରି 'ସକାଳ'ର ବିକଳ୍ପହୀନ ସମ୍ପାଦକୀୟ ନୀତି, ସୁସ୍ଥ ସମାଲୋଚନା ଓ ନିଚ୍ଛକ ଖବର ପରିବେଷଣ କ୍ରମଶଃ ଗ୍ରହଣୀୟ ଓ ଆସ୍ଥାଭାଜନ ହେଉଛି।

ସୃଷ୍ଟିର ପରିବର୍ତ୍ତନଶୀଳ ଧାରାରେ ନୀତି ଓ ଆଦର୍ଶ ହିଁ ଚିରନ୍ତନ। ତେଣୁ 'ସକାଳ' ତା'ର ଶୈଶବରେ ଆଦରି ନେଇଥିବା ଆଦର୍ଶ ଯୌବନର ଉଦ୍ଦାମତାରେ ଭୁଲିଯିବ ନାହିଁ କି ଶତାୟୁରେ ବାର୍ଦ୍ଧକ୍ୟର ଚାପରେ ନଇଁଯିବ ନାହିଁ। ବରଂ ସମୟ ସହିତ ଆହୁରି ଅଧିକ ତେଜୀୟାନ୍, ପରିପକ୍ୱ ଓ ଉତ୍ତରଦାୟୀ ହେବ। ପାଠକମାନଙ୍କର ଶ୍ରଦ୍ଧା ହିଁ 'ସକାଳ'ର ପୁଞ୍ଜି। କର୍ମଚାରୀମାନଙ୍କର ନିଷ୍ଠା, ପରିଶ୍ରମ ଓ ସମର୍ପିତ ଅଂଶଗ୍ରହଣ ହିଁ ତା'ର ଶକ୍ତି। ଏହି ପୁଞ୍ଜିକୁ କେହି ଛଡ଼ାଇ ନେଇପାରିବ ନାହିଁ କି ଶକ୍ତିକୁ ପରାହତ କରିପାରିବ ନାହିଁ। ଯେଉଁ ଶୁଭଚିନ୍ତକମାନେ ଆମକୁ ନୈତିକ ସାହସ ଦେଇ ଆମର ମନୋବଳ ବୃଦ୍ଧି କରିଛନ୍ତି, ଆମକୁ ସାମର୍ଥ୍ୟ ଅନୁଯାୟୀ ସମର୍ଥନ ଓ ଅକୁଣ୍ଠ ସହଯୋଗ ପ୍ରଦାନ କରିଛନ୍ତି ସେମାନଙ୍କ ନିକଟରେ ଆମେ କୃତଜ୍ଞ।

ବର୍ତ୍ତମାନର ଶିଳାଖଣ୍ଡ ଉପରୁ କେବଳ ଏକ ବିପନ୍ନ, ଅନିଶ୍ଚିତ ଓ ଅଶାନ୍ତ ଭବିଷ୍ୟତର ରୂପ ହିଁ ଦେଖାଯାଉଛି। ସ୍ୱାର୍ଥାନ୍ୱେଷୀ ଓ ବିସ୍ତାରବାଦୀ ଆଭିମୁଖ୍ୟ ଆହୁରି ଉଗ୍ର ହେବାକୁ ଯାଉଛି। ବିଶ୍ୱ କ୍ରମଶଃ ଯୁଦ୍ଧବିଗ୍ରହର ପଞ୍ଝା ଭିତରକୁ ଚାଲିଯାଉଛି, ପରମାଣୁ ଯୁଦ୍ଧର ଆଶଙ୍କା ଘନୀଭୂତ ହେଉଛି। ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନର କରାଳ ଛାୟା ସବୁଜ ସୁନ୍ଦର ପୃଥିବୀକୁ ଆଚ୍ଛାଦିତ କରିଚାଲିଛି। ଅନାହାର, ଦାରିଦ୍ର୍ୟ, ପ୍ରାକୃତିକ ଦୁର୍ବିପାକର ଘନଘଟା ଆହୁରି ଉତ୍କଟ ହେବାକୁ ଯାଉଛି। କୃତ୍ରିମ ବୁଦ୍ଧିମତ୍ତା ମାନବ ସଭ୍ୟତାର ସ୍ଥାୟିତ୍ୱ ପ୍ରତି ଆହ୍ୱାନ ସୃଷ୍ଟି କରିଛି। ବିଶ୍ୱର ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଅସୀମ ଆହ୍ୱାନ ଓ ଅସ୍ଥିରତାର ତାଡ଼ନା ମଧ୍ୟରେ ଗଣମାଧ୍ୟମକୁ ମାର୍ଗଦର୍ଶକ ଓ ସତର୍କଘଣ୍ଟିର ଭୂମିକା ନିର୍ବାହ କରିବାକୁ ହେବ। ଅହିଂସାର ବାର୍ତ୍ତାବହ ହୋଇ ମାନବିକତାର ପ୍ରଚାର କରିବାକୁ ପଡ଼ିବ। ପକ୍ଷବାଦୀ ହେଉ କି ନିରପେକ୍ଷ, ଗଣମାଧ୍ୟମ ଏକ ସ୍ୱଚ୍ଛ ଦର୍ପଣର ଭୂମିକା ନିର୍ବାହ ନ କଲେ ଆଗାମୀ କାଲି ଲେଖାଯିବାକୁ ଥିବା ଆଜିର ଇତିହାସରେ ଉତ୍ତରଦାୟୀ କେବଳ ଗଣମାଧ୍ୟମ ହିଁ ରହିବ।

ଏଠାରେ କର୍ମ ଓ କାଳଖଣ୍ଡର ସେହି ଅମରଜୟୀ ଉକ୍ତିଟି ଉଦ୍ଧୃତ କରିବା ପ୍ରାସଙ୍ଗିକ ହେବ - 'ସୁନ୍ଦର ଯେତିକି ଅନ୍ଧାର ସେତିକି ଏହି ଯେ ଗହନ ବନ, ତେଣୁ ତୁ ଆପଣା ସଂକଳ୍ପେ ଅଟଳ ଅଚଳ ରହ ରେ ମନ / ଆଗରେ ପଡ଼ିଛି ପଥ ବହୁଦୂର ଆହୁରି କେତେ ଯେ ବାକି, ଚାଲିବି ଚାଲିବି ନ ପଡ଼ିବି ଥକି ମୁଦିବା ଆଗରୁ ଆଖି।' ଜୀବନଯୁଦ୍ଧରେ, ପରିସ୍ଥିତିର ତାଡ଼ନାରେ, ସମୟର ପ୍ରବାହରେ କୌଣସି ଗଣମାଧ୍ୟମ ସଂସ୍ଥା ସାମୟିକ ବିରତି ନେଇପାରେ; କିନ୍ତୁ ଗଣମାଧ୍ୟମର ମୃତ୍ୟୁ ନାହିଁ। ଗଣଙ୍କର ଉପସ୍ଥିତି ଥିବା ଯାଏଁ ଗଣମାଧ୍ୟମର ଅସ୍ତିତ୍ୱକୁ ବିଲୟ କରିବାର ଶକ୍ତି କାଳର ମଧ୍ୟ ନାହିଁ, ସରକାର ଆଜି ନ ହେଲେ କାଲି ବଦଳିବା ନିଶ୍ଚିତ। ଗଣଙ୍କର ସ୍ୱର ଭାବରେ ଯାହା କିଛୁ ଲେଖାଯାଇଛି, ଲେଖି ହୋଇଯାଉଛି ତାହା ଅବିନିଶ୍ୱର ଯୁଗାନ୍ତର ପର୍ଯ୍ୟନ୍ତ।

ସମ୍ଭାବନାର ସେହି ଅଫୁରନ୍ତ ଆଶା ନେଇ ଆଉ ଏକ ନୂଆ ସକାଳ ଅପେକ୍ଷାରେ!

## ନିର୍ବାଚନରେ ବ୍ୟାଖ୍ୟାନ ଓ ବାସ୍ତବତା

ଗୌରୀ ପ୍ରସାଦ ମହାପାତ୍ର

ବିହାର ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣା ପରେ ପୁଣି ଥରେ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତାରେ ପ୍ରଶ୍ନଚିହ୍ନ ଲାଗିଛି। ମୁଖ୍ୟ ନିର୍ବାଚନ ଆୟୋଗଙ୍କ ନିରପେକ୍ଷତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଜନାଦେଶ ସର୍ବୋପରି ଓ ପ୍ରଶ୍ନାତୀତ। କିନ୍ତୁ ଜନମତକୁ ପ୍ରଭାବିତ କରିବା ପାଇଁ ଏହି ନିର୍ବାଚନରେ ଯେଭଳି ସାଧନମାନ ବ୍ୟବହାର ହେଲା, ତାହା ଭାରତୀୟ ଗଣତାନ୍ତ୍ରିକ ଓ ନିର୍ବାଚନ ଇତିହାସରେ ଏକ ନୂଆ ଅଲୋଡ଼ା ଅଧ୍ୟାୟ ଲେଖି ଦେଇଗଲା। ବିହାର ବିଧାନସଭା ଫଳାଫଳ ପରେ ବ୍ୟାଖ୍ୟାନ ସୃଷ୍ଟି ହେଲା ବିହାର ଜନତା ଲାଲୁ ପ୍ରସାଦ ଯାଦବଙ୍କ 'ଜଙ୍ଗଲରାଜ'କୁ ପ୍ରତ୍ୟାଖ୍ୟାନ କରି ନୀତୀଶ କୁମାର ନେତୃତ୍ୱାଧୀନ 'ବିକାଶର ଶାସନ'କୁ ଅଧିକ ପସନ୍ଦ କଲେ। ଏ କଥା ମଧ୍ୟ କୁହାଗଲା ଯେ ବହୁଚର୍ଚ୍ଚିତ 'ଏସ୍ଆଇଆର' ଓ 'ଭୋଟ ଚୋରି' ଅଭିଯୋଗକୁ ବିହାରବାସୀ ନାପସନ୍ଦ କରି ଜୀବନଜୀବିକାର ବାସ୍ତବତାକୁ ଗୁରୁତ୍ୱ ଦେଲେ। ବିହାର ନିର୍ବାଚନ ଫଳାଫଳ ଏତେଟା ଆଲୋଚିତ ହୋଇ ନଥା'ନ୍ତା, ଯଦି ଏହାର ପ୍ରଚ୍ଛଦପଟ୍ଟର ରଣକୌଶଳ ଦେଶର ସାମଗ୍ରିକ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିବାର ଆଶଙ୍କା ସୃଷ୍ଟି ହୋଇନଥା'ନ୍ତା।

ଦୀର୍ଘ ପ୍ରାୟ ୨୦ ବର୍ଷ ଧରି ନୀତୀଶ କୁମାରଙ୍କ ପ୍ରତ୍ୟକ୍ଷ ଏବଂ କିଛିଦିନ ପରୋକ୍ଷ ହେପାଜତରେ ଥିବା ବିହାର ବିକାଶଧାରାର ବାସ୍ତବ ଚିତ୍ର ବିଷୟରେ ଏବେ କିଞ୍ଚିତ ଆଲୋଚନା କରିବା। ୧୯୯୧ରେ ଯୁଗାନ୍ତକାରୀ ଆର୍ଥିକ ସଂସ୍କାରକୁ ପୁଞ୍ଜି କରି ଦେଶର ଅନ୍ୟାନ୍ୟ ରାଜ୍ୟମାନେ ନିଜନିଜର ସାମାଜିକ-ଅର୍ଥନୀତିରେ ଆଖିଦୃଶିଆ ଉନ୍ନତି ଆଣିବାରେ ଅନେକାଂଶରେ ସଫଳ ହୋଇଥିଲେ ହେଁ ବିହାର ଯେ ଏହାର ବିପରୀତ ସୁଅରେ ଯାଇ ସମ୍ପୂର୍ଣ୍ଣ ଅସଫଳ ହୋଇଛି, ତାହା ଯେ କେହି ସ୍ୱୀକାର କରିବେ। ୧୯୯୧ ମସିହାରୁ ବିହାରରେ ନିଯୁକ୍ତି ହାରର ଅଭିବୃଦ୍ଧି ଅତିନଗଣ୍ୟ। ପ୍ରତିଭୂତି ବଜାରରେ ପଞ୍ଜିକୃତ କମ୍ପାନୀଙ୍କ ସଂଖ୍ୟା ବିହାରରେ ମାତ୍ର ୫। ଇଏସ୍ଆଇ ପ୍ରଦାନ କରିପାରୁଥିବା ସଂସ୍ଥାଙ୍କ ସଂଖ୍ୟା ମାତ୍ର ୯, ୨୧୭। ରାଜ୍ୟର ୯୯ ପ୍ରତିଶତ ଏମ୍ଏସ୍ଏମ୍ଇ ଅଣୁ ବା ଲଘୁ ବର୍ଗର। ମୋଟ ମାନବ ସମ୍ବଳର ମାତ୍ର ୫% ବିନିର୍ମାଣ, ୦.୫ % ବିତ୍ତୀୟ ସେବା, ୦.୪% ବୈଷୟିକ ଜ୍ଞାନକୌଶଳ, ୧%ରୁ କମ୍ ରିଟେଲ୍ ଓ ଫର୍ମା କମ୍ପାନୀରେ ନିଯୁକ୍ତ। ୨୦୨୩-୨୪ ସୁଦ୍ଧା ବିହାରରେ ମାତ୍ର ୩, ୩୮୬ କାରଖାନା ରହିଛି, ଯାହା ଦେଶର ମୋଟ ଶିଳ୍ପ ସଂସ୍ଥାର ୧.୩%। ଦେଶର ମୋଟ ଶିଳ୍ପ ଶ୍ରମିକଙ୍କ ମଧ୍ୟରେ ବିହାରୀଙ୍କ ସଂଖ୍ୟା ୦.୭୫%। ରାଜ୍ୟର ମୋଟ ଘରୋଇ ଉତ୍ପାଦରେ ସେବା କ୍ଷେତ୍ରର ଅବଦାନ ହାର ବିଯୁକ୍ତାତ୍ମକ। ବିଗତ ଦଶନ୍ଧିରେ ସେଠାରେ ମାତ୍ର ୧୩ଟି ଅତିରିକ୍ତ ଶୀତଳଭଣ୍ଡାର ପ୍ରତିଷ୍ଠା ହୋଇଛି ଏବଂ ଏବେସୁଦ୍ଧା ମାତ୍ର ୮୯୯ଟି ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ର କାର୍ଯ୍ୟରତ।

ନୀତୀଶଙ୍କ ଶାସନାଧୀନ ବିହାର ଅର୍ଥନୀତିର ଚିତ୍ର ଆହୁରି ନୈରାଶ୍ୟଜନକ। ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟର ବିତ୍ତୀୟ ନିଅଣ୍ଟ ୯.୨ ପ୍ରତିଶତ। ମୁଣ୍ଡପିଛା ଆୟ ଦେଶରେ ସବୁଠାରୁ କମ୍। ଋଣ ଭାର ୨୦୦୫ରେ ୪୩ ହଜାର କୋଟି ଟଙ୍କା ଥିବା ବେଳେ ୨୦୨୪ ବେଳକୁ ୩, ୧୯, ୦୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ବିହାର ନିଜେ କରିଥିବା ଜାତିଗଣନା ରିପୋର୍ଟର ତଥ୍ୟାନୁଯାୟୀ ୯୪ ଲକ୍ଷ ପରିବାରର ଦୈନିକ ଆୟ ୨୦୦ ଟଙ୍କାରୁ ମଧ୍ୟ କମ୍। ୨ କୋଟି ୨୦ ଲକ୍ଷ ଲୋକ ଶ୍ରମିକ ଭାବେ କାର୍ଯ୍ୟରତ। ୯୫% ପରିବାରର ନିଜସ୍ୱ ଯାନ ନାହିଁ। ପ୍ରାୟ ୧୨ କୋଟି ଜନସଂଖ୍ୟାରୁ ମାତ୍ର ୧୦% ଦ୍ୱାଦଶ-ଉତ୍ତୀର୍ଣ୍ଣ। ପ୍ରତି ୫ ଜଣ ସ୍ନାତକଙ୍କ ମଧ୍ୟରୁ ୪ ଜଣ ବେକାର। ତେଣୁ ଯୁବବର୍ଗର ସିଂହଭାଗ ଦାଦନ।

ନିତି ଆୟୋଗର ୨୦୨୩-୨୪ ରିପୋର୍ଟ ଅନୁଯାୟୀ ଶିକ୍ଷା, ସ୍ୱାସ୍ଥ୍ୟ, ବୁଭୁକ୍ଷୁ ଓ ଦାରିଦ୍ର୍ୟ ଦୂରୀକରଣ, ଶ୍ରମ ଓ ଅର୍ଥନୈତିକ ଅଭିବୃଦ୍ଧିରେ ବିହାରର ପ୍ରଦର୍ଶନ ଦେଶରେ ସବୁଠାରୁ ନୈରାଶ୍ୟଜନକ। ୨୦ ହଜାରରୁ ଅଧିକ ସ୍କୁଲ୍‌ରେ ବିଜୁଳି ନାହିଁ, ୭୬ ହଜାରରୁ ଅଧିକରେ କମ୍ପ୍ୟୁଟର ନାହିଁ। ସ୍କୁଲ୍ ଡ୍ରପ୍ ଆଉଟ୍ ହାରରେ ବିହାର ଦେଶର ପ୍ରଥମ ସ୍ଥାନରେ ରହିଛି। ରାଜ୍ୟର ୯୦% ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର କିମ୍ବା ପାରାମେଡିକାଲ୍ କର୍ମୀ ନାହାନ୍ତି। ପ୍ରତି ତିନିଜଣରେ ଦୁଇଜଣ ମହିଳା ରକ୍ତହୀନତାର ଶିକାର। ମାତ୍ର ୧୧ ପ୍ରତିଶତ ଶିଶୁ ପୌଷ୍ଟିକ ଖାଦ୍ୟ ପାଉଥିବା ବେଳେ ୫ ବର୍ଷରୁ କମ୍ ୪୦% ଶିଶୁ ପୁଷ୍ଟିହୀନ ଜନିତ ବିଭିନ୍ନ ଶାରୀରିକ ବିକାରରେ ଆକ୍ରାନ୍ତ।

ନୀତୀଶଙ୍କ ଶାସିତ ବିହାରରେ ଦୁର୍ନୀତି, ମନମୁଖି କାର୍ଯ୍ୟକଳାପ, ଭ୍ରଷ୍ଟାଚାର ଏତେ ଅଧିକ ଯେ ଦୀର୍ଘ ଦଶବର୍ଷ ତଳୁ ଆରମ୍ଭ ହୋଇଥିବା ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ଏବେ ମଧ୍ୟ ନିର୍ମାଣାଧୀନ କିମ୍ବା ଭାଙ୍ଗିରୁଜି ଗଲାଣି। ଗତ ଦୁଇବର୍ଷ ମଧ୍ୟରେ ବିହାରରେ ହତ୍ୟା ଘଟଣା ୨୫% ବୃଦ୍ଧି ପାଇଛି ଏବଂ ଅପରାଧିକ କାର୍ଯ୍ୟକଳାପରେ ବିହାର ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି। ଏଣୁ ରାଜ୍ୟରେ ବ୍ୟବସାୟ ଆରମ୍ଭ କିମ୍ବା ଶିଳ୍ପ ପ୍ରତିଷ୍ଠା ପାଇଁ ଅଧିକାଂଶ ନିବେଶକ, ଶିଳ୍ପପତି ଓ ବ୍ୟବସାୟୀ ଅନାଗ୍ରହୀ।

କେନ୍ଦ୍ର ପରିସଂଖ୍ୟାନ ଓ ଯୋଜନା ରୂପାୟନ ମନ୍ତ୍ରଣାଳୟର ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ରିପୋର୍ଟ ଅନୁଯାୟୀ ଦେଶର ସାମଗ୍ରିକ ଶ୍ରମଶକ୍ତିରେ ବିହାର ମହିଳାଙ୍କ ଅବଦାନ ମାତ୍ର ୮.୮ ପ୍ରତିଶତ, ଯାହା ଅନ୍ୟ ରାଜ୍ୟ ତୁଳନାରେ ସର୍ବନିମ୍ନ। ଅପରପକ୍ଷରେ ରାଜ୍ୟର ମହିଳା ଶ୍ରମଶକ୍ତିର ତିନି-ଚତୁର୍ଥାଂଶ କୃଷିରେ ନିୟୋଜିତ, ଯାହା ଦେଶରେ ସର୍ବାଧିକ। ସହରାଞ୍ଚଳରେ ବେରୋଜଗାର ମହିଳାଙ୍କ ହାର ୫୨.୩%। ତେଣୁ ନୀତୀଶ କୁମାରଙ୍କ ପର୍ଯ୍ୟାୟଭିତ୍ତିକ ମୋଟ ୨ ଲକ୍ଷ ଟଙ୍କା ନଗଦ ହସ୍ତାନ୍ତର ଯୋଜନା ବିହାର ମହିଳାମାନଙ୍କୁ କେତେ ସ୍ୱାବଲମ୍ବୀ କରିପାରିବ ଏବଂ ସେମାନଙ୍କ ପରିବାରର ଗରିବୀ କେତେ ହ୍ରାସ କରିପାରିବ ତାହା ବୁଝାଇ କହିବା ଆବଶ୍ୟକ ନାହିଁ।

୨୦ ବର୍ଷର ସମୟ କିଛି କମ୍ ନୁହେଁ। ଚଳିତ ଶତାବ୍ଦୀ ଆରମ୍ଭ ବେଳକୁ ସାମାଜିକ-ଅର୍ଥନୈତିକ ମାନଦଣ୍ଡରେ ବିହାର ସହିତ ପ୍ରାୟ ସମରେଖା ଥିବା ଓଡ଼ିଶା ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି, ନିଷ୍ଠା, ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ବଳରେ ସେହି ସମାନ ସମୟ ମଧ୍ୟରେ ଜାତୀୟସ୍ତରରେ ବିକାଶ ମଡେଲ୍‌ରେ ଉଦାହରଣୀୟ ହୋଇପାରିଛି ଏବଂ ବିଶ୍ୱସ୍ତରରେ ସମ୍ମାନିତ ହୋଇଛି। ଅଥଚ ବିହାରର ବିକାଶଧାରା ଆଜି ମଧ୍ୟ ସେହି ଜାତିବାଦରେ ସୀମିତ। ତେଣୁ ନୀତୀଶଙ୍କ ଜନକଲ୍ୟାଣମୁଖୀ କାର୍ଯ୍ୟଧାରା ଭୋଟରଙ୍କୁ ଆକୃଷ୍ଟ କରିଛି ବୋଲି ଯେଉଁ ବ୍ୟାଖ୍ୟାନ ସୃଷ୍ଟି ହୋଇଛି ତାହା କେତେ ବାସ୍ତବ ବିଚାରସାପେକ୍ଷ।

ଏହି ବ୍ୟାଖ୍ୟାନ ପଛର ବାସ୍ତବତା ହେଉଛି ଭୋଟଦାନରେ ମହିଳମାନଙ୍କର ଅଭୂତପୂର୍ବ ଯୋଗଦାନ। ଗତ ବିଧାନସଭା ନିର୍ବାଚନ ତୁଳନାରେ ଚଳିତ ଥର ବିହାର ମହିଳାଙ୍କ ଭୋଟଦାନ ହାର ୧୮% ବୃଦ୍ଧି ପାଇଛି। କିନ୍ତୁ ଏବେ ପ୍ରଶ୍ନ ଉଠୁଛି ଭୋଟଦାନରେ ମହିଳାଙ୍କ ଏହି ଆତିଶଯ୍ୟ ସ୍ୱତଃସ୍ଫୂର୍ତ୍ତ ନା ପ୍ରାୟୋଜିତ? ବିହାରରେ ମହିଳାମାନଙ୍କ ହାରହାରି ମୁଣ୍ଡପିଛା ବାର୍ଷିକ ଆୟ ମାତ୍ର ୪୯, ୦୦୦ ଟଙ୍କା। ତେଣୁ 'ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା' ନାମରେ ରାଜ୍ୟର ୭୫ ଲକ୍ଷ ମହିଳାଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ପ୍ରତ୍ୟକ୍ଷ ନଗଦ ହସ୍ତାନ୍ତର ଘୋଷଣା ସେମାନଙ୍କ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ମାନସିକତାକୁ ପ୍ରଭାବିତ କରି ଭୋଟରେ ରୂପାନ୍ତରିତ ହୋଇଥିବା ନିଶ୍ଚିତ। ଚତୁରତାର ସହିତ ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ଏହି ଯୋଜନାର କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ ଅଭିଯୋଗ ଅନୁଯାୟୀ ଭୋଟଦାନ ପୂର୍ବଦିନ ପର୍ଯ୍ୟନ୍ତ ମହିଳାମାନଙ୍କ ଖାତାକୁ ପ୍ରଥମ ପର୍ଯ୍ୟାୟର ୧୦ ହଜାର ଟଙ୍କା ଲେଖାଏଁ ଆସୁଥିଲା। ତେଣୁ 'ନୋଟ୍ ଫର ଭୋଟ୍' ବା 'ଟଙ୍କା ବଦଳରେ ଭୋଟ' ରଣକୌଶଳଟି ବିହାରରେ ଏକପ୍ରକାର ବୈଧ ହୋଇଗଲା।

ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ଓ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟାରେ ଲୋକସଭା କିମ୍ବା କୌଣସି ରାଜ୍ୟ ବିଧାନସଭା ପୂର୍ବରୁ କେନ୍ଦ୍ର କିମ୍ବା ରାଜ୍ୟ ସରକାରମାନେ ବଜେଟ୍‌ରେ ଉଦ୍ଦେଶ୍ୟମୂଳକ ବ୍ୟୟବରାଦ କରିପାରିବେ ନାହିଁ କି ପ୍ରଭାବଶାଳୀ ଜନକଲ୍ୟାଣମୂଳକ ଯୋଜନା ଘୋଷଣା କରିପାରିବେ ନାହିଁ। ଯଦି ଏଭଳି ହୁଏ ତେବେ ଆମ ସମ୍ବିଧାନ ଦ୍ୱାରା ଅଖଣ୍ଡ କ୍ଷମତାପ୍ରାପ୍ତ ନିର୍ବାଚନ ଆୟୋଗ ଏହାକୁ ଅସିଦ୍ଧ ଘୋଷଣା କରିପାରିବେ। ଅଥଚ ବିହାର ନିର୍ବାଚନରେ ଏହା ସିଦ୍ଧ ହୋଇଗଲା କେମିତି? ଏହି ପରିପେକ୍ଷୀରେ ୧୯୮୦ ଦଶକରେ କିମ୍ବଦନ୍ତୀ କ୍ରିକେଟ୍ ତାରକା ସୁନିଲ୍ ଗାଭାସ୍କରଙ୍କ ମନ୍ତବ୍ୟର ଉଦ୍ଧୃତି ଅଧିକ ପ୍ରାସଙ୍ଗିକ ହେବ। ସେହି ସମୟରେ ଇଂଲଣ୍ଡରେ ପାକିସ୍ତାନର ତତ୍କାଳୀନ କ୍ୟାପ୍ଟେନ୍ ଇମ୍ରାନ୍ ଖାନ୍‌ଙ୍କୁ ସାମ୍ବାଦିକମାନେ ପ୍ରଶ୍ନ କଲେ- 'ଆପଣ ଭାରତର କେଉଁ ଦୁଇ ଖେଳାଳିଙ୍କୁ ନେଲେ ବିଶ୍ୱବିଜୟୀ ହୋଇପାରିବେ?' ଇମ୍ରାନ୍‌ଙ୍କ ଉତ୍ତର ଥିଲା- 'କପିଳଦେବ ଓ ସନ୍ଦୀପ ପାଟିଲ୍।' ସମାନ ପ୍ରଶ୍ନର ଉତ୍ତରରେ ଗାଭାସ୍କାର କହିଥିଲେ- 'ମୁଁ ପାକିସ୍ତାନର ଦୁଇ ଅମ୍ପାୟାରଙ୍କୁ ନେଲେ ବିଶ୍ୱବିଜୟୀ ହୋଇପାରିବି।' ଭାରତରେ ଗତ କିଛିମାସର ନିର୍ବାଚନ ଓ ଫଳାଫଳ ଧାରାକୁ ତର୍ଜମା କଲେ ଅମ୍ପାୟାରମାନଙ୍କର ପ୍ରଚ୍ଛନ୍ନ ଭୂମିକାକୁ ବୁଝିବା ଆହୁରି ପ୍ରାଞ୍ଜଳ ହେବ ଏବଂ ବିହାର ସମେତ ଅନ୍ୟାନ୍ୟ ନିର୍ବାଚନରେ ବ୍ୟାଖ୍ୟାନ-ବାସ୍ତବତା ମଧ୍ୟରେ ଥିବା ପାର୍ଥକ୍ୟର ଚିତ୍ର ଆହୁରି ଅଧିକ ସ୍ପଷ୍ଟ ହେବ। ଏଭଳି ଅମ୍ପାୟାରମାନଙ୍କ ବଶମ୍ବଦତା ଆଧାରିତ ନିର୍ବାଚନ ପରିଚାଳନା ପରମ୍ପରାଟି ଅଧିକ ସୁଦୃଢ଼ ହେଲେ ମ୍ୟାଚ୍ ଶତପ୍ରତିଶତ ଜିତାଯାଇପାରିବ; କିନ୍ତୁ ଦେଶର ଅବସ୍ଥା ପାକିସ୍ତାନ ପରି ହେବାକୁ ବେଶୀ ବିଳମ୍ବ ହେବ ନାହିଁ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

## ବଢ଼ୁଛି ଆଣ୍ଟିବାୟୋଟିକ୍ ସଙ୍କଟ

ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ସଂପ୍ରତି ବିଶ୍ୱରେ ଚାଲିଛି ଏକ ଅସାଧାରଣ ମହାସମର। ମହାସମରଟି ପୁଣି କାହା କାହା ଭିତରେ? କିଏ ପକ୍ଷ କିଏ ପ୍ରତିପକ୍ଷ? ପକ୍ଷ ହେଉଛି ବୈଜ୍ଞାନିକମାନେ ଗବେଷଣାଗାରେ ତିଆରି କରି ଚାଲିଥିବା ନୂଆ ନୂଆ ଆଣ୍ଟିବାୟୋଟିକ ଔଷଧ ଏବଂ ପ୍ରତିପକ୍ଷ ହେଉଛନ୍ତି ରୋଗ ସୃଷ୍ଟି କରିଚାଲୁଥିବା ଜୀବାଣୁକୁଳ। କୌଣସି ପକ୍ଷ ହାରମାନିବା ପାଇଁ ନାରାଜ। ଏହି ସମର ଯୋଗୁଁ ରୋଗୀମାନେ ସନ୍ତୁଳି ହେବାର ସୀମା ନାହିଁ। ଜୀବାଣୁମାନଙ୍କର ଏହି ବିରୋଧୀକୁ ଡାକ୍ତରୀ ଭାଷାରେ କୁହାଯାଉଛି ଆଣ୍ଟିମାଇକ୍ରୋବିଆଲ ରେଜିଷ୍ଟାନ୍ସ। ଆଣ୍ଟିବାୟୋଟିକ କବଳରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ଜୀବାଣୁମାନେ ବଦଳେଇ ଦେଉଛନ୍ତି ନିଜର ଶାରୀରିକ ଗଠନ(ବିଜ୍ଞାନର ଭାଷାରେ ଏଭଳି ରାସାୟନିକ ପରିବର୍ତ୍ତନକୁ ମ୍ୟୁଟେସନ କୁହାଯାଏ)। ବିଶ୍ୱରେ ସ୍ୱାସ୍ଥ୍ୟ ସାମର୍ଥ୍ୟ ଯେଉଁ ହାରରେ ପ୍ରଗତି ହୋଇଚାଲିଛି ତା'ଠାରୁ ଯଥେଷ୍ଟ ବେଶୀ ହାରରେ ପ୍ରସରି ଚାଲିଛି ଜୀବାଣୁ ବା ଅଣୁଜୀବମାନଙ୍କର ବିରୋଧୀ ସଂଗ୍ରାମ। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ସତର୍କ କରି ଦେଲାଣି ଯେଯେଉଁ ହାରରେ ନୂଆ ନୂଆ ଆଣ୍ଟିବାୟୋଟିକ ଔଷଧ ପ୍ରସ୍ତୁତ ହେଉଛି, ତା' ତୁଳନାରେ ଆଣ୍ଟିବାୟୋଟିକ ବିରୋଧିତାର ହାର ଅଧିକ ଦ୍ରୁତ।

ଆଣ୍ଟିବାୟୋଟିକ ଔଷଧମାନ ବାହାରିବାର ଆଦିକାଳରେ ଡାକ୍ତରମାନେ ହେଣ୍ଡିମାରି, ନିଶ ଫୁଲେଇ କହି ଚାଲିଲେ ଯେ ଅଣୁ ଜୀବମାନେ ଏବେ ଆମ କବଜାରେ, ଆମେ ବିଜୟୀ। ଜୀବାଣୁ ଜାତି ପରାଜିତ! ଏବେ କିନ୍ତୁ ଦୃଶ୍ୟପଟ୍ଟ ସଂପୂର୍ଣ୍ଣ ଓଲଟା। ଜୀବାଣୁମାନଙ୍କ ଆକ୍ରମଣ ଜାରି ରହିଛି। ରୋଗୀଙ୍କ ଉପରେ ଆଣ୍ଟିବାୟୋଟିକ ଔଷଧ କାଟୁକରୁନି। ବେଖାତିରିଆ ଜୀବାଣୁମାନଙ୍କ ବାହୁସ୍ଫୋଟ ଆଗରେ ମୁଣ୍ଡରେ ହାତଦେଇ ବସିଲେଣି ଚିକିତ୍ସକଗୋଷ୍ଠୀ। ବିଶ୍ୱସ୍ୱାସ୍ଥ୍ୟସଂସ୍ଥାର ଏକ ଅନୁଧ୍ୟାନ କହୁଛି ଯେ ଜୀବାଣୁ ସଂକ୍ରମିତ ପ୍ରତି ଛଅଜଣ ରୋଗୀଙ୍କ ମଧ୍ୟରୁ ଅନ୍ତତଃ ଜଣେ କୌଣସି ଆଣ୍ଟିବାୟୋଟିକ ଔଷଧ ଦ୍ୱାରା ଆରୋଗ୍ୟ ହୋଇପାରିନାହିଁ।

ତେବେ ଏପରି ସଙ୍କଟଜନକ ପରିସ୍ଥିତି ଉପୁଜିବାର କାରଣ କ'ଣ? ଏବଂ କିପରି ଅବା ତାହା କାବୁ କରାଯାଇପାରିବ? ଏହାର ପ୍ରଧାନ କାରଣ ହେଉଛି ଆଣ୍ଟିବାୟୋଟି ଔଷଧଗୁଡ଼ିକରେ ପ୍ରଚୁର ଅପବ୍ୟବହାର ଏବଂ ମାତ୍ରାଧିକ ବ୍ୟବହାର। ଏଥିପାଇଁ ଦାୟୀ ହେଉଛନ୍ତି ସ୍ୱାସ୍ଥ୍ୟସେବା ଦାୟିତ୍ୱରେ ଥିବା ବ୍ୟକ୍ତି ଓ ଜନସାଧାରଣ ଉଭୟେ। ସାଧାରଣ ସର୍ଦ୍ଦି, ଜ୍ୱର, ଫ୍ଲୁ, ଡେଙ୍ଗୁ ଓ ମ୍ୟାଲେରିଆର ଚିକିତ୍ସା କୌଣସି ଆଣ୍ଟିବାୟୋଟିକ ଆବଶ୍ୟକ କରେ ନାହିଁ। ଅଥଚ ଏହି ସବୁ ରୋଗରେ ଆଣ୍ଟିବାୟୋଟି ଔଷଧଗୁଡ଼ିକର ଅନିୟନ୍ତ୍ରିତ ବ୍ୟବହାର ଅବ୍ୟାହତ ରହିଛି। ରୋଗୀମାନେ ଡାକ୍ତରଙ୍କ ସହିତ ପରାମର୍ଶ ନ କରି ଔଷଧ ଦୋକାନରୁ କିଣି ନିର୍ବାଧରେ ଆଣ୍ଟିବାୟୋଟିକ ଔଷଧମାନ ଖାଇ ଚାଲିଛନ୍ତି। ଆପେ ଆପେ ଡାକ୍ତର ହୋଇଯାଇଥିବା ଔଷଧ ଦୋକାନୀମାନେ ମଧ୍ୟ ଡାକ୍ତରଙ୍କ ପ୍ରେସକ୍ରିପସନ ଆବଶ୍ୟକ କରୁନାହାନ୍ତି ଔଷଧ ବିକିବା ପାଇଁ। ସେହିପରି ପୂରା ସମୟ ପାଇଁ ଔଷଧ ନ ଖାଇ ଉପଶମ ମିଳିଗଲା ପରେ ଚିକିତ୍ସାର ଅଧାରୁ ଔଷଧର ବ୍ୟବହାର ବନ୍ଦ କରିଦେବା ଭାରତରେ ଆଣ୍ଟିବାୟୋଟିକ ବିରୋଧୀ ଜୀବାଣୁଗୁଡ଼ିକର ଅବାରିତ ବୃଦ୍ଧି ପାଇଁ ମୁଖ୍ୟତଃ ଦାୟୀ।

ହସପିଟାଲଗୁଡ଼ିକରେ ମଧ୍ୟ ଆଣ୍ଟିବାୟୋଟିକ ପ୍ରତି ବିରୋଧିତା ଥିବା ଜୀବାଣୁମାନେ ହାଉଯାଉ। ତେଣୁ ସଂକ୍ରମଣ ଚିକିତ୍ସା ଉଭା ହୋଇପଡ଼ିଲାଣି ଏକ ଆହ୍ୱାନ ରୂପେ। ଯେଉଁରୋଗମାନ ଅତି ସାଧାରଣ ଆଣ୍ଟିବାୟୋଟିକ ଔଷଧ ପ୍ରୟୋଗ ଦ୍ୱାରା ଅତି ସହଜରେ ଆରୋଗ୍ୟ ହୋଇ ଯାଉଥିଲା, ସେସବୁ ଉଚ୍ଚଶକ୍ତି ସଂପନ୍ନ ଆଣ୍ଟିବାୟୋଟିକ ତଥା ଅତ୍ୟାଧୁନିକ ଆଣ୍ଟିବାୟୋଟିକ ଔଷଧ ଦ୍ୱାରା ଆରୋଗ୍ୟ ହେଉ ନାହିଁ। ଜୀବାଣୁମାନେ ସାଧାରଣ ଆଣ୍ଟିବାୟୋଟିକ ଔଷଧଗୁଡ଼ିକ ପ୍ରତି ବିରୋଧୀ ହୋଇପଡ଼ିବା ଫଳରେ ଡାକ୍ତରମାନେ ବାରମ୍ବାର ଆଣ୍ଟିବାୟୋଟିକ ବଦଳେଇବା ପାଇଁ ବାଧ୍ୟ ହେଉଛନ୍ତି। ଫଳରେ ଜୀବାଣୁଗୁଡ଼ିକୁ ଆଣ୍ଟିବାୟୋଟିକଗୁଡ଼ିକ ପ୍ରତି ବେଶୀ ବେଶୀ ବିରୋଧୀ କରେଇ ଦେବାରେ ସହାୟକ ହେଉଛି।

ତା' ହେଲେ କ'ଣ ଏହାର ପ୍ରତିକାର? ଭାରତର ସମସ୍ୟା ହେଉଛି, ଏଠାରେ ଜନସାଧାରଣଙ୍କ ସଂଖ୍ୟାବୃଦ୍ଧିକୁ ଚାହିଁ ଯଥେଷ୍ଟ ସଂଖ୍ୟକ ହସପିଟାଲ ନାହିଁ। ଆବଶ୍ୟକତା ଅନୁପାତରେ ଚିକିତ୍ସକ ନାହାନ୍ତି। ସୁତରାଂ ଡାକ୍ତର-ରୋଗୀ ଅନୁପାତ ଅସ୍ୱାଭାବିକ ଭାବରେ ଅସନ୍ତୁଳିତ। ହସପିଟାଲର ପରିମଳ ବ୍ୟବସ୍ଥା ବଡ଼ ଅସନ୍ତୋଷଜନକ। ରୋଗୀ ସହିତ କାରବାର କରିବା ପୂର୍ବରୁ ଓ ପରେ ଭଲଭାବରେ ହାତ ଧୋଇବାର ଶୃଙ୍ଖଳାକୁ କଡ଼ାକଡ଼ି ଭାବରେ ପାଳନ ନ କରିବା ଫଳରେ ସଂକ୍ରମଣ ହାର ଦ୍ରୁତ ହେଉଛି। ସ୍ୱାସ୍ଥ୍ୟକର୍ମୀମାନେ ଏଥିପ୍ରତି ସତତ ସଚେତନ ରହିଲେ ଆଣ୍ଟିବାୟୋଟିକ ବିରୋଧିତାକୁ ବହୁଳାଂଶରେ ନିବାରିତ କରାଯାଇପାରିବ। ତା'ଛଡ଼ା ଆଣ୍ଟିବାୟୋଟିକ ବିରୋଧୀ ଜୀବାଣୁମାନଙ୍କ ଦ୍ୱାରା ସଂକ୍ରମିତ ରୋଗୀଙ୍କୁ ପୃଥକୀକରଣ କରାଇ ସ୍ୱତନ୍ତ୍ର ୱାର୍ଡରେ ରଖି ଚିକିତ୍ସା କରିବା ଉପରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଯିବା ଉଚିତ। ହସପିଟାଲରେ ସଂକ୍ରମଣରେ ପ୍ରସାରକୁ ରୋକିବା ପାଇଁ ରୋଗୀର ଶଯ୍ୟା, ବେଡସିଟ୍, କମ୍ବଳ, ରୋଗୀ ଚିକିତ୍ସାରେ ବ୍ୟବହୃତ ନାନା ଉପକରଣକୁ ଯେତେଦୂର ସମ୍ଭବ ଜୀବାଣୁମୁକ୍ତ ରଖାଯାଇପାରିବ ଆଣ୍ଟିବାୟୋଟିକ ବିରୋଧତାକୁ ସେତେ ପରିମାଣରେ ହ୍ରାସ କରାଯାଇ ପାରିବ। ଏ ସଂପର୍କରେ ଜନସାଧାରଣ, ସ୍ୱାସ୍ଥ୍ୟକର୍ମୀ, ଔଷଧ ଦୋକାନୀ, ରୋଗୀ, ଫାର୍ମାସିଷ୍ଟ, ନର୍ସ ଓ ଡାକ୍ତରମାନେ ସଚେତନ ନ ରହିଲେ ଆଣ୍ଟିବାୟୋଟିକ ବିରୋଧିତା ବିରୁଦ୍ଧରେ ସଂଗ୍ରାମ ଆଦୌ ସଫଳ ହୋଇପାରିବନି।

ସମ୍ପ୍ରତି ଭାରତ ଏ ଦିଗରେ ଅନ୍ତର୍ଜାତୀୟ ସହଯୋଗ ଲୋଡ଼ିବା, ଆଣ୍ଟିବାୟୋଟିକ ପ୍ରସ୍ତୁତି ସଂପର୍କରେ ଗବେଷଣା କରିବା, ନୂତନ ପିଢ଼ିର ଆଣ୍ଟିବାୟୋଟିକ ତିଆରି କରିବା ଇତ୍ୟାଦି ପାଇଁ ଭାରତର ପ୍ରଚେଷ୍ଟା ବେଶ୍ ଉତ୍ସାହଜନକ।। ତେବେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବାର ଆବଶ୍ୟକତାକୁ ଅସ୍ୱୀକାର କରାଯାଇ ପାରିବନି କି ଏଥିରେ କୌଣସି ପ୍ରକାରର ଅବହେଳା ଆଦୌ ବାଞ୍ଛନୀୟ ନୁହେଁ। ବେଳହୁଁ କଠୋର ପଦକ୍ଷେପ ଗ୍ରହଣ ନ କଲେ ଆଣ୍ଟିବାୟୋଟିକ ବିରୋଧିତା ଏକ ବିରାଟ ସମସ୍ୟା ରୂପେ ଉଭାହେବ। ଏ କ୍ଷେତ୍ରରେ ଦଣ୍ଡବିଧାନକୁ କଡ଼ାକଡ଼ି କରିବାକୁ ପଡ଼ିବ।

କଟକ, ମୋ: ୯୪୩୭୭୬୬୧୧୭

## ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

### ତୁଳସୀ
Holy Basil-Ocimum tenuiflorum

ତୁଳସୀ ଭାରତୀୟ ଉପମହାଦେଶର ମୂଳଜାତ ଉଦ୍ଭିଦ ଏବଂ ସମଗ୍ର ଦକ୍ଷିଣ-ପୂର୍ବ ଏସିଆରେ ବଢ଼ିଥାଏ। ଏହା ଆମେରିକାର ଅନେକ ଉଷ୍ଣମଣ୍ଡଳୀୟ ଅଞ୍ଚଳରେ ମଧ୍ୟ ପ୍ରାକୃତିକୀକରଣ ହୋଇସାରିଛି। ଔଷଧୀ ତଥା ଧାର୍ମିକ ବିଶେଷତ୍ୱ ଦୃଷ୍ଟିରୁ ତୁଳସୀ ସାଧାରଣତଃ ଏକ ବହୁଆଦୃତ ଉଦ୍ଭିଦ। ତୁଳସୀର ଶହେରୁ ଅଧିକ ପ୍ରକାରର ଉପଜାତି ଅଛି। କିନ୍ତୁ ଦୁଇଟି ସାଧାରଣ ଉପଜାତିର ନାମ ହେଉଛି ରାମ ତୁଳସୀ, ଯାହା ଧଳା ଏବଂ ସବୁଜ ଏବଂ ଶ୍ୟାମ ତୁଳସୀ, ଯାହା ଗାଢ଼ ଗୋଲାପୀ-ବାଇଗଣୀ। ତୁଳସୀର ଅନ୍ୟ ଲୋକପ୍ରିୟ ପ୍ରକାର ହେଉଛି କୃଷ୍ଣ ତୁଳସୀ, ବଣ ତୁଳସୀ, କର୍ପୁର ତୁଳସୀ ଇତ୍ୟାଦି।

ଆୟୁର୍ବେଦ ଜଡ଼ିବୁଟିର 'ରାଣୀ' ଭାବରେ ଜଣାଶୁଣା ତୁଳସୀକୁ ସାଧାରଣତଃ ପବିତ୍ରତା, ଭକ୍ତି ଏବଂ ଅନନ୍ତ ଜୀବନର ପ୍ରତୀକ ଭାବରେ ବିବେଚନା କରାଯାଏ। ହିନ୍ଦୁ ପରମ୍ପରାରେ ତୁଳସୀ ଗଛ ଦେବୀ ତୁଳସୀ କିମ୍ବା ବୃନ୍ଦାଙ୍କ ଏକ ଭୌତିକ ଅବତାର, ଯାହାଙ୍କ ଉପସ୍ଥିତି ଆଶୀର୍ବାଦ, ଆଧାତ୍ମିକ ଶକ୍ତି ଓ ସୁରକ୍ଷା ପ୍ରଦାନ କରେ। ତୁଳସୀ ବାତାବରଣକୁ ପବିତ୍ର, ନକାରାତ୍ମକତାକୁ ଦୂର ଏବଂ ଉଭୟ ଶାରୀରିକ ଓ ମାନସିକ ଆରୋଗ୍ୟ ପ୍ରଦାନ କରେ। ଘରେ ଘରେ ପୂଜା ପାଉଥିବା ଉଦ୍ଭିଦ ମଧ୍ୟରେ ତୁଳସୀର ସ୍ଥାନ ସର୍ବାଗ୍ରେ। ଆୟୁର୍ବେଦ ଓ ସିଦ୍ଧ ଚିକିତ୍ସାରେ ବାହ୍ୟ ଓ ଆଭ୍ୟନ୍ତରୀଣ ଶରୀରକୁ ସଫା କରିବା ପାଇଁ ତୁଳସୀ ବ୍ୟବହାର କରାଯାଏ। ଏହା କୋଷ, ଟିସୁଗୁଡ଼ିକର ପ୍ରାକୃତିକ ସୁରକ୍ଷାକାରୀ ଭାବରେ କାର୍ଯ୍ୟ କରେ। ଏହା ବାୟୁ ପ୍ରଦୂଷକ, ଭାରୀ ଧାତୁ, ଶାରୀରିକ ଚାପ, ଇସ୍କେମିଆ (କ୍ଷୁବ୍ଧ ରକ୍ତ ସଞ୍ଚାଳନ), ଥଣ୍ଡା, ଗରମ ଓ ଅତ୍ୟଧିକ ଶବ୍ଦ ଇତ୍ୟାଦି କାରଣ ଦ୍ୱାରା ସୃଷ୍ଟ ଚାପରୁ ରକ୍ଷା କରେ। ଚର୍ମ ସଂକ୍ରମଣ, କ୍ଷତ, ବ୍ରଣ, ଅନ୍ୟାନ୍ୟ ଚର୍ମ ଜ୍ୱଳନ, କାଶ, ଥଣ୍ଡା, ରକ୍ତସ୍ରାବ, ମଧୁମେହ, ଜ୍ୱର ଓ କର୍କଟ ନିବାରଣ ପାଇଁ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ତୁଳସୀ ଉତ୍ତମ ଘରୋଇ ଉପଚାର।

ଏଥିରେ ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟିଭାଇରାଲ୍ ବା ଭୂତାଣୁ ରୋଧୀ, ଆଣ୍ଟିଫଙ୍ଗାଲ୍(ପ୍ରଦାହରୋଧୀ) ଓ ଆନାଲ୍ଜେସିକ୍ (ବ୍ୟଥାନାଶକ) ଗୁଣ ରହିଛି। ଏଥିସହିତ ତୁଳସୀ ଗଛରେ ଟ୍ୟାନିନ୍, ଫ୍ଲାଭୋନଏଡ୍ସ, ୟୁଜେନୋଲ୍, ବିଟା-ଏଲିମେନ୍, ଟର୍ପେନ୍ସ, ଜର୍ମାକ୍ରେନ୍, କାରିଓଫାଇଲିନ୍, କାରଭାକ୍ରୋଲ୍, ଲିନାଲୁଲ୍, କର୍ପୁର ଓ ସିନାମିଲ୍ ଆସେଟେଟ୍ ସମେତ ବିଭିନ୍ନ ଫାଇଟୋକେମିକାଲ୍ସ ଆଦି ୬୦ ରୁ ଅଧିକ ବିଭିନ୍ନ ସୁଗନ୍ଧ ଯୁକ୍ତ ଯୌଗିକ ଜୈବ ରାସାୟନିକ ଉପାଦାନ ରହିଛି। ସ୍ୱାଦ ବୃଦ୍ଧି କରିବା ପାଇଁ ଯେକୌଣସି ଉପାଦାନରେ ତୁଳସୀ ପତ୍ର ବ୍ୟବହୃତ ହୁଏ। ତୁଳସୀ ଅତ୍ୟାବଶ୍ୟକୀୟ ତେଲର ଏକ ସାଧାରଣ ଉତ୍ସ, ଯାହା ୦.୨ ରୁ ୫.୨୨% ପର୍ଯ୍ୟନ୍ତ ଏହି ଉପକାରୀ ଉପାଦାନ ପ୍ରଦାନ କରେ। ସୁଗନ୍ଧିତ ଅତ୍ୟାବଶ୍ୟକୀୟ ତେଲ ଏବଂ ପଲିଫେନୋଲଗୁଡ଼ିକ ସ୍ୱାଦ, ସୁଗନ୍ଧ, ପ୍ରସାଧନ ସାମଗ୍ରୀ, ଆରୋମାଥେରାପି ଓ ଔଷଧ ଓ କୀଟନାଶକ ଉତ୍ପାଦନ ଶିଳ୍ପରେ ବ୍ୟବହୃତ ହୁଏ।

ଉତ୍ତର ପ୍ରଦେଶରେ ପବିତ୍ର ତୀର୍ଥକ୍ଷେତ୍ର ବୃନ୍ଦାବନ, ଓଡ଼ିଶାର କେନ୍ଦ୍ରାପଡ଼ା ବଳଦେବଜିଉ ସମେତ ଭାରତର ଅନେକ ଧାର୍ମିକ କ୍ଷେତ୍ରରେ ତୁଳସୀ ମନ୍ଦିରମାନ ଶୋଭା ପାଏ। ପ୍ରାୟତଃ ଏକ ଉତ୍ସର୍ଗୀକୃତ ଚାରିପାଖିଆ ଚଉଁରାରେ ଅଗଣାରେ, ସକାଳୁଆ ସୂର୍ଯ୍ୟ କିରଣ ପହଞ୍ଚ ଯାଗାରେ ସ୍ଥାପନା କରାଯାଏ। ଏହି ଉଦ୍ଭିଦଟି ଭଗବାନ ବିଷ୍ଣୁଙ୍କ ଅବତାର କୃଷ୍ଣ, ଜଗନ୍ନାଥଙ୍କ ପାଇଁ ବିଶେଷ ଭାବରେ ପବିତ୍ର; ବୈଷ୍ଣବ (ବିଷ୍ଣୁଙ୍କ ଭକ୍ତ) ମାନେ ଗଳାରେ ପବିତ୍ର ତୁଳସୀ କାଠ ମଣିର ଏକ ମାଳା ପିନ୍ଧନ୍ତି। କାର୍ତ୍ତିକ ମାସରେ ସନ୍ଧ୍ୟାରେ ଦୀପ ଜାଳିବା ସହିତ ତୁଳସୀ ଗଛ ମୂଳରେ ପୂଜା କରାଯାଏ। ହିନ୍ଦୁ ବିବାହ ଋତୁର ଆରମ୍ଭ ତୁଳସୀ ବିବାହ ନାମରେ ଜଣାଶୁଣା ଏକ ପର୍ବ ଦ୍ୱାରା ହୁଏ, ଯେଉଁଠାରେ ଘର ଓ ମନ୍ଦିରଗୁଡ଼ିକରେ ପବିତ୍ର ତୁଳସୀକୁ ବିଷ୍ଣୁଙ୍କ ସହିତ ବିବାହ କରାଯାଏ। ମୃତକଙ୍କ ଆତ୍ମାକୁ ଶାନ୍ତ କରିବା ପାଇଁ ପ୍ରାୟତଃ ତୁଳସୀ ପତ୍ର ମିଶା ଜଳ ଦିଆଯାଏ ଏବଂ ଶବଦାହରେ ସାଧାରଣତଃ ପବିତ୍ର ତୁଳସୀ ଡାଳ ଲଗାଯାଇଥାଏ, ଯାହା ଦ୍ୱାରା ମୃତକ ମୋକ୍ଷ ପାଇପାରିବେ ବୋଲି ବିଶ୍ୱାସ ରହିଛି।

ଏହା ଆର୍ଦ୍ର, ଭଲ ଜଳ ନିଷ୍କାସନ ହୋଇଥିବା ମାଟିରେ ପୂର୍ଣ୍ଣ ସୂର୍ଯ୍ୟକିରଣ ଲାଭ ଯାଗାରେ ବଢ଼ିବାକୁ ପସନ୍ଦ କରେ। ଏହା ବିଭିନ୍ନ ପ୍ରକାରର ମାଟି ଏବଂ ଅମ୍ଳତା ଅବସ୍ଥାକୁ ସହ୍ୟ କରେ, କିନ୍ତୁ ଜଳବନ୍ଦୀ ମାଟି ବିପରୀତ ପ୍ରଭାବ ପକାଏ। ଜାପାନୀ ପୋକମାନେ ପତ୍ରକୁ କଙ୍କାଳ କରି ନଷ୍ଟ କରିପାରନ୍ତି। ହାତରେ ସେଗୁଡ଼ିକୁ କାଢ଼ି ଅଲଗା କରି ଗଛକୁ ମୁକ୍ତ ରଖିବାକୁ ହେବ। ଏହାକୁ କିଛି ଅଞ୍ଚଳରେ ଏକ ଅନାବନା ତଥା ଆକ୍ରମଣକାରୀ ଜାତୀୟ ଉଦ୍ଭିଦ ଭାବରେ ବିବେଚନା କରାଯାଏ।

ଭୁବନେଶ୍ୱର, ମୋ: ୯୪୩୭୨୧୯୦୪୨୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧-'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨- ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩-'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪- ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫-ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬-ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭- 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅବଶିଷ୍ଟାଂଶ

### ବିରୋଧୀଙ୍କ ହାତରେ...

ସରକାର କହିଛନ୍ତି ଯେ ଶୀତକାଳୀନ ଅଧିବେଶନରେ ଏହା ଉପରେ ଆଲୋଚନା ସଂସଦର ଏଜେଣ୍ଡାରେ ନାହିଁ। ତେବେ ଗୃହ ପରିଚାଳନା କମିଟି ଏହା ଉପରେ କେବଳ ନିଷ୍ପତ୍ତି ନେଇ ପାରିବ। ସର୍ବଦଳୀୟ ବୈଠକ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ଯେ ଆଜିର ବୈଠକ ସକରାତ୍ମକ ଓ ଗଠନମୂଳକ ରହିଥିଲା। ୩୬ଟି ଦଳର ୫୦ ଜଣ ନେତା ଏହି ବୈଠକରେ ଉପସ୍ଥିତ ଥିଲେ। ଏସଆଇଆର ଉପରେ ଆଲୋଚନା ପାଇଁ ଅଧିକାଂଶ ବିରୋଧୀ ଦଳ ଦାବି କରିଛନ୍ତି। କିନ୍ତୁ ଏହାକୁ ନେଇ ସଂସଦକୁ ଅଚଳ କରିବା ଲାଗି କୌଣସି ଦଳ କହି ନାହାନ୍ତି। ତେବେ ଏସଂପର୍କରେ କେବଳ ଗୃହ ପରିଚାଳନା କମିଟି ହିଁ ନିଷ୍ପତ୍ତି ନେଇପାରିବ। ସୁରୁଖୁରୁ ଭାବେ ସଂସଦ ଚଳାଇବାରେ ସହଯୋଗ କରିବା ଲାଗି ସମସ୍ତ ଦଳଙ୍କୁ ସେ ଅନୁରୋଧ କରିଛନ୍ତି। ବିରୋଧୀ ଦଳମାନଙ୍କ ସହିତ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। କିନ୍ତୁ କୌଣସି ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ଅସହମତିକୁ ନେଇ ଗୃହ କାର୍ଯ୍ୟରେ ବାଧା ଦେବା ଦେବା ଠିକ୍ ହେବନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ସାଂସଦ ପ୍ରମୋଦ ତିୱାରୀ, ସମାଜବାଦୀ ନତା ରାମ ଗୋପାଳ ଯାଦବ ଏବଂ ସିପିଏମ୍ ସାଂସଦ ଜନ୍ ବ୍ରିଟାସ୍ କହିଲେ ଯେ ପ୍ରାୟ ସମସ୍ତ ବିରୋଧୀ ଦଳ ଏସ୍ଆଇଆର ଉପରେ ଆଲୋନା କରିବାକୁ ଦାବି କରିଛନ୍ତି। ଏସ୍ଆଇଆର ପ୍ରକ୍ରିୟା ସାରିବା ଲାଗି ନିର୍ବାଚନ କମିସନ ସମୟସୀମାକୁ ଆହୁରି ୭ ଦିନ ବୃଦ୍ଧି କରିଛନ୍ତି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଏସଆଇଆରକୁ ନେଇ ସବୁକିଛି ଠିକ୍ ଠାକ୍ ଚାଲିନାହିଁ। ତୃଣମୂଳ କଂଗ୍ରେସ ନେତା କଲ୍ୟାଣ ବାନାର୍ଜୀ ଉଭୟ ସରକାର ଏବଂ ନିର୍ବାଚନ କମିସନଙ୍କର ତୀବ୍ର ସମାଲୋଚନା କରି କହିଛନ୍ତି ଯେ ବୁଥ ସ୍ତରୀୟ ଅଧିକାରୀଙ୍କ ମୃତ୍ୟୁ ଏକ ଉଦବେଗଜନକ ଘଟଣା। ତେଣୁ ସଂସଦରେ ଏହା ଉପରେ ଆଲୋଚନା ହେବା ଜରୁରି। ଭୋଟର ତାଲିକାରେ ନାମ ଯୋଡ଼ିବା ଅପେକ୍ଷା ନାମ କାଟିବାରେ ବ୍ୟସ୍ତ ଅଛନ୍ତି କମିସନ୍। ଏହା ଉପରେ ଆଲୋଚନା କରିବାକୁ ସରକାର କାହିଁକି ଡରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ସଂସଦରେ ଦିଲ୍ଲୀ ବିସ୍ଫୋରଣ ଏବଂ ଭାରତର ବୈଦେଶିକ ନୀତି ଉପରେ ଆଲୋଚନା କରିବାକୁ ବିରୋଧୀ ନେତାମାନେ ଦାବି କରିଥିବା ଜଣାପଡ଼ିଛି। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ସରକାର ୧୪ଟି ବିଲ୍ ଆଗତ କରିବାକୁ ଯୋଜନା କରିଛନ୍ତି। ଏହି ଅଧିବେଶନରେ ମାତ୍ର ୧୫ ଦିନ ବୈଠକ ହେବ।

### ସ୍ୱର ଶାଣିତ...

ସ୍ୱର ଉତ୍ତୋଳନ କରିବ। ରବିବାର ସଂସଦ ଭବନ ପରିସରରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ମଧ୍ୟ ବିଜେଡି ଏହି ପ୍ରସଙ୍ଗ ଉଠାଇଛି। ବିଜେଡି ସାଂସଦ ସସ୍ମିତ ପାତ୍ର କହିଛନ୍ତି ଯେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁଯାୟୀ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଥିବା ଅଧିବେଶନରେ ବିଜେଡି ରାଜ୍ୟବାସୀଙ୍କ ଦାବିକୁ ଉତ୍ଥାପନ କରିବ। ଦରଦାମ ବୃଦ୍ଧି, ବେକାରୀ, ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦାବି, ମହିଳା ଓ ଶିଶୁଙ୍କ ବିରୋଧରେ ବଢୁଥିବା ଅପରାଧ, ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ପୁଲିସ ନିଯୁକ୍ତି ଦୁର୍ନୀତି ଭଳି ପ୍ରସଙ୍ଗ ରହିଛି। ସେହିପରି ମହାନଦୀ ଏବଂ ପୋଲାଭରମ ଭଳି ସମସ୍ୟାର ଏଯାବତ୍ ସମାଧାନ ହୋଇପାରି ନାହିଁ। ଏତଦ୍ ବ୍ୟତୀତ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି)କୁ ଦୁଇଗୁଣା କରିବା, କୋଇଲା ଓ ସବୁଜ କର ବୃଦ୍ଧି, ରାଜ୍ୟରେ ୩ଟି ସ୍ଥାନ ଯଥା ସମ୍ବଲପୁର, ବାଲେଶ୍ୱର ଓ କୋରାପୁଟରେ ନୂଆ ଏମ୍ସ ହସ୍ପିଟାଲ ପ୍ରତିଷ୍ଠା ପାଇଁ ବିଜେଡି ଦୃଢ଼ ଭାବେ ଦାବି ରଖିବ। ପୁନଶ୍ଚ ୧୩୯ ସମ୍ପ୍ରଦାୟଙ୍କୁ ଏସ୍ଟି ତାଲିକାରେ ସାମିଲ, ହୋ, ମୁଣ୍ଡା, ଭୂମିଜ ଓ ସୌରା ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ, କେନ୍ଦୁପତ୍ର ଉପରୁ ସମ୍ପୂର୍ଣ୍ଣ ଜିଏସଟି ଛାଡ଼, ରେଳ ଏବଂ ମୋବାଇଲ ସଂଯୋଗୀକରଣ ବୃଦ୍ଧି ଏବଂ ଉପକୂଳ ଜାତୀୟ ରାଜପଥ ଓ ଉପକୂଳ ରାଜପଥର ଉନ୍ନତି ଆଦି ଦାବିକୁ ବିଜେଡି ପ୍ରାଧାନ୍ୟ ଦେବ ବୋଲି ଡ. ପାତ୍ର କହିଛନ୍ତି। ଗତ ୨୦୨୪ ଲୋକସଭା ଏବଂ ବିଧାନସଭା ନିର୍ବାଚନକୁ ନେଇ ବିଜୁ ଜନତା ଦଳ ଦ୍ୱାରା ବାରମ୍ବାର କରାଯାଇଥିବା ଦାବି ଉପରେ ଭାରତର ନିର୍ବାଚନ କମିଶନଙ୍କ ନିରବତା ଉପରେ ଆଲୋଚନା ହେବା ଆବଶ୍ୟକ। ୨୦୨୪ ଲୋକସଭା ଏବଂ ବିଧାନସଭା ନିର୍ବାଚନରେ ମତଦାନରେ ବ୍ୟାପକ ବ୍ୟବଧାନ କାହିଁକି ଘଟିଲା, ମତଦାନ ପ୍ରକ୍ରିୟା ପାଇଁ ଦିନ ଶେଷ ହେବା ପରେ ମଧ୍ୟ ମତଦାନରେ ତୀବ୍ର ବୃଦ୍ଧି କିପରି ଦେଖାଦେଲା, ତାହା ସ୍ପଷ୍ଟ ହୋଇପାରିବ। ଆମେ ଅନେକ ଥର ଏନେଇ ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହୋଇଛୁ। ଏପରିକି ନୂଆପଡ଼ା ଉପ ନିର୍ବାଚନରେ ମଧ୍ୟ ମତଦାନ ପ୍ରକ୍ରିୟା ସମୟରେ ବଡ଼ ଧରଣର ଅନିୟମିତତା ଘଟିଛି ବୋଲି ସେ କହିଛନ୍ତି।

### ଆଡ଼ବାୟା ପ୍ରଶାସନ...

କୁକୁରଙ୍କୁ ନେଇ ସୁପ୍ରିମକୋର୍ଟ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହି ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ କିଛି ନିଷ୍ପତ୍ତି ନିଆଯାଇଥିଲା। ଏହାମଧ୍ୟରେ ସବୁ ଅଙ୍ଗନବାଡ଼ି କେନ୍ଦ୍ର ଚାରିପଟେ ପାଚେରୀ ନିର୍ମାଣ ଓ ଫାଟକ ଲଗାଇବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଥିଲା। ଏହା ସହ କୁକୁର କାମୁଡ଼ିଲେ ପ୍ରାଥମିକ ଚିକିତ୍ସା ସଂକ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶନାମାକୁ ଗୁରୁତର ସହ ନେଇ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳମାନଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶ ଦେଇଛି।

କୌତୂହଳର ବିଷୟ ହେଉଛି ଗତ ୨୯ ତାରିଖରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଧାନସଭାରେ ଏନେଇ ଏକ ତଥ୍ୟ ରଖିଥିଲେ। ରାଜ୍ୟରେ ସମୁଦାୟ ୭୪୨୨୪ ଗୋଟି ଅଙ୍ଗନୱାଡି କେନ୍ଦ୍ର ଥିବାବେଳେ ୨୦୧୫୦ ଗୋଟି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ୪୫୭୪ଟି ଅଙ୍ଗନବାଡି ସ୍କୁଲ ଘରେ ଚାଲୁଥିବା ବେଳେ ୧୦୪୬୯ଟି ଅଙ୍ଗନବାଡି କମ୍ୟୁନିଟି ସେଣ୍ଟରରେ ଚାଲୁଛି। ୩୮୯୦ଟି ଅଙ୍ଗନବାଡି ଭଡ଼ାଘରେ ଚାଲୁଛି। ଏପରିସ୍ଥଳେ ମୁଖ୍ୟ ସଚିବ ଫାଟକ ଓ ପାଚେରୀ ସଂକ୍ରାନ୍ତ ନିର୍ଦ୍ଦେଶ ଯେ ବାସ୍ତବିକ ଭାବେ କ୍ଷେତ୍ରସ୍ତରରେ କାର୍ଯ୍ୟକାରୀ ହୋଇପାରିବ, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଆଜି ଦୌଡ଼ିବ...

ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ। ପୂର୍ବରୁ ଜିଲ୍ଲାସ୍ତରରେ ଅନୁଷ୍ଠିତ ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରତ୍ୟେକ ଜିଲ୍ଲାରୁ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କୁ ନେଇ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତା। ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ସକାଳ ୧୦ଟାରୁ ଏହି ପ୍ରତିଯୋଗିତା ଆରମ୍ଭ ହେବ। ଶେଷରେ ବିତର୍କରେ ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ।


**AFFIDAVIT**

I, Sheikh Ajam Uddin, S/o- Sheikh Najim Uddin, resident of At- Panasapada, P.O - Mohiuddinpur, P.S/Dist- Jagatsinghpur, Pin-754103, Odisha declare by this affidavit No. C.N-24 -15/11/2025 that now onwards I shall be known as Sheikh Azam Uddin for all future purposes.

ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
*Campus:*
262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com
- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**ନୋଟିସ୍**

ବାରିପଦା ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ତାରିଖ ୨୮.୧୧.୨୦୨୫ରେ ଶପଥ ଗ୍ରହଣ କରାଯାଇଥିବା ଏକ ସତ୍ୟପାଠ (ସମୀକ୍ଷା ପତ୍ର) ମୁଁ, ସୁଶାନ୍ତି ମାର୍ଣ୍ଡି, ଠିକଣା - ଜନାର୍ଦ୍ଦନପୁର, ୱାର୍ଡ ନମ୍ବର- ୨୨, ପୋଷ୍ଟ - କଇଁଫୁଲିଆ, ଥାନା- ଭଞ୍ଜପୁର, ଜିଲ୍ଲା- ମୟୂରଭଞ୍ଜ, ପିନ୍ - ୭୫୭୧୦୭, ଓଡ଼ିଶା, ଘୋଷଣା କରୁଛି ଯେ, ମୁଁ ମୋର ନାମ ସୁଶାନ୍ତି ମାରାଣ୍ଡିରୁ ସୁଶାନ୍ତି ମାର୍ଣ୍ଡିକୁ ପରିବର୍ତ୍ତନ କରିଛି। ବର୍ତ୍ତମାନ ଠାରୁ, ମୁଁ ସମସ୍ତ ଉଦ୍ଦେଶ୍ୟରେ ସୁଶାନ୍ତି ମାର୍ଣ୍ଡି ଭାବରେ ପରିଚିତ ହେବି।

ସୁଶାନ୍ତି ମାର୍ଣ୍ଡି

**AFFIDAVIT**

By virtue of an affidavit sworn before executive Magistrate Dhamnagar, dated 24/11/2025. I,Firdous Quadri Address At-Mustafapur, PO-Dobal, PS-Dhamnagar, Dist-Bhadrak, PIN-756117,State-Odisha declare that I have changed my name from Firdosh Kadri to Firdous Quadri. Henceforth, I shall be known as Firdous Quadri for all purposes.

(Firdous Quadri)

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION,DEOGARH.
E-mail:- eerw_deogarh@yahoo.co.in
O-1607

1ST Corrigendum to TCN No.SERWDGH-Online- 08 of 2025-26 dtd.17.11.2025

In partial modification to this office Tender Call Notice No.08/2025-26 invited this office letter no.3692 dtd.17.11.2025, the date & time of availability of tender on online for bidding and date & time of opening of tender have been re-scheduled as follows.

(1) Period and time of availability of the bid documents dated 30.11.2025 to 09.12.2025 up to 5.00 PM instead of dated 21.11.2025 11.00 A.M to 28.11.2025 up to 5.00 PM.

(2) Date and time of Opening of tender on dated 11.12.2025 at 11.00 AM instead of 29.11.2025 at 11.00 AM

N.B- Other term & conditions of the TCN are remain unchanged.

Superintending Engineer
R.W. Division, Deogarh

OIPR-25087/11/0022/2526

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲି଼., ଖୋର୍ଦ୍ଧା
Regn. No. 95 PU Dt. 22.03.1912, RBI Licence No. RPCD/BBSR/15/2011-12, Dt. 02.02.2012
Ph.: 06755-220209/220203, Email id: khordhaccbank@gmail.com, ceo@khordhaccbank.com
ରିଜର୍ଭ ବ୍ୟାଙ୍କ ଦ୍ୱାରା ଲାଇସେନ୍ସ ପ୍ରାପ୍ତ
ରାଜ୍ୟର ୧୧୩ ବର୍ଷର ଅଗ୍ରଣୀ ବ୍ୟାଙ୍କ

ବ୍ୟାଙ୍କରେ ଉପଲବ୍ଧ ସୁବିଧା ଓ ସୁଯୋଗ

୧. CBS ମାଧ୍ୟମରେ ୧୮ ଗୋଟି ଶାଖା, ୩ ଗୋଟି ସମ୍ପ୍ରସାରିତ ଶାଖା ଓ ସହବନ୍ଧିତ ୧୫୭ ଗୋଟି ପ୍ରାଥମିକ କୃଷି ସମବାୟ ସମିତି ଦ୍ୱାରା କୃଷି ଓ କୃଷକର ଉନ୍ନତି ସହ ବିଭିନ୍ନ ପ୍ରକାର ବ୍ୟାଙ୍କିଙ୍ଗ ସେବା ପ୍ରଦାନ।
୨. ଠିକ୍ ସମୟରେ ୧,୦୦,୦୦୦ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ପରିଶୋଧ କଲେ କୌଣସି ସୁଧ ଦେବାକୁ ପଡ଼ିନଥାଏ ଓ ୧,୦୦,୦୦୧ ଟଙ୍କାରୁ ୩ ଲକ୍ଷ ଟଙ୍କା ଋଣ ଉପରେ ଶତକଡ଼ା ୨ ପ୍ରତିଶତ ହାରରେ ସୁଧ ଦେବାକୁ ପଡେ। ଏତଦ୍‌ବ୍ୟତୀତ "ବଳରାମ ଯୋଜନା" ମାଧ୍ୟମରେ ଭାଗଚାଷୀ ଓ ଭୂମିହୀନ ଚାଷୀଙ୍କୁ ଋଣ ଯୋଗାଇ ଦେବାର ବ୍ୟବସ୍ଥା।
୩. ବୁଣାକାରମାନଙ୍କୁ "କଳିଆ ଯୋଜନା" ମାଧ୍ୟମରେ ଋଣ ପ୍ରଦାନର ବ୍ୟବସ୍ଥା ଉପଲବ୍ଧ।
୪. କୃଷକମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା, ଦୁର୍ଘଟଣାଜନିତ ବୀମା ଓ ଜୀବନ ବୀମା ଉପଲବ୍ଧ ଅଟେ।
୫. ସରକାରୀ ମୂଲ୍ୟରେ ସମିତିମାନଙ୍କ ଜରିଆରେ କୃଷକମାନଙ୍କ ପାଇଁ ବିହନ, ରାସାୟନିକ ସାର, ଜୈବିକ ସାର ଓ କୀଟନାଶକ ଔଷଧ ଯୋଗାଣ ବ୍ୟବସ୍ଥା।
୬. କୃଷି ଆନୁସଙ୍ଗିକ ମିଆଦୀ ଋଣ ଯଥା ଗାଈ, ଛେଳି, ମେଣ୍ଢା ପାଳନ, କୃଷି ଯନ୍ତ୍ରପାତି, ପୋଖରୀ ଖୋଳା, ମାଛ ଚାଷ, ଫଳ, ଛତୁ ଚାଷ, ପାନବରଜ ଓ ଜଳସେଚନ ନିମିତ୍ତ ଋଣର କିସ୍ତି ଠିକ ସମୟରେ ପରିଶୋଧ କଲେ ଶତକଡ଼ା ୩ ଟଙ୍କା ସୁଧ ରିହାତି ବ୍ୟବସ୍ଥା ରହିଛି।
୭. ସମସ୍ତ ପ୍ରକାର ବ୍ୟବସାୟିକ ଭିତ୍ତିକ ଋଣ, ଗୃହ ନିର୍ମାଣ ଓ ଉପକରଣ କ୍ରୟ ଋଣ, ଓ ସମ୍ପତ୍ତି ବନ୍ଧକ ଋଣ ଅତି କମ ସୁଧରେ ଉପଲବ୍ଧ।
୮. ୨ ଚକିଆ ଓ ୪ ଚକିଆ ଯାନ ପାଇଁ ଅତି ସହଜ, ସରଳୀକୃତ କମ ସୁଧ ରେ ଋଣ ଉପଲବ୍ଧ।
୯. ସ୍ୱର୍ଣ୍ଣ ବନ୍ଧକ ଋଣ ଅନ୍ୟ ବ୍ୟାଙ୍କ ତୁଳନାରେ ସ୍ୱଳ୍ପ ସୁଧ ଶତକଡ଼ା ବାର୍ଷିକ ୮.୧ ହାରରେ ପ୍ରଦାନ କରାଯାଏ।
୧୦. ମିଶନ ଶକ୍ତି ମାଧ୍ୟମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଠିକ ସମୟରେ ଋଣ ପରିଶୋଧ କଲେ ୫,୦୦,୦୦୦ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ କରାଯାଏ।
୧୧. ଆର୍ଥିକ ସ୍ୱାବଲମ୍ବନ ପାଇଁ କ୍ଷୁଦ୍ର ବ୍ୟବସାୟ ଋଣ ୧,୦୦,୦୦୦/- ଟଙ୍କା ପର୍ଯ୍ୟନ୍ତ ବିନା ବନ୍ଧକରେ ଉପଲବ୍ଧ।
୧୨. IMPS, NEFT, RTGS, AEPS, PoS, CTS, Clearing ସମେତ ATM ଓ RuPay କାର୍ଡ ମାଧ୍ୟମରେ ଉନ୍ନତ ବ୍ୟାଙ୍କିଙ୍ଗ ସେବା ଦିଆଯାଏ ଏବଂ ସମିତିମାନଙ୍କର Micro ATM ମାଧ୍ୟମରେ କୃଷକ ମାନଙ୍କ ପାଇଁ ଟଙ୍କା ଉଠାଣ କରିବାର ସୁବିଧା ଉପଲବ୍ଧ ଅଛି।
୧୩. Safe Deposit Locker ସଦର ଶାଖା, ଖୋର୍ଦ୍ଧା ମହିଳା ଶାଖା ଓ ଭୁବନେଶ୍ୱର ମହିଳା ଶାଖା ଠାରେ ଉପଲବ୍ଧ ଅଛି।
୧୪. ସର୍ବନିମ୍ନ ସହାୟକ ମୂଲ୍ୟ (MSP) ରେ ସମିତି ମାନଙ୍କ ଜରିଆରେ ଧାନ, ଚିନାବାଦାମ ଓ ମୁଗ ଆଦି ଫସଲ କ୍ରୟ କରିବାର ସୁବିଧା ଓ ଚାଷୀମାନଙ୍କୁ ସିଧାସଳଖ ବ୍ୟାଙ୍କର ସଂଚୟ ଖାତାରେ ଟଙ୍କା ପୈଠ କରାଯାଇଥାଏ।
୧୫. ମିଆଦୀ ଜମା (Fixed Deposit) ଓ ସଂଚୟ ଜମା (Saving Deposit) ଉପରେ ଅନ୍ୟାନ୍ୟ ବାଣିଜ୍ୟିକ ଓ ଗ୍ରାମ୍ୟ ବ୍ୟାଙ୍କ ଠାରୁ ଅଧିକ ସୁଧ ଦେବା ସହିତ ଜମା ରାଶି ବୀମା ଦ୍ୱାରା ସୁରକ୍ଷିତ (DICGC) ଓ ବରିଷ୍ଠ ନାଗରିକମାନଙ୍କ ପାଇଁ ମିଆଦୀ ଜମା ଉପରେ ୦.୫ ପ୍ରତିଶତ ଅଧିକ ସୁଧ ପ୍ରଦାନ କରାଯାଏ।

ଅଧିକ ବିବରଣୀ ନିମନ୍ତେ ନିକଟସ୍ଥ ଶାଖା / ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ଶ୍ରୀ ସାରଥୀ ଶତପଥୀ
ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ
ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲି଼

ଶ୍ରୀଯୁକ୍ତ ଅଭିଷେକ ସିଂହ ସାମନ୍ତ
ସଭାପତି
ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲି଼

'ସକାଳ' ଖବରକାଗଜର ୫ମ ସ୍ୱନକ୍ଷତ୍ର ଉତ୍ସବ
ଅବସରରେ ଶୁଭେଚ୍ଛା ଓ ଶୁଭକାମନା


ଶୁଭେଚ୍ଛା ସହ :-
ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର

ସ୍ୱା/- ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର
ସ୍ୱା/- ଉପାଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର
ସ୍ୱା/- ଉପଜିଲ୍ଲାପାଳ-ତଥା-ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର

**100+ AI Tools**

Scan to Master the Future of Technologies

ODISHA KNOWLEDGE CORPORATION LIMITED
Contact 0674-3520021 OR send 'Hi' to 7735552044
to know more about OS-CIT







**ବରେନ୍ଦ୍ରକୃଷ୍ଣ ଧଳ ଅଷ୍ଟମ ସ୍ମାରକୀ ବକ୍ତୃତାମାଳା**

# ନୂଆ ଟେକ୍ନୋଲୋଜିର ବ୍ୟବହାର ପ୍ରତି ଧ୍ୟାନ ଦେବାକୁ ଆହ୍ୱାନ



**ଭୁବନେଶ୍ୱର,୩୦।୧୧(ସମିସ) :** ଗଣମାଧ୍ୟମ କ୍ଷେତ୍ରରେ ନୂଆ ଟେକ୍ନୋଲୋଜି ବା ନୂତନ ବୈଷୟିକ ଜ୍ଞାନ ପ୍ରୟୋଗର ସକରାତ୍ମକ ଦିଗ ପ୍ରତି ଏବେଠାରୁ ଉପଯୁକ୍ତ ଧ୍ୟାନ ଦିଆନଗଲେ ଭବିଷ୍ୟତରେ ତାହା ଗଣତନ୍ତ୍ର ଓ ମାନବ ଜଗତ ପାଇଁ ଅତ୍ୟନ୍ତ ବିପଦଜନକ ପରିସ୍ଥିତି ସୃଷ୍ଟି କରିବାର ଯଥେଷ୍ଟ ସମ୍ଭାବନା ରହିଛି। କୃତ୍ରିମ ବୁଦ୍ଧିମତା ବା ଏଆଇ ଓ ସାମାଜିକ ଗଣମାଧ୍ୟମର ବହୁଳ ଅପବ୍ୟବହାର ଦିଗରେ ସଜାଗ ରହିବାକୁ ଦେଶର ବିଶିଷ୍ଟ ସାମ୍ବାଦିକ ତଥା ପଦ୍ମଭୂଷଣ ସ୍ୱପନ ଦାସଗୁପ୍ତା ପରାମର୍ଶ ଦେଇଛନ୍ତି।

ଶନିବାର ସନ୍ଧ୍ୟାରେ ଭୁବନେଶ୍ୱର ଗୀତଗୋବିନ୍ଦ ସଦନ ପରିସରରେ 'ବରେନ୍ଦ୍ରକୃଷ୍ଣ ଧଳ ସ୍ମାରକୀ ନ୍ୟାସ' ପକ୍ଷରୁ ଆୟୋଜିତ ଅଷ୍ଟମ ସ୍ମାରକୀ ବକ୍ତୃତାମାଳାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏହା କହିଥିଲେ। ଏଥିସହିତ ବରେନ୍ଦ୍ରକୃଷ୍ଣ ଧଳଙ୍କ ନିର୍ଭୀକ ସାମ୍ବାଦିକତା ସମ୍ପର୍କରେ ଉଲ୍ଲେଖ କରି ତାଙ୍କର ବହୁମୁଖୀ ପ୍ରତିଭା ରହିଥିବା ଦର୍ଶାଇଥିଲେ ଏବଂ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ବକ୍ତୃତାମାଳାରେ ମୁଖ୍ୟ ଅତିଥି ଭାବେ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ, ବିଶିଷ୍ଟ ଅତିଥି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସମ୍ମାନିତ ଅତିଥି ଲେଖକ ଓ ବିଶିଷ୍ଟ ସମାଜସେବୀ ନମ୍ରତା ଚଢ଼ା ଯୋଗ ଦେଇଥିଲେ। ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ପୌରୋହିତ୍ୟ କରିଥିଲେ। ଅଶୋକ ମହାନ୍ତି ବକ୍ତୃତାମାଳା କାର୍ଯ୍ୟକ୍ରମର ପରି.ଳନା କରିଥିଲେ।

# ପ୍ରଫୁଲ୍ଲ ଶ୍ରୀଚନ୍ଦନ ରାୟଙ୍କ ଜୟନ୍ତୀ



**ହଂସପାଳ,୩୦।୧୧(ସମିସ):** ନହରକଣ୍ଟାସ୍ଥିତ ଶ୍ରୀଜୟଦେବ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡଃ. ପ୍ରଫୁଲ୍ଲ କୁମାର ଶ୍ରୀଚନ୍ଦନରାୟଙ୍କ ୮୫ତମ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଡଃ. ରାୟଙ୍କ ସ୍ମୃତି କମିଟି ପକ୍ଷରୁ ଶ୍ରୀ ଜୟଦେବ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡଃ. କାମଦେବ ପତିଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଡଃ. ରାୟଙ୍କ ଫଟୋଚିତ୍ରରେ ପୁଷ୍ପମାଳା, ଦୀପ ଓ ଧୂପ ଅର୍ପଣ କରାଯାଇ ତାଙ୍କ ସ୍ମୃତିଚାରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଶରତ ଚନ୍ଦ୍ର ସାହୁ, ସଂସ୍କୃତି ବିଭାଗର ଅବସର ପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରା, ରଞ୍ଜନ ପରିଡ଼ା, ଅବସର ପ୍ରାପ୍ତ ଶିକ୍ଷକ ପ୍ରଦୀପ୍ତ ଛୋଟରାୟ, ଶିକ୍ଷାବିତ୍ ସୁରେନ୍ଦ୍ର କୁମାର ଖୁଣ୍ଟିଆ, ଶିକ୍ଷକ ବିଭୂତି ଭୂଷଣ ଜେନା, ସବିତା ଛୋଟରାୟ, ବେଣୁଧର ଜେନାଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ।

# ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହେଲା ନାବାଳକ

**ପାରଳାଖେମୁଣ୍ଡି,୩୦।୧୧(ସମିସ):** ଆର୍.ଉଦୟଗିରି ଥାନା ଅଞ୍ଚଳରେ ଗତବର୍ଷ ଜୁନ୍ ମାସରେ ଘଟିଯାଇଥିବା ଏକ ହତ୍ୟା ମାମଲାର ଶୁଣାଣି କରି ଗଜପତି ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ଜୁଭେନାଇଲ ଜଷ୍ଟିସ ବୋର୍ଡର ରେଜିଷ୍ଟ୍ରାର ତଥା ମୁଖ୍ୟ ମାଜିଷ୍ଟ୍ରେଟ ପ୍ରସନ୍ନ କୁମାର ବେହେରା ନାବାଳକ ଅଭିଯୁକ୍ତଙ୍କୁ ଭାରତୀୟ ପିଙ୍ଗଳ କୋଡ଼ର ଧାରା ୩୦୨ରେ ଦୋଷୀ ସାବ୍ୟସ୍ତ କରି ୧ ବର୍ଷ ୬ ମାସ ବ୍ରହ୍ମପୁର ସ୍ଥିତ ବାଳ ସୁଧାର ଗୃହରେ ରହିବା ନିମନ୍ତେ ଆଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଆସୋସିଏଟ ପବ୍ଲିକ ପ୍ରସିକ୍ୟୁଟର ପି. ପ୍ରସାଦ ରାଓ ଏହି ମାମଲାର ସଫଳ ପରିଚାଳନା କରିଥିବାର ଖବର ଭାରପ୍ରାପ୍ତ କ୍ୟାଡ଼ର ପିପି ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ଜୁନ୍ ମାସରେ ଅଭିଯୁକ୍ତ ନାବାଳକ ସନ୍ଧ୍ୟା ସମୟରେ ଅଭିଯୋଗକାରିଣୀ ରୋଷେଇ କରୁଥିବାବେଳେ ଏକ ଟେକା ପକାଇଥିଲେ। ପରେ ସେ ଘର ଭିତରକୁ ପଶି ଅଭିଯୋଗକାରିଣୀଙ୍କୁ ଅସଦାଚରଣ କରିବା ସମୟରେ ଅଭିଯୋଗକାରିଣୀ ଖସି ପଳାଇଥିଲେ। କିନ୍ତୁ ତାଙ୍କ ପଛରେ ଅଭିଯୁକ୍ତ ଏକ କାଠ ଫାଳିଆ ଧରି ଗୋଡ଼ାଇଥିଲେ। ପରେ ନିଜ ଭଉଣୀଙ୍କୁ ରକ୍ଷା କରିବାକୁ ଯାଇ ଭାଇ ଅଭିଯୁକ୍ତ ନାବାଳକର ଆକ୍ରୋଶର ଶିକାର ହୋଇଥିଲେ। ଅଭିଯୁକ୍ତ ଜଣଙ୍କ ତାଙ୍କ ମୁଣ୍ଡକୁ ଶକ୍ତ ପ୍ରହାର ପକାଇଥିଲା। ପରେ ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ଥାନାରେ ଏତଲା ପରେ ପୁଲିସ ମାମଲା ରୁଜୁ କରିଥିଲା। ଏହାମଧ୍ୟରେ ମେଡିକାଲରେ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ପରେ ଏହା ହତ୍ୟା ମାମଲାକୁ ପରିବର୍ତ୍ତିତ ହୋଇଥିଲା। ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଆର. ଉଦୟଗିରି ଥାନାର ଏସ୍ଆଇ ବାବୁଲାଲ ରାଉଳ ଏହି ମାମଲାର ତଦନ୍ତକାରୀ ଅଧିକାରୀ ରହିଥିଲେ। ୧୯ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ନ୍ୟାୟାଧୀଶ ଅଭିଯୁକ୍ତଙ୍କୁ ଉକ୍ତ ଘଟଣାରେ ଦୋଷୀ ସାବ୍ୟସ୍ତ କରିବା ସହ ଦେଢ଼ ବର୍ଷର ସଜା ଶୁଣାଇଛନ୍ତି।

# ବେଧଡ଼କ ଚାଲିଛି ବାଲି ଉତ୍ତୋଳନ; ଖଣି ବିଭାଗ ଚୁପ୍


**ଅସୁରାଳି, ୩୦।୧୧(ସମିସ):** ଅର୍ଜ୍ଜୁନପୁର ପଞ୍ଚାୟତ ଅଧୀନ ବାଲିପାଟଣା ତରେଇସାହି କୋଚିଲା ନଦୀର ବ୍ରିଜ୍ ତଳେ ଦିନରାତି ବେଆଇନ ବାଲି ଉଠା ଚାଲିଛି। ଜେସିବି ଲଗାଇ ଶହଶହ ଟ୍ରାକ୍ଟର ଯୋଗେ ଚୋରା ବାଲି ଚାଲାଣ କରାଯାଉଥିବାରୁ ଏହି ଅଞ୍ଚଳରେ ଲୋକଙ୍କ ଜୀବନ ଦୁର୍ଭାଗ୍ୟରେ ପଡ଼ିଛି। ଏହା ଛଡ଼ା ହସନାବାଦ ପଞ୍ଚାୟତ ଅଧୀନରେ ଲୋକନାଥପୁର ନିକଟରେ କୋଚିଲା ନଦୀର ବାମପାର୍ଶ୍ୱରେ ଦିନରାତି ବାଲି ଉଠା ଚାଲିଛି ଓ ବାଲି ଚାଲାଣ ସମୟରେ ରାସ୍ତାରେ ଧୂଳି ଉଡ଼ି ଯାତ୍ରୀଙ୍କ ଯାତାୟାତ ଅସମ୍ଭବ ହୋଇପଡୁଛି। ବାଟରେ ଯାଉଥିବା ଯାତ୍ରୀଙ୍କଠାରୁ ଆରମ୍ଭ କରି ଗୃହପାଳିତ ପଶୁ ଯାଏଁ ସମସ୍ତେ ହଇରାଣ ହେଉଛନ୍ତି। ଧୂଳିରେ ଦୃଶ୍ୟାବଳୀ ଅସ୍ପଷ୍ଟ ହେବାରୁ ବିଭିନ୍ନ ଛୋଟମୋଟ ଦୁର୍ଘଟଣା ଘଟୁଛି। କେବଳ ସେତିକି ନୁହେଁ ବେଆଇନ ବାଲି ଉଠାରୁ କୋଚିଲା ନଦୀର ପଥ ପରିବର୍ତ୍ତନ ହୋଇ ପରିବେଶୀୟ ସମସ୍ୟା ସୃଷ୍ଟି ହୋଇଛି। ପୁଣି ବାଲି ଗଚ୍ଛିତ ରଖି ଅନବରତ ଭାବେ ବାଲିଉଠା ଚାଲିଛି ଓ ବାରମ୍ବାର ଲୋକେ ଏହି ବେଆଇନ ବାଲି ଚାଲାଣ ଉପରେ ଅବଗତ କରାଇଲେ ମଧ୍ୟ ପ୍ରଶାସନ ଚୁପ୍ ହୋଇ ବସିଛି। ଏ ନେଇ ତହସିଲ୍ଦାର ସାଇ ଲୋକନାଥ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଖଣି ବିଭାଗ ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀଙ୍କ ସହ ଯୋଗାଯୋଗ କରି ଖୁବ୍ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।










# କଳାଞ୍ଜଳି ଲୋକକଳା ମହୋତ୍ସବ ଉଦ୍‌ଯାପିତ

**ଭୁବନେଶ୍ୱର,୩୦।୧୧(ସମିସ):** କଳାଞ୍ଜଳି ଆଟିଷ୍ଟ୍ରି ଟ୍ରଷ୍ଟ ଆନୁକୂଲ୍ୟରେ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଓ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ମିଳିତ ସହଯୋଗରେ ଦୁଇ ଦିନିଆ ଲୋକକଳା ମହୋତ୍ସବ ଉଦ୍‌ଯାପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ରାଜ୍ୟପାଳ ଗଣେଷୀ ଲାଲ ଯୋଗଦେଇ ଭାରତର ଲୋକକଳା ଅନନ୍ୟ। ପ୍ରତ୍ୟେକ ରାଜ୍ୟରେ ଭିନ୍ନ ଭିନ୍ନ ଲୋକକଳା ରହିଛି। ଯାହା ଆମକୁ ପରିଚିତ କରିପାରିଛି ବୋଲି



କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ, ରୋଟାରିଆନ ଯଜ୍ଞାଶିଷ ମହାପାତ୍ର, ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀ, ଗୁରୁ ଗଜେନ୍ଦ୍ର ପଣ୍ଡା, ଆସ୍ଥା ହସ୍ପିଟାଲ ସିଇଓ ପ୍ରଭାକର ପାଢୀଙ୍କ ସମେତ ବହୁ ମାନ୍ୟଗଣ୍ୟ ଅତିଥି ଯୋଗଦେଇ ଥିଲେ। ଭାରତର ତଥା ଓଡିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ଓଡିଶାର ପାରମ୍ପରିକ ଲୋକନୃତ୍ୟ ସହ ଯୋଡ଼ି ଶଙ୍ଖ, ବାଘ ନୃତ୍ୟ, କେରଳର ଲୋକନୃତ୍ୟ ମୋହିନିୟାଟ୍ୟମ୍, ମହାରାଷ୍ଟ୍ରର ଲୋକନୃତ୍ୟ, ଛତ୍ରପୁରର ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା କଥାପାଦ ଲୋକନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଏହି କାର୍ଯ୍ୟକ୍ରମକୁ କଳାଞ୍ଜଳି ଟ୍ରଷ୍ଟର ପ୍ରତିଷ୍ଠାତା ରାମେଶ୍ୱରୀ ନନ୍ଦ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସଭାପତି ବାଇଲଣ୍ଡୁ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ଇଣ୍ଡିଆନ୍ ଗୋଲଡେନ୍ ଆୱାର୍ଡରେ ସମ୍ମାନିତ କରାଯାଇଥିଲା।

# ମଣିପାଲ ପକ୍ଷରୁ 'ହେଲ୍‌ଦି ଡେ ଆଉଟ୍ ଫର୍ ଦ ୟଙ୍ଗ ଆଟ୍ ହାର୍ଟ' କାର୍ଯ୍ୟକ୍ରମ

**ଭୁବନେଶ୍ୱର,୩୦।୧୧(ସମିସ) :** ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ ଆଇଜି ପାର୍କ ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ହେଲଦି ଡେ ଆଉଟ୍ ଫର୍ ଦ ୟଙ୍ଗ ଆଟ୍ ହାର୍ଟ' ଆୟୋଜିତ ହୋଇଯାଇଛି। ବୟସ୍କ ଲୋକଙ୍କୁ ସ୍ୱାସ୍ଥ୍ୟ ସଚେତନ କରାଇବା ଏବଂ ସକ୍ରିୟ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିନିୟର ସିଟିଜେନ୍ ଫୋରମର ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗଦାନ କରିଥିଲେ। ସେମାନଙ୍କୁ ଯାତାୟାତ କରିବାରେ ଯେଭଳି କୌଣସି ଅସୁବିଧା ନ ହୁଏ ସେଥିପାଇଁ ମଣିପାଲ ହସ୍ପିଟାଲ ପକ୍ଷରୁ ବିଶେଷ ଗାଡ଼ିର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ସେଚତନ କାର୍ଯ୍ୟକ୍ରମ ଯୋଗ ଓ ଆସନ ଠାରୁ ଆରମ୍ଭ ହୋଇଥିଲା, ଯାହାକି ବୟସ୍କ ଲୋକଙ୍କର ସ୍ୱାସ୍ଥ୍ୟବସ୍ଥା ଓ ଶାରୀରିକ ଫିଟ୍‌ନେସ୍‌କୁ ଧ୍ୟାନରେ ରଖି ଡାକ୍ତରଙ୍କ ପରାମର୍ଶରେ କରାଯାଇଥିଲା। ଏହା ପରେ ଫିଜିଓଥେରାପି ଡେମୋନ୍‌ଷ୍ଟ୍ରେସନ୍ ମାଧ୍ୟମରେ ବିଭିନ୍ନ ପ୍ରକାର ଯନ୍ତ୍ରଣାଠାରୁ କିଭଳି ଉପଶମ ମିଳିପାରିବ




ସେ ସମ୍ପର୍କରେ ମଧ୍ୟ ଜଣାଯାଇଥିଲା। ବୟସ୍କ ଲୋକମାନଙ୍କ ମଧ୍ୟରେ ସାଧାରଣ ହୃଦରୋଗ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଆଣିବା ପାଇଁ ମଣିପାଲ ହସ୍ପିଟାଲର ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ ତଥା ଡାଇରେକ୍ଟର କ୍ୟାଥ ଲ୍ୟାବ ଡାକ୍ତର ଲିଙ୍ଗରାଜ ନାଥ କାର୍ଡିଓଲୋଜି ଟକ୍‌ର ଆୟୋଜନ କରାଯାଇଥିଲା। ମଜା ଓ ଆନ୍ଦୋଳନ ପୂର୍ଣ୍ଣ ପରିବେଶ ସୃଷ୍ଟି କରିବା ପାଇଁ "ଥ୍ରୋ ବଲ୍' ଓ "ଲେଟର୍ କରେକ୍ସନ୍' ପରି ସହଜ"ଖେଳମାନଙ୍କ ମଧ୍ୟ ଆୟୋଜନ ହୋଇଥିଲା, ଯେଉଁଥିରେ ସମସ୍ତେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏହା ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମର ମନୋରମ ପରିବେଶକୁ ଆହୁରି ଜୀବନ୍ତ କରିଦେଇଥିଲା। ଶେଷରେ ଏକ ସ୍ୱତନ୍ତ୍ର ବସରେ ସିଟି ଟୁରରେ ସମସ୍ତ ସିନିୟର୍ ନାଗରିକ ମିଶି ଭୁବନେଶ୍ୱରର ସକାଳୀର ମନୋରମା ଉପଭୋଗ କରି ନିଜ ନିଜ ଘରକୁ ଫେରିଥିଲେ। ଏହି ଅବସରରେ ମଣିପାଲ ହସ୍ପିଟାଲ୍‌ର କ୍ଲଷ୍ଟର ଡାଇରେକ୍ଟର (ସାଉଥ୍-ଇଷ୍ଟ) ଡାକ୍ତର ଶକ୍ତିମୟ ମହାପାତ୍ର କହିଥିଲେ,ଆମର ବୟସ୍କ ନାଗରିକଙ୍କ ପାଇଁ ଏହି ସ୍ୱାସ୍ଥ୍ୟମୟ, ଆନନ୍ଦମୟ ସକାଳ ଆୟୋଜନ କରି ଆମେ ଅତ୍ୟନ୍ତ ଖୁସି। ବୟସ୍କମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ସୁସ୍ଥ ରହିବା ଆମର ଏକ ଛୋଟିଆ ପ୍ରୟାସ। ଆଗାମୀ ଦିନରେ ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ ଏହି ପରି ଅନେକ କାର୍ଯ୍ୟକ୍ରମ ଆୟୋଜନ କରି ବୟସ୍କଙ୍କ ମଧ୍ୟରେ ସ୍ୱାସ୍ଥ୍ୟଜୀବନ ଓ ସକ୍ରିୟତାକୁ ପ୍ରୋତ୍ସାହିତ କରିବାକୁ ଯୋଜନା କରୁଛି। ସମାଜର ସବୁଠୁ ବୟସ୍କ ସଦସ୍ୟମାନଙ୍କୁ ସ୍ୱାସ୍ଥ୍ୟ ସେବାକୁ ଆହୁରି ନିକଟରେ ଆଣିବାରେ ହସ୍ପିଟାଲ୍‌ର ଏହି ପ୍ରୟାସକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି।

ଜୀବନର କେତେ ରଙ୍ଗ


# 'ଦୃଢ଼ ହୋଇ ବଞ୍ଚିବା ଶିଖାଇଛି ସମୟ'

**ଭୁବନେଶ୍ୱର,୩୦।୧୧(ସମିସ):** ଇଚ୍ଛାଶକ୍ତି ଆଗରେ ହାର ମାନିଛି ବୟସ। ମନରେ ନା କିଛି ଅବସୋସ ନା କିଛି ବଡ଼ ଆଶା। ପ୍ରତିଦିନ ନିଜ କର୍ମ ପଥେ ସେ ଘରୁ ବାହାରି ଯାନ୍ତି। ସମୟ ସହ ତାଳ ଦେଇ ନିଜକୁ ସେଥିରେ ଖାପଖୁଆଇ ଚାଲନ୍ତି। ଜଣା ଅଜଣା ସମସ୍ତଙ୍କ ପାଇଁ ସେ ଚିହ୍ନା ମୁହଁ ପାଲଟିଛନ୍ତି। ତାଙ୍କ କେଇପଦର ହସମଜା କଥା ଲୋକଙ୍କୁ ବେଶ ଭଲ ଲାଗେ।



ଏଭଳି ଜଣେ ମଣିଷ ହେଉଛନ୍ତି ଗଙ୍ଗାଧର ମହାପାତ୍ର, ବୟସ ୬୫ରୁ ଅଧିକ ହେଲାଣି। ଆଚାର୍ଯ୍ୟବିହାର ନିକଟରେ ଥିବା ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟ ଫାଟକ ନିକଟ ରାସ୍ତା ହେଉଛି ତାଙ୍କ ବର୍ତ୍ତମାନର ଠିକଣା, ଘର ମଧ୍ୟ ସେହି ନିକଟରେ। ସକାଳ ୧୦ଟାରୁ ସନ୍ଧ୍ୟା ଯାଏଁ ତାଙ୍କୁ ସେହି ଗୋଟିଏ ସ୍ଥାନରେ ହିଁ ଦେଖିବାକୁ ମିଳେ। ଯେ କେ ହିବି ସେହି ସଂଗ୍ରହାଳୟକୁ ନିୟମିତ ଯାନ୍ତି, ସେ ଗଙ୍ଗାଧରକୁ ନିଶ୍ଚିତ ଭାବରେ ଜାଣନ୍ତି। କଥାଟି ହେଲା ଗଙ୍ଗାଧର ପ୍ରଥମେ ସଂଗ୍ରହାଳୟ ପରିସରରେ ମାଳି ଭାବରେ କାମ କରୁଥିଲେ। ହେଲେ ୬୫ ବର୍ଷ ବୟସ ପରେ ଏହି କାମ ଆଉ କରିବାକୁ ଦିଆଯାଏ ନାହିଁ। ତେଣୁ ଗତ ୩ରୁ ୪ ବର୍ଷ ହେବ ସେ ଆଉ ସଂଗ୍ରହାଳୟରେ କାମ କରୁନାହାନ୍ତି। ହେଲେ ଘର ଚଳାଇବା ପାଇଁ କାମ ଏବଂ ପଇସା ଆବଶ୍ୟକ ଥିବାରୁ, ସେ ବିଭିନ୍ନ ପ୍ରକାରର ସ୍ନାକ୍ସ ବିକ୍ରି କରିବା ଆରମ୍ଭ କଲେ। ତାଙ୍କ ପତ୍ନୀ ମଧ୍ୟ ଘର ଚଳାଇବା ପାଇଁ ସେହି ସଂଗ୍ରହାଳୟରେ ହାଉସହେଲ୍ପ କାମ କରନ୍ତି। ହେଲେ ସମୟର ବିଡମ୍ବନା କି କିଛି ମାସ ପୂର୍ବେ ତାଙ୍କ ପତ୍ନୀଙ୍କର ହାତ ଭାଙ୍ଗି ଯାଇଥିଲା। ଫଳରେ ତିନିରୁ ଚାରି ମାସ ତାଙ୍କୁ ଘରେ ରହିବାକୁ ପଡିଲା। ହେଲେ ଘର ଖର୍ଚ୍ଚ ସହ ଔଷଧ ଖର୍ଚ୍ଚ ବି ଗଙ୍ଗାଧରଙ୍କ ଉପରେ। ତଥାପି ସେ ହାର ନମାନି ନିଜ କାମରେ ଲାଗିଛନ୍ତି। ସେ ଆହୁରି କୁହନ୍ତି, କର୍ମ କରୁଥିବା ମଣିଷ ସହ ଭଗବାନ ଥାନ୍ତି। ତେଣୁ ମୋ କାମ ମୁଁ କରି ଚାଲିଛି। ସମୟ ସହ ସେ ଥକି ପଡିନାହାନ୍ତି ବରଂ ଆହୁରି ଦୃଢ଼ ହୋଇ ସାମ୍ନା କରିବାର ଏକ ଉଦାହରଣ ସାଜିଛନ୍ତି। ପୁଅ ଝିଅ ଥିଲେ ହେଁ ସବୁ ଏବେ ଜେଝା ବାଟରେ ଯିଏ। ଗ୍ରାହକଙ୍କ ସହ ମଜାଳିଆ କଥା କହି ବେଶ ନିଜର କରିନିଅନ୍ତି। ସମୟ ତାଙ୍କୁ ଜୀବନର ଅନେକ ରଙ୍ଗ ଦେଖାଇଛି, ହେଲେ ତାଙ୍କ ମନ ବଳକୁ ଭାଙ୍ଗି ପାରିନି ବୋଲି ଗଙ୍ଗାଧର କହିଥିଲେ।



୫ମ ସୂନକ୍ଷତ୍ର
ସକାଳ THE SAKALA
www.sakalaepaper.com



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୯୫ • ପାଉଣ୍ଡ ୧୧୮.୮୭
- ୟୁରୋ ୧୦୩.୧୮ • ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୯,୦୦୦ (ନୂଆଦିଲ୍ଲୀ)
- ରୁପା : ୧,୮୫,୦୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୭୦୬.୦୦
- ନିଫ୍ଟି ୨୬,୨୦୨.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ମଣିଷର ଭବିଷ୍ୟତକୁ ଚୂରମାର କରିଦେବ ଏଆଇ

**ୱାଶିଂଟନ୍, ୩୦।୧୧(ଏଜେନ୍ସି):** ଶେଷରେ ସତ ହେବାକୁ ଯାଉଛି ବୈଜ୍ଞାନିକଙ୍କ ଭବିଷ୍ୟବାଣୀ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ମଣିଷ ସମାଜ ପାଇଁ ବଡ଼ ବିପଦ। ମଣିଷକୁ ନିଜ ଆୟତ୍ତରେ ରଖି ଆଙ୍ଗୁଳିରେ ନଚାଇବ ଏଆଇ। ଦିନେ ଏଆଇକୁ ନେଇ ଗଡଫାଦର ଦେଇଥିବା ଚେତାବନୀ ଏବେ ସତ ହେବାକୁ ଯାଉଛି। ଏଆଇ ମାନବତାର ଭବିଷ୍ୟତକୁ ଚୁରମାର କରିଦେବ। ଏପରି ଅଭିଯୋଗ ଆଣିଛନ୍ତି ବିଶ୍ୱର ପ୍ରମୁଖ ଟେକ୍ କମ୍ପାନୀ ଆମାଜନ୍‌ର ହଜାର ହଜାର କର୍ମଚାରୀ। ଆମାଜନ୍ କର୍ମଚାରୀ ମିଳିତ ଭାବରେ ସିଇଓ ଆଣ୍ଡି ଜାସିଙ୍କୁ ଖୋଲା ଚିଠି ଲେଖିଛନ୍ତି। ଏମାନେ ହେଉଛନ୍ତି ସେହି କର୍ମଚାରୀ ଯିଏ ପ୍ରତିଦିନ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସିଷ୍ଟମକୁ ପରିଚାଳନା କରନ୍ତି। କିନ୍ତୁ କର୍ମଚାରୀମାନେ ଏଆଇ ବିରୁଦ୍ଧରେ ସ୍ୱର ଉଠାଇଛନ୍ତି। ଯାହାକୁ ନେଇ ଟେକ୍ ଶିଳ୍ପରେ ହଇଚଇ।

## ଆମାଜନ ସିଇଓଙ୍କୁ ଚିଠି ଲେଖି ଚେତାବନୀ ଦେଲେ ହଜାର ହଜାର କର୍ମଚାରୀ

ସିଇଓ ଆଣ୍ଡି ଜାସିକୁ ଏହି ଖୋଲା ଚିଠିରେ, ଆମାଜନ୍ କର୍ମଚାରୀମାନେ ଲେଖିଛନ୍ତି ଯେ ଏଆଇ ଯେଉଁ ଗତିରେ ଆଗକୁ ବଢୁଛି ତାହା କେବଳ ମେସିନକୁ ନୁହେଁ ବରଂ ମାନବତାର ଭବିଷ୍ୟତକୁ ମଧ୍ୟ ଚୁରମାର କରିପାରେ। ସେମାନେ କହିଛନ୍ତି ଯେ ଯଦି ଏହି ଅନିୟନ୍ତ୍ରିତ ଏଆଇ ରେସକୁ ଏବେ ବନ୍ଦ କରା ନ ଯାଏ, ତେବେ ପରିଣାମ ଅତ୍ୟନ୍ତ ବିପଜ୍ଜନକ ହୋଇପାରେ। ତାହା ଚାକିରି, ଗଣତନ୍ତ୍ର କିମ୍ବା ଆମ ଗ୍ରହର ଭବିଷ୍ୟତ ପାଇଁ ହେଉ। ଯଦି ଏବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତେବେ ଏଆଇ କାଲିକୁ ମଣିଷକୁ ଗିଳିଦେବ। ଏହି ଖୋଲା ଚିଠିରେ ହଜାରରୁ ଅଧିକ କର୍ମଚାରୀ ସ୍ୱାକ୍ଷର କରିଛନ୍ତି। ସ୍ୱାକ୍ଷରକାରୀଙ୍କ ମଧ୍ୟରେ ଇଞ୍ଜିନିୟର, ପ୍ରଡକ୍ଟ ମ୍ୟାନେଜମେଣ୍ଟ, ଗୋଦାମ କର୍ମଚାରୀ ଏବଂ ଏଆଇ ସିଷ୍ଟମରେ କାମ କରୁଥିବା ବୈଷୟିକ ବିଶେଷଜ୍ଞ ମଧ୍ୟ ସାମିଲ ଅଛନ୍ତି।

କର୍ମଚାରୀମାନେ ଅଭିଯୋଗ କରିଛନ୍ତି ଯେ କମ୍ପାନୀ ଏଆଇ ରେସରେ ଆଗକୁ ବଢ଼ିବା ପାଇଁ ଏହା ମାନବ କର୍ମଚାରୀଙ୍କ ମଙ୍ଗଳକୁ ଅଣଦେଖା କରୁଛି। ଚିଠିରେ ଦାବି କରାଯାଇଛି ଯେ ଅମାଜନ୍‌ର ଏଆଇ ଡାଟା ସେଣ୍ଟରଗୁଡ଼ିକ ଅତ୍ୟଧିକ ପରିମାଣର ପାଣି ଏବଂ ଶକ୍ତି ବ୍ୟବହାର କରିବ, ଯାହା ପରିବେଶ ପ୍ରତି ଏକ ଗମ୍ଭୀର ବିପଦ ସୃଷ୍ଟି କରିବ। କର୍ମଚାରୀମାନେ ଏହା ମଧ୍ୟ ଚିନ୍ତା ପ୍ରକାଶ କରିଛନ୍ତି ଯେ କମ୍ପାନୀର ଏଆଇର ବର୍ଦ୍ଧିତ ବ୍ୟବହାର ଚାକିରି ସୁରକ୍ଷାକୁ ଦୁର୍ବଳ କରିଛି, କର୍ମଚାରୀଙ୍କ କାର୍ଯ୍ୟଭାର ବୃଦ୍ଧି କରିଛି ଏବଂ କାର୍ଯ୍ୟକ୍ଷେତ୍ରରେ ନଜର ରଖିଛି। ସେମାନଙ୍କ ଅନୁଯାୟୀ, ଏହି ପରିବର୍ତ୍ତନଗୁଡ଼ିକ କେବଳ ମାନସିକ ଚାପ ବୃଦ୍ଧି କରୁନାହିଁ ବରଂ ଆମାଜନ୍‌ର ଦୀର୍ଘକାଳୀନ ମୂଲ୍ୟବୋଧକୁ ମଧ୍ୟ ବିରୋଧ କରୁଛି।

# ବିକ୍ରି ହେବ ଟ୍ରମ୍ପଙ୍କ ପିଲାଦିନର ଘର

**ନୂଆଦିଲ୍ଲୀ,୩୦।୧୧(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବର୍ତ୍ତମାନ ସାରା ବିଶ୍ୱରେ ଟାରିଫ୍ ବା ବାଣିଜ୍ୟ ଶୁଳ୍କ ପାଇଁ ବେଶ ଚର୍ଚ୍ଚାରେ ରହିଛନ୍ତି। ଏବେ ଆଉ ଏକ ଖବର ପାଇଁ ଟ୍ରମ୍ପଙ୍କୁ ନେଇ ଚର୍ଚ୍ଚା। ତାହା ହେଉଛି ଏବେ ଟ୍ରମ୍ପଙ୍କ ପିଲାଦିନର ଘର ପୁଣି ଥରେ ବିକ୍ରି ହେବାକୁ ଯାଉଛି। ଏହା ନ୍ୟୁୟର୍କର କୁଇନ୍ସରେ ଅବସ୍ଥିତ। ନ୍ୟୁୟର୍କ ଟାଇମ୍ସ ଅନୁଯାୟୀ, ଘରଟି ୨.୩ ନିୟୁତ ଡଲାର (ପ୍ରାୟ ୨୦ କୋଟି ଟଙ୍କା) ମୂଲ୍ୟରେ ନିର୍ମିତ। ଘରଟିର ନବୀକରଣ କରାଯାଇଛି। ଏହି ଟୁଡୋର-ଶୈଳୀର ଘରଟି ୧୯୪୦ ମସିହାରେ ଟ୍ରମ୍ପଙ୍କ ପିତା ରିଅଲ୍ ଇଷ୍ଟେଟ୍ ଡେଭଲପର ଫ୍ରେଡ୍ ଟ୍ରମ୍ପଙ୍କ ଦ୍ୱାରା ନିର୍ମିତ। ଏହା କୁଇନ୍ସର ପଶ ଜାମାଇକା ଇଷ୍ଟେଟ୍ସ ନିକଟରେ ଅବସ୍ଥିତ। ଟ୍ରମ୍ପ ଚାରି ବର୍ଷ ବୟସ ପର୍ଯ୍ୟନ୍ତ ଏହି ଘରେ ରହୁଥିଲେ, ତା'ପରେ ତାଙ୍କ ପରିବାର ପାଖରେ ଥିବା ଏକ ବଡ଼ ବଙ୍ଗଳାକୁ ଚାଲିଯାଇଥିଲେ।

ରିଅଲ୍ ଇଷ୍ଟେଟ୍ ଡେଭଲପର ଟମି ଲିନ୍ ମାର୍ଚ୍ଚ ମାସରେ ୮୩୫,୦୦୦ ଡଲାରରେ ଘରଟି କିଣିଥିଲେ। ସେ ତୁରନ୍ତ ମରାମତି କରିଥିଲେ, ଯାହାର ଖର୍ଚ୍ଚ ପ୍ରାୟ ୫୦୦,୦୦୦ ଡଲାର ଥିଲା। ଲିନ୍ କହିଥିଲେ ଯେ ସେହି ସମୟରେ ଘରଟି ବାସଯୋଗ୍ୟ ନ ଥିଲା। ସେସଥିରେ ପାଣି ଏବଂ ବିଦ୍ୟୁତ୍ ସମସ୍ୟା ସହ ଫଟା ପାଇପ୍ ଥିଲା। ଗୋଟିଏ ସମୟରେ, ଏହା ଜଙ୍ଗଲୀ ବିଲେଇମାନଙ୍କ ବାସସ୍ଥଳ ପାଲଟିଥିଲା। ପ୍ରାୟ ୨୫୦୦ ବର୍ଗଫୁଟ ପରିମିତ ଏହି ଘରଟିର ବର୍ତ୍ତମାନ ସମ୍ପୂର୍ଣ୍ଣ ନବୀକରଣ କରାଯାଇଛି। ଏଥିରେ ୫ଟି ଶୟନ କକ୍ଷ, ତିନୋଟି ପୂର୍ଣ୍ଣ ସ୍ନାନାଗାର, ଦୁଇଟି ଛୋଟ ଶୌଚାଳୟ ଏବଂ ଏକ ବେସମେଣ୍ଟ ଏବଂ ଏକ ପୃଥକ ଦୁଇ-କାର ଗ୍ୟାରେଜ ଅଛି। ଏହି ଘରେ ଆଧୁନିକ ଏବଂ ବିଳାସପୂର୍ଣ୍ଣ ଅପଡେଟ୍ ସୁବିଧା ରହିଛି, ଯେପରିକି ହେରିଂବୋନ୍-ପାର୍ଟର୍ଣ୍ଣ କାଠ ମହଲା ଏବଂ ଏକ ଉଚ୍ଚମାନର ରୋଷେଇ ଘର।




# ବକ୍ସାଇଟ୍ ଓଡ଼ିଶାର ଅଭିବୃଦ୍ଧିକୁ ଶକ୍ତିଶାଳୀ କରିପାରିବ

**ଭୁବନେଶ୍ୱର,୩୦।୧୧(ସମିସ):** ଓଡ଼ିଶାର ଅଭିବୃଦ୍ଧିର ଏହି ପରବର୍ତ୍ତୀ ଅଧ୍ୟାୟର କେନ୍ଦ୍ରବିନ୍ଦୁ ହେଉଛି ଆଲୁମିନିୟମ୍ ଏବଂ ଏହି ସୁଯୋଗର କେନ୍ଦ୍ରବିନ୍ଦୁରେ ଓଡ଼ିଶା ଅବସ୍ଥିତ। ଭାରତର ବକ୍ସାଇଟ୍ ସଂରକ୍ଷଣର ୫୯% ଓଡ଼ିଶାରେ ରହିଛି, ଯାହା ଏହାକୁ ଆଲୁମିନିୟମ୍ ଉତ୍ପାଦନ ପାଇଁ କଂଚାମାଲ ସୁରକ୍ଷିତ କରିବା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କରିଛି। ଖଣି ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଆଲୁମିନିୟମ୍ ଭିଜନ୍ ଡକ୍ୟୁମେଣ୍ଟ ଅନୁଯାୟୀ, ୨୦୪୭ ସୁଦ୍ଧା ଭାରତର ଆଲୁମିନିୟମ୍ ଚାହିଦା ୬ ଗୁଣ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି, ଯାହା ବାର୍ଷିକ ୪.୫ ନିୟୁତ ଟନ୍‌ରୁ ୩୭ ନିୟୁତ ଟନ୍ ଉତ୍ପାଦନକୁ ବୃଦ୍ଧି କରିବ, ଓଡ଼ିଶାର ଭୂମିକା ଅପରିହାର୍ଯ୍ୟ ହୋଇପଡ଼େ। କଳାହାଣ୍ଡି ଭଳି ପ୍ରମୁଖ ବକ୍ସାଇଟ୍ ବେଲ୍ଟଗୁଡ଼ିକ ଏହି କ୍ଷମତାର ଏକ ବଡ଼ ଅଂଶକୁ ଅନଲକ୍ କରିବାର ସମ୍ଭାବନା ରଖେ, ଏହି ଅଞ୍ଚଳକୁ ଭାରତର ଆଲୁମିନିୟମ୍ ପ୍ରସାରଣରେ ଏକ ପ୍ରମୁଖ ଯୋଗଦାନକାରୀ ଭାବରେ ସ୍ଥାନିତ କରୁଛି। ବିଶେଷଜ୍ଞମାନେ ମତ ଦିଅନ୍ତି ଯେ ବକ୍ସାଇଟ୍ ଖଣି ଏବଂ ଆଲୁମିନିୟମ୍ ଉତ୍ପାଦନ ସହିତ ଜଡିତ ଆର୍ଥିକ ସୁଯୋଗ ଯଥେଷ୍ଟ। ଏହାର ଶିଳ୍ପ ଗୁରୁତ୍ୱ ବ୍ୟତୀତ, ଆଲୁମିନିୟମ୍ ଦେଶର ସବୁଠାରୁ ଶକ୍ତିଶାଳୀ ନିଯୁକ୍ତି ଗୁଣକ ମଧ୍ୟରୁ ଗୋଟିଏ। ବିଶ୍ୱ ସ୍ତରରେ ଆଲୁମିନିୟମ୍ ଚାହିଦା ବୃଦ୍ଧି ପାଉଥିବାରୁ, ଓଡ଼ିଶାକୁ ଏହାର ନୀତିଗତ ପରିବେଶକୁ ସୁଗମ କରିବା ପାଇଁ ଅଧିକ ଜରୁରୀ ହୋଇପଡ଼ିଛି।

# ମଣିପାଲ ହସ୍ପିଟାଲ୍‌ରେ 'ହେଲଦି ଡେ ଆଉଟ୍ ଫର୍ ଦ ୟଙ୍ଗ ଆଟ୍ ହାର୍ଟ' କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୩୦।୧୧:** ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ ଆଇଜି ପାର୍କ ଠାରେ 'ହେଲଦି ଡେ ଆଉଟ୍ ଫର୍ ଦ ୟଙ୍ଗ ଆଟ୍ ହାର୍ଟ ' ନାମକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ବୟସ୍କ ଲୋକଙ୍କୁ ସ୍ୱାସ୍ଥ୍ୟ ସଚେତନ କରାଇବା ଏବଂ ସକ୍ରିୟ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିନିୟର ସିଟିଜେଟ୍ ଫୋରମର ୫୦ ରୁ ଉର୍ଦ୍ଧ ସଦସ୍ୟ ଯୋଗଦାନ କରିଥିଲେ। ସେମାନଙ୍କୁ ଯାତାୟତ କରିବାରେ ଯେଭଳି କୌଣସି ଅସୁବିଧା ନ ହୁଏ ସେଥିପାଇଁ ମଣିପାଲ ହସ୍ପିଟାଲ ପକ୍ଷରୁ ବିଶେଷ ଗାଡିର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ସେଚତନ କାର୍ଯ୍ୟକ୍ରମ ଯୋଗ ଓ ଆସନ ଠାରୁ ଆରମ୍ଭ ହୋଇଥିଲା, ଯାହାକି ବୟସ୍କ ଲୋକଙ୍କର ସ୍ୱାସ୍ଥ୍ୟବସ୍ଥା ଓ ଶାରୀରିକ ଫିଟ୍‌ନେସ୍‌କୁ ଧ୍ୟାନରେ ରଖି ଡାକ୍ତରଙ୍କ ପରାମର୍ଶରେ କରାଯାଇଥିଲା। ଆଗାମୀ ଦିନ ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ ଏହି ପରି ଅନେକ କାର୍ଯ୍ୟକ୍ରମ ଆୟୋଜନ କରି ବୟସ୍କଙ୍କ ମଧ୍ୟରେ ସ୍ୱାସ୍ଥ୍ୟଜୀବନ ଓ ସକ୍ରିୟତାକୁ ପ୍ରୋତ୍ସାହିତ କରିବାକୁ ଯୋଜନା ଥିବା ଅବସରରେ ମଣିପାଲ ହସ୍ପିଟାଲ୍‌ର କ୍ଲଷ୍ଟର ଡାଇରେକ୍ଟର (ସାଉଥ୍-ଇଷ୍ଟ) ଡାକ୍ତର ଶକ୍ତିମୟ ମହାପାତ୍ର କହିଛନ୍ତି।

# ବନ୍ଧନ ସିଲଭର ଇଟିଏଫ୍‌ର ଶୁଭାରମ୍ଭ

**ମୁମ୍ବାଇ,୩୦।୧୧:** ବନ୍ଧନ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଦୁଇଟି ନୂଆ ଇଟିଏଫ, ବନ୍ଧନ ଗୋଲ୍ଡ ଇଟିଏଫ ଓ ବନ୍ଧନ ସିଲଭର ଇଟିଏଫର ଶୁଭାରମ୍ଭ ଘୋଷଣା କରାଯାଇଛି। ଏହି ଓପନ-ଏଣ୍ଡେଡ ସ୍କିମଗୁଡିକ ଫିଜିକାଲ ଗୋଲ୍ଡ ଓ ସିଲଭରର ଘରୋଇ ମୂଲ୍ୟକୁ ଟ୍ରାକ କରିବେ। ଏହି ନୂତନ ଫଣ୍ଡ ଅଫର (ଏନଏଫଓ) ସୋମବାର ୧ ଡିସେମ୍ବରରେ ଖୋଲିବ ଏବଂ ବୁଧବାର ୩ ଡିସେମ୍ବରରେ ବନ୍ଦ ହେବ। ଏହି ଇଟିଏଫଗୁଡିକ ଏକ ସ୍ମାର୍ଟ, ସ୍ୱଚ୍ଛ ଓ ଦକ୍ଷ ଉପାୟରେ ନିବେଶ କରିବା ପାଇଁ ସୁନା କିମ୍ବା ରୁପାର ପହଞ୍ଚ ହାସଲ କରିବାକୁ ଚାହୁଁଥିବା ନିବେଶକଙ୍କ ପାଇଁ ଏହାକୁ ସରଳ କରିବା ଲାଗି ଲକ୍ଷ୍ୟ ରଖିଛନ୍ତି। ନିଜର ପୋର୍ଟଫୋଲିଓରେ ସ୍ଥିରତା ଓ ବିବିଧତାକୁ ସୁଦୃଢ କରିବାକୁ ଚାହୁଁଥିବା ନିବେଶକମାନେ ବନ୍ଧନ ଗୋଲ୍ଡ ଇଟିଏଫ ଓ ବନ୍ଧନ ସିଲ୍‌ଭର ଇଟିଏଫ ସମ୍ପର୍କରେ ବିଚାର କରିପାରିବେ।

### ଉପମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଘୋର ଅବ୍ୟବସ୍ଥା

# ଆଳୁ ବିହନ ବିତରଣରେ ଚାଷୀ ଅସନ୍ତୁଷ୍ଟ

ଆଠଗଡ଼,୩୦।୧୧(ସମିସ)

ଆଠଗଡ଼ରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଦ୍ୱାରା ଆୟୋଜିତ ଆଳୁ ବିହନ ବିତରଣ କାର୍ଯ୍ୟକ୍ରମରେ ଘୋର ଅବ୍ୟବସ୍ଥା ଯୋଗୁଁ ଚାଷୀମାନେ ଅସନ୍ତୁଷ୍ଟ ହୋଇ ଫେରିଯାଇଛନ୍ତି। ବଣ୍ଟନ ସ୍ଥଳ ତଥା ସଭାସ୍ଥଳରେ ଉପଯୁକ୍ତ ପରିଚାଳନା ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ରବିବାର ଆଠଗଡ଼ ବ୍ଲକ ଅନ୍ତର୍ଗତ ଧୁରୁଷିଆ ପଞ୍ଚାୟତ ଜଗମୋହନପୁର ଠାରେ ଆଠଗଡ଼ ଉଦ୍ୟାନ ବିଭାଗ ପକ୍ଷରୁ ଚାଷୀମାନଙ୍କୁ ପ୍ରାମାଣିକ ଆଳୁ ବିହନ ବିତରଣ ପାଇଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

- ଅଧିକାରୀଙ୍କ ପାଖରେ ନାହିଁ ତଥ୍ୟ
- ମାତ୍ର ତିନି ଜଣ ଚାଷୀଙ୍କୁ ବିହନ ବଣ୍ଟନ
- ବିହନ ବଜାରରେ ବିକ୍ରି ହେଉଥିବା ଅଭିଯୋଗ

ଉପମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାଷୀମାନଙ୍କୁ ବିହନ ବିତରଣ କରିବାର କାର୍ଯ୍ୟକ୍ରମ ଥିଲା। ବିଭାଗ ପକ୍ଷରୁ ଚାଷୀମାନଙ୍କୁ କୌଣସି ସୂଚନା ଦିଆଯାଇ ନ ଥିବା ଯୋଗୁଁ ମାତ୍ର ତିନି ଜଣ ଚାଷୀଙ୍କୁ ଉପମୁଖ୍ୟମନ୍ତ୍ରୀ ଦେଢ଼ କ୍ୱିଣ୍ଟାଲ ଆଳୁ ବିହନ ବିତରଣ କରିଥିଲେ। ଏଥିସହ ନିଜେ ବିଲରେ ଆଳୁ ଲଗାଇଥିବା ମଧ୍ୟ ଜଣାପଡ଼ିଛି। ଆଗରୁ ମଧ୍ୟ କିଛି ଚାଷୀଙ୍କୁ ଆଳୁ ବିହନ ଯୋଗାଇ ଦିଆଯାଇଛି। କିନ୍ତୁ କେତେ ଚାଷୀଙ୍କୁ କେତେ ବିହନ ଯୋଗାଇ ଦିଆଯାଇଛି ତାହାର କୌଣସି ତଥ୍ୟ ଆଠଗଡ଼ ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକଙ୍କ ପାଖରେ ନାହିଁ। ଆଠଗଡ଼ ଉପଖଣ୍ଡରେ ୨୭୦ ହେକ୍ଟର ଜମିରେ ଆଳୁ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଆଠଗଡ଼ ବ୍ଲକ ପାଇଁ ୭୦ ହେକ୍ଟର, ତିଗିରିଆ ବ୍ଲକ ପାଇଁ ୬୫ ହେକ୍ଟର, ବଡ଼ମ୍ବା ବ୍ଲକ ପାଇଁ ୬୫ ହେକ୍ଟର ଏବଂ ନରସିଂହପୁର ବ୍ଲକ ପାଇଁ ୭୦ ହେକ୍ଟର ଜମିରେ ଆଳୁ ଚାଷ ହେବା କଥା; କିନ୍ତୁ ଏଥିପାଇଁ କେତେ ଚାଷୀ ପଞ୍ଜୀକରଣ କରିଛନ୍ତି ବୋଲି ଆଠଗଡ଼ ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ଜ୍ୟୋତ୍ସ୍ନା ଦେବୀ ବେଶ୍ରାଙ୍କୁ ପଚାରିବାରୁ ସେ "ଗୋ ସୁଗମ ଆପ୍ ଦେଖି ଦିଅନ୍ତୁ" ବୋଲି କହିଥିଲେ, ଯାହା ଅଧିକାରୀଙ୍କ ଦାୟିତ୍ୱହୀନତାକୁ ଦର୍ଶାଉଛି। ଆଠଗଡ଼ରେ ଆଳୁ ମିଶନ ବିଫଳ ହୋଇଥିବାବେଳେ ସରକାରଙ୍କ ତରଫରୁ ଦିଆଯାଉଥିବା ଆଳୁ ବିହନ ବଜାରରେ ପରିବା ଦରରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଆଠଗଡ଼ ଜନ ଜାଗରଣ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଆଳୁ ବିହନକୁ କିଛି ଚାଷୀଙ୍କୁ ଦେଇ ଅଧିକାରୀ ଏବଂ କର୍ମଚାରୀ ସେମାନଙ୍କ ଘରକୁ ନେଇ ଖାଉଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀଙ୍କ ସହିତ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେ, ଗ୍ରାମାଞ୍ଚଳ ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ, ବିହନ ନିଗମ ପରିଚାଳନା ନିର୍ଦ୍ଦେଶକ ନୀତି ରଞ୍ଜନ ସେନଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ତେବେ ଏହି କାର୍ଯ୍ୟକ୍ରମ ପାଇଁ ସ୍ଥାନୀୟ ଜନ ପ୍ରତିନିଧିମାନଙ୍କୁ ସୂଚନା ଦିଆଯାଇ ନ ଥିବାରୁ ସ୍ଥାନୀୟ ଲୋକମାନେ ଅସନ୍ତୋଷ ପ୍ରକାଶ କରିଥିଲେ।

### ଜଳଯୋଗାଣ ବନ୍ଦ

# ପିଇବା ପାଣିରୁ ବଞ୍ଚିତ ୪୯୦ ପରିବାର

**ନିଶ୍ଚିନ୍ତକୋଇଲି,୩୦।୧୧(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଫଗୋଳ ପଞ୍ଚାୟତରେ ଥିବା ଦୁଇଟି ପାନୀୟ ଜଳ ପ୍ରକଳ୍ପରୁ ୮ ଦିନ ହେବ ଜଳ ଯୋଗାଣ ସଂପୂର୍ଣ୍ଣ ଠପ୍ ହୋଇଛି। ଫଳରେ ଏହି ପଞ୍ଚାୟତର ୪୯୦ରୁ ଊର୍ଦ୍ଧ୍ୱ ପରିବାର ପିଇବା ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହି ଦୁଇ ପ୍ରକଳ୍ପରୁ ଟାଟା ପାୱାର କମ୍ପାନୀ ପକ୍ଷରୁ ବିଦ୍ୟୁତ ସଂଯୋଗ କାଟି ଦିଆଯାଇଥିବାରୁ ଏଭଳି ଅବସ୍ଥା ଉପୁଜୁଥିବା ଜଣାଯାଇଛି। ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ଏହି ପଞ୍ଚାୟତର ଫଗୋଳ ଓ ଜଗନ୍ନାଥପୁର ଗ୍ରାମରେ ଦୁଇଟି ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇ ବିଭିନ୍ନ ଗ୍ରାମକୁ ପାଇପ ଯୋଗେ ପିଇବା ପାଣି ଯୋଗାଇ ଦିଆଯାଉଥିଲା। ଫଗୋଳ ଜଳ ପ୍ରକଳ୍ପ ଉପରେ ସ୍ଥାନୀୟ ଅଞ୍ଚଳ ସହ ଝାରପଡା, ପାଇକରାପୁର ଗ୍ରାମର ୨ ଶହରୁ ଊର୍ଦ୍ଧ୍ୱ ପରିବାର ପିଇବା ପାଣି ପାଇଁ ନିର୍ଭର କରୁଥିବା ବେଳେ ଜଗନ୍ନାଥପୁର ପାନୀୟ ଜଳ ପ୍ରକଳ୍ପ ଉପରେ ସ୍ଥାନୀୟ ଅଞ୍ଚଳ ସମେତ ଝାରପଡା ଗ୍ରାମର ୪ଟି ୱାର୍ଡର ପାଖାପାଖି ୩୦୦ ପରିବାର ପାନୀୟ ଜଳ ପାଇଁ ନିର୍ଭର କରିଥାଆନ୍ତି। ଏହି ଅଞ୍ଚଳ ଗୁଡିକରେ ରହିଥିବା ନଳକୂଅ ଓ କୂଅଗୁଡିକରୁ ବାହାରୁଥିବା ପାଣି ପିଇବା ଉପଯୋଗୀ ହୋଇ ନ ଥିବାରୁ ବିଶେଷ କରି ଲୋକମାନେ ପିଇବା ପାଇଁ ଏହି ପ୍ରକଳ୍ପ ଉପରେ ନିର୍ଭର କରିଥାଆନ୍ତି। ହେଲେ ୮ ଦିନ ହେବ ପ୍ରକଳ୍ପରୁ ଜଳଯୋଗାଣ ହୋଇ ପାରୁ ନ ଥିବାରୁ ସାଧାରଣ ଲୋକେ ଓ ଗୃହପାଳିତ ପଶୁମାନେ ପାଣି ପାଇଁ ଉହଲବିକଳ ହେଉଛନ୍ତି। ଏ ସଂକ୍ରାନ୍ତରେ ସ୍ଥାନୀୟ ଲୋକମାନେ ବ୍ଲକ ପ୍ରଶାସନକୁ ବାରମ୍ବାର ଅବଗତ କରାଇଥିଲେ ମଧ୍ୟ ଏଥିପ୍ରତି କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶିଶିର କୁମାର ମଲିକଙ୍କ ପଚାରିବାରୁ ବିଦ୍ୟୁତ ବିଲ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବକେୟା ରହିଥିବାରୁ ସଂଯୋଗ ବିଚ୍ଛିନ୍ନ କରାଯାଇଛି ବୋଲି ପ୍ରକାଶ କରିଥିଲେ। କ'ଣ ପାଇଁ ପଞ୍ଚାୟତ ପକ୍ଷରୁ ବିଦ୍ୟୁତ ବିଲ୍ ପଇଠ କରାଯାଇ ନାହିଁ ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଥିବା ବେଳେ ବ୍ଲକ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ଦୁଇ ପ୍ରକଳ୍ପକୁ ସଚଳ କରିବା ପାଇଁ ସଂପୃକ୍ତ ପରିବାର ଦାବି କରିଛନ୍ତି।

# ଅଗ୍ନିକାଣ୍ଡରେ ୩ ଦୋକାନ ଭସ୍ମୀଭୂତ



**ଟାଙ୍ଗୀ,୩୦।୧୧(ସମିସ):** ୧୬ ନମ୍ବର ଜାତୀୟ ରାଜପଥ ଟାଙ୍ଗୀ ଥାନା ଗୋବିନ୍ଦପୁର ଛକରେ ଥିବା ତିନୋଟି ଦୋକାନ ରବିବାର ସନ୍ଧ୍ୟାରେ ଅଗ୍ନିକାଣ୍ଡରେ ଭସ୍ମୀଭୂତ ହୋଇଥିବା ଜଣାପଡିଛି। ଛକରେ ଥିବା ଏକ କେବିନରେ ପ୍ରବଳ ମାତ୍ରାରେ ଚୋରାତେଲ ଗଚ୍ଛିତ ଥିଲା। କୌଣସିମତେ ନିଆଁ ଲାଗି ପାଖରେ ଥିବା ଅନ୍ୟ ଦୋକାନରେ ଅଗ୍ନି ଲାଗିଯାଇଥିଲା। ଖବରପାଇ ଦମକଳ ବାହିନୀ ନିଆଁକୁ ଆୟତ୍ତ କରିଥିଲେ ହେଁ ତିନୋଟି ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି।୧୬ ନମ୍ବର ଜାତୀୟ ରାଜପଥ ଗୋବିନ୍ଦପୁର ଛକରେ ଶତାଧିକ ଟ୍ରକ ଛିଡ଼ା ହୋଇଥାନ୍ତି। ଟ୍ରକର ଚାଳକମାନେ ଚୋରାରେ ନିକଟସ୍ଥ ଦୋକାନରେ ବେଆଇନ ଭାବେ ତେଲ କିଣି ଚଡା ଦରରେ ବିକ୍ରି କରନ୍ତି। ପୂର୍ବରୁ ଉକ୍ତ ବିଷୟରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲେ ମଧ୍ୟ ପୋଲିସ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବା ଅଞ୍ଚଳରେ ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳିଛି। ତେବେ ଅଗ୍ନିକାଣ୍ଡ କଣ ପାଇଁ ଘଟିଛି ତଦନ୍ତ କରିବାପରେ ଜଣାପଡ଼ିବ ବୋଲି ଟାଙ୍ଗୀ ପୁଲିସ ସୂଚନା ପ୍ରଦାନ କରିଛି।

### ଅନ୍ତର୍ଜାତୀୟ ପ୍ରେସିଡେଣ୍ଟ କପ୍

# ଇତିହାସ ରଚିଲେ ଓଡ଼ିଆ ଝିଅ ମନସ୍ୱିନୀ




**ଟାଙ୍ଗୀ,୩୦।୧୧(ସମିସ):** ନୌଚାଳନା ପ୍ରତିଯୋଗିତାରେ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବା ଓଡ଼ିଆ ଝିଅ ତଥା କଟକ ଜିଲ୍ଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଶାଳଗାଁ ପଞ୍ଚାୟତ ବମ୍ଭରୀ ନିବାସୀ ସୁଷମା ମଞ୍ଜରୀ ଓ ଅଶୋକ ସ୍ୱାଇଁଙ୍କ କନ୍ୟା ମନସ୍ୱିନୀ ଓରଫ ମାମା ଅନ୍ତର୍ଜାତୀୟ ପ୍ରେସିଡ଼େଣ୍ଟ କପ୍-୨୦୨୫ ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିବା ଚର୍ଚ୍ଚାକୁ ଆସିଛି। ଉତ୍ତରାଖଣ୍ଡ ଥିରି ଠାରେ ଆୟୋଜିତ ଉକ୍ତ ଟୁର୍ଣ୍ଣାମେଣ୍ଟର ୪ ଜଣିଆ ବର୍ଗରେ ସ୍ୱର୍ଣ୍ଣ ପଦକ ଓ ୨ଜଣିଆ ବର୍ଗରେ ରୌପ୍ୟ ପଦକ ହାସଲ ବିଷୟ ଜଣାପଡ଼ିବା ପରେ ସମଗ୍ର ଓଡ଼ିଶାରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରକାଶଥାଉକି ଓଡ଼ିଆ ଝିଅ ମନସ୍ୱିନୀ ଜଗତପୁରସ୍ଥିତ ଜଳକ୍ରୀଡ଼ା ପ୍ରାଧିକରଣରୁ ତାଲିମ ଗ୍ରହଣ କରି ନିଜର ପ୍ରତିଭା ବଳରେ ପାରା ମିଲିଟାରୀ ଫୋର୍ସରେ ଚାକିରୀ ଜୀବନ ଆରମ୍ଭ କରିଥିଲେ। ଇତି ମଧ୍ୟରେ ସେ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ କ୍ରୀଡାରେ ଅଂଶଗ୍ରହଣ ପୂର୍ବକ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଜାଣିବାକୁ ମିଳିଛି। ଅନ୍ୟପକ୍ଷରେ ମନସ୍ୱିନୀଙ୍କ ମା' ଅଙ୍ଗନବାଡି କର୍ମୀ ଓ ପିତା ବାଇକ୍ ଗ୍ୟାରେଜ୍ କରି ସାଧାରଣ ଜନତାଙ୍କୁ ସେବା ଯୋଗାଉଥିବାବେଳେ ଝିଅ ମନସ୍ୱିନୀ ଭାରତବର୍ଷର ପ୍ରତିନିଧିତ୍ୱ କରିବା ସାଧାରଣରେ ଚର୍ଚ୍ଚା ସୃଷ୍ଟି କରିଛି।

# ବେଆଇନ ବାଲି ଚାଲାଣ; ୨ ହାଇୱା ଜବତ



**ତ୍ରିଶୂଳିଆ,୩୦।୧୧(ସମିସ):** ବାରଙ୍ଗ ଥାନା ଅନ୍ତର୍ଗତ ମୁଣ୍ଡଳୀ ବ୍ୟାରେଜ ନିକଟରୁ ଦୁଇଟି ବେଆଇନ ବାଲି ବୋଝେଇ ହାଇୱା ଗାଡ଼ିକୁ ଜବତ କରିଛି ପୁଲିସ। ଘଟଣାରୁ ପ୍ରକାଶ ଯେ, ବାରଙ୍ଗ ଥାନା ଅଞ୍ଚଳରେ ପ୍ରତ୍ୟେକ ଦିନ ଲଘୁ ଖଣିଜ ସମ୍ପଦ ସହିତ ଚୋରି ଡ଼କାୟତି ହେଉଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ଶନିବାର ରାତିରେ ଗୋଡିସାହି ଫାଣ୍ଡି ପୁଲିସ ମୁଣ୍ଡଳୀ ବ୍ୟାରେଜ ଛକରେ ଚେକିଂ କରୁଥିବା ବେଳେ ଦୁଇଟି ବେଆଇନ ବାଲି ବୋଝେଇ ହାଇୱା ଦ୍ରୁତଗତିରେ ଆସୁଥିବା ବେଳେ ପୁଲିସ ଅଟକାଇ ବାଲି ଚାଲାଣର ଆବଶ୍ୟକ କାଗଜପତ୍ର ମାଗିଥିଲେ। କିନ୍ତୁ ଉଭୟ ଚାଳକ ଘଟଣାସ୍ଥଳରେ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ପରେ ଗୋଡିସାହି ଫାଣ୍ଡି ପୁଲିସ ଘଟଣାସ୍ଥଳରୁ ବେଆଇନ ବାଲି ବୋଝେଇ ହାଇୱା ଗାଡ଼ି ଦୁଇଟିକୁ ଜବତ କରିବା ସହିତ ଉଭୟ ଚାଳକଙ୍କୁ ଅଟକ ରଖିଛି। ପରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହିତ ଲଘୁ ଖଣିଜ ବିଭାଗର ଅଧିକାରୀଙ୍କୁ ସୂଚନା ଦେଇଥିଲେ।







ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦

# ମହାପ୍ରଭୁଙ୍କୁ ପ୍ରଥମ ଟିକଟ ସମର୍ପଣ




କଟକ,୩୦।୧୧(ସମିସ): ଭାରତ-ଦକ୍ଷିଣଆଫ୍ରିକା ଟି-୨୦ ଶୃଙ୍ଖଳାର ପ୍ରଥମ ମୁକାବିଲା ଡିସେମ୍ବର ୯ରେ ବାରବାଟୀ ଷ୍ଟାଡିୟମରେ ଖେଳାଯିବ। ଏହି ପରିପ୍ରେକ୍ଷୀରେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ପ୍ରଥମ ଟିକଟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସମର୍ପଣ କରାଯାଇଛି। ଆଜି ଓସିଏ ସମ୍ପାଦକ ସଞ୍ଜୟ ବେହେରା ପୁରୀ ଶ୍ରୀମନ୍ଦିର ଯାଇ ପ୍ରଥମ ଟିକଟ୍ ମହାପ୍ରଭୁଙ୍କୁ ସମର୍ପଣ କରିଥିଲେ। ମ୍ୟାଚ୍ କିପରି ଶୃଙ୍ଖଳିତ ଢ଼ଙ୍ଗରେ ଆୟୋଜନ ହେବ ସେନେଇ ସଞ୍ଜୟ ପ୍ରାର୍ଥନା କରିଛନ୍ତି। ପୁରୀ ଜିଲ୍ଲା ଆଥଲେଟିକ ସଂଘ ସମ୍ପାଦକ ରବିଶଙ୍କର ପ୍ରତିହାରୀ, ଓସିଏ ସଦସ୍ୟ ସନ୍ତୋଷ ଦାସ ଉପସ୍ଥିତ ଥିଲେ।

# ବାରବାଟୀରେ ଟିକଟ ନିଅଣ୍ଟ!

## ଓସିଏ ବାଣ୍ଟିବ ୧୮ ହଜାର ୪ଶହ କମ୍ପ୍ଲିମେଣ୍ଟାରୀ

- ୩ ବର୍ଷରେ ଅନଲାଇନ୍ ଟିକଟ ୩ ହଜାର ଖସିଲାଣି
- କ୍ଲବ, ଜିଲ୍ଲା ସଂଘକୁ ବିକାଯିବ ୧୧ହଜାର ଟିକଟ
- କାଉଣ୍ଟରକୁ ଆସିବ ୧୦ହଜାର ଟିକଟ୍

**କଟକ,୩୦।୧୧(ସମିସ):** ଗ୍ୟାଲେରୀ ସିଟ୍ ଚଉଡା କରାଯାଇଥିବା ଯୋଗୁଁ ବାରବାଟୀ ଷ୍ଟାଡିୟମରେ ଦର୍ଶକ କ୍ଷମତା ହ୍ରାସ ପାଇଛି। ସମୁଦାୟ ଟିକଟ ସଂଖ୍ୟା ଘୋଷଣା ହୋଇନଥିଲେ ସୁଦ୍ଧା ଆଗାମୀ ଭାରତ-ଦକ୍ଷିଣଆଫ୍ରିକା ବିପକ୍ଷ ମ୍ୟାଚ୍ ପାଇଁ ପ୍ରାୟ ୪୨ହଜାର ଟିକଟ ଛପାଯିବ ବୋଲି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) କହିଛି। ତେବେ ଏହାଭିତରୁ ୧୮ହଜାର ୪ଶହ ଟିକଟ କମ୍ପ୍ଲିମେଣ୍ଟାରୀ ଆକାରରେ ବାଣ୍ଟିବା ନିମନ୍ତେ ସ୍ଥିର କରିଛି ରାଜ୍ୟର ସର୍ବୋଚ୍ଚ କ୍ରିକେଟ ସଂଘ। ଟିକଟ ଖଣ୍ଡେ ପାଇଁ ଦର୍ଶକ ଉହଳବିକଳ ହେଉଥିବା ବେଳେ ୪୩ ପ୍ରତିଶତରୁ ଅଧିକ ଟିକଟ୍ କେବଳ ବଣ୍ଟାଯିବା କେତେଦୂର ଯୁକ୍ତିଯୁକ୍ତ ତାହା ସମସ୍ତଙ୍କୁ ଚକିତ କରିଛି।

ଆଗାମୀ ମ୍ୟାଚ୍‌ରେ ଷ୍ଟାଡିୟମର ଦର୍ଶକ କ୍ଷମତା ପୂର୍ବାପେକ୍ଷା ହ୍ରାସ ପାଇଛି। ୭ଟି ଯାକ ଗ୍ୟାଲେରୀର ସିଟ୍‌କୁ ଚଉଡ଼ା କରାଯାଉଛି। ୧୯ ଇଞ୍ଚ ବିଶିଷ୍ଟ ସିମେଣ୍ଟ ସିଟ୍ ଗୁଡିକୁ ୨୨ ଇଞ୍ଚ ହୋଇଛି। ଫଳସ୍ୱରୂପ ଆନୁମାନିକ ଅଢ଼େଇ ହଜାର ସିଟ୍ କମିଛି। ତେବେ ଟିକଟ କେଳେଙ୍କାରୀକୁ ନେଇ ବାରମ୍ବାର ବିବାଦ ଉପୁଜୁଥିଲେ ସୁଦ୍ଧା ଓସିଏ ଏ ଦିଗରେ ଦୃଷ୍ଟି ଦେବା ପରିବର୍ତ୍ତେ ପାସ୍ ବାଣ୍ଟି କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀ, ରାଜନେତା ଏବଂ ସରକାରୀ ଅଧିକାରୀଙ୍କୁ ଖୁସି କରିବାକୁ ଚେଷ୍ଟା କରୁଛି ବୋଲି ଅଭିଯୋଗ ହେଉଛି। ୪୨ହଜାର ଟିକଟ ଭିତରୁ ୧୮ହଜାର ୪ଶହ ଟିକଟ କେବଳ ପାସ୍ ରୂପରେ ବାଣ୍ଟି ଦିଆଯିବ। ଓସିଏ ସହ ଅନୁବନ୍ଧିତ ଥିବା କ୍ଲବ, ଜିଲ୍ଲା ସଂଘ, ସ୍କୁଲ ଏବଂ କଲେଜକୁ ୧୧ହଜାର ଟିକଟ ବିକ୍ରି କରାଯିବ। ଦର୍ଶକଙ୍କ ପାଇଁ ରହିବ ସମୁଦାୟ ୧୨ହଜାର ଟିକଟ। ତନ୍ମଧ୍ୟରୁ ୨ହଜାର ଅନଲାଇନ୍‌ରେ ଏବଂ ୧୦ହଜାର ଅଫଲାଇନ୍‌ରେ ବିକ୍ରି ହେବ। ତେବେ ବର୍ଷକୁ ବର୍ଷ ବାରବାଟୀ ମ୍ୟାଚ୍ ନିମନ୍ତେ ଅନଲାଇନ୍ ଟିକଟ ସଂଖ୍ୟା ହ୍ରାସ ପାଇ ଚାଲିଥିବା ଦେଖିବାକୁ ମିଳୁଛି। ଗତ ଫେବୃୟାରୀ ୯ ତାରିଖରେ ଏଠାରେ ଖେଳାଯାଇଥିବା ଭାରତ-ଇଂଲଣ୍ଡ ବିପକ୍ଷ ମ୍ୟାଚ୍ ସମୟରେ ଅନଲାଇନ୍‌ରେ ୪ହଜାର ଟିକଟ ବିକ୍ରି କରାଯାଇଥିଲା। ଏହା ପୂର୍ବରୁ ୨୦୨୨ ଜୁନ୍ ୧୨ରେ ଏଠାରେ ଭାରତ-ଦକ୍ଷିଣଆଫ୍ରିକା ମଧ୍ୟରେ ଟି-୨୦ ମ୍ୟାଚ୍ ହୋଇଥିଲା। ସେତେବେଳେ ଅନଲାଇନ୍‌କୁ ଛଡ଼ା ଯାଇଥିଲା ୫ହଜାର ଟିକଟ୍। ତେବେ ବର୍ଷକୁ ବର୍ଷ ଦର୍ଶକଙ୍କ ଟିକଟକୁ କାଟି ଓସିଏ ପାସ୍ ବଢ଼ାଇ ଚାଲିଥିବା ଅଭିଯୋଗ ହେଉଛି।

ରାଉରକେଲା ପୁଲିସର ସଫଳତା

# ୪ ସାଇବର ଅପରାଧୀ ଗିରଫ

**ରାଉରକେଲା,୩୦।୧୧(ସମିସ):** କିଛି ବ୍ୟାଙ୍କ ଅଧିକାରୀଙ୍କ ସହ ମିଶି ରାଉରକେଲାରୁ ସାଇବର ଅପରାଧ କରୁଥିବା ଏକ ସଂଗଠିତ ୪ ଜଣିଆ ଅପରାଧୀ ସିଣ୍ଡିକେଟ୍‌କୁ ରାଉରକେଲା ପୁଲିସ ଠାବ କରିଛି। ଏହି ଘଟଣାରେ ୪ ଜଣଙ୍କୁ ରାଉରକେଲା ସାଇବର ଥାନା ପୁଲିସ ଗିରଫ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଜଣ କିଛି ଘରୋଇ ବ୍ୟାଙ୍କ ସହ ସମ୍ପୃକ୍ତି ରହିଥିବା ସୂଚନା ମିଳିଛି। ବିଭିନ୍ନ ବ୍ୟାଙ୍କରେ ୧୧ ଶହ ଏକାଉଣ୍ଟ ଖୋଲି ଅନଲାଇନ

**୮୦୦ରୁ ଊର୍ଦ୍ଧ୍ୱ ଆକାଉଣ୍ଟ ଖୋଲି କୋଟିକୋଟି ଟଙ୍କା ଠକେଇ**

ଜରିଆରେ ଲକ୍ଷଲକ୍ଷ ଟଙ୍କା ଠକୁଥିବା ଗିରଫ ଏହି ୪ ଜଣ ସାଇବର ଠକଙ୍କ ମଧ୍ୟରୁ ତିନି ଜଣ ଦୁଇଟି ଘରୋଇ କୋଟାକ ମହିନ୍ଦ୍ରାବ୍ୟାଙ୍କ ଏବଂ ଇଣ୍ଡସିଇଣ୍ଡ ବ୍ୟାଙ୍କର କର୍ମଚାରୀ ଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଅଜୟ କୁମାର ସା, ବ୍ୟାଙ୍କ କର୍ମଚାରୀ ହିମାଂଶୁ କୁମାର ସ୍ୱାଇଁ, ଶିବ ଶଙ୍କର ପଟ୍ଟନାୟକ ଓ ପ୍ରଭଞ୍ଜନ ନାୟକ। ଗିରଫ ସାଇବର ଠକମାନେ ଦେଶର ବିଭିନ୍ନ ସ୍ଥାନରେ ବ୍ୟାଙ୍କ ଏକାଉଣ୍ଟ ଖୋଲିବା ପରେ ପାସବୁକ, ଏଟିଏମ୍ କାର୍ଡ ଓ ମୋବାଇଲ ସିମ୍ କାର୍ଡ ନିଜ ପାଖରେ ରଖି ସାଇବର ଠକେଇ କରୁଥିଲେ ବୋଲି ଜଣାପଡ଼ିଛି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ୧୨ଟି ଏଟିଏମ କାର୍ଡ, ବ୍ୟାଙ୍କ ପାସ୍‌ବୁକ , ୪ଟି ମୋବାଇଲ ଫୋନ ଓ ଏକ ହଜାରରୁ ଅଧିକ ବିଭିନ୍ନ ଡକ୍ୟୁମେଣ୍ଟ ଜବତ କରାଯାଇଛି। ବେକାର ଯୁବକ, ଗ୍ରାମାଞ୍ଚଳର ନୀରିହ ଲୋକ ବୃଦ୍ଧ ବୃଦ୍ଧାଙ୍କ ନାମରେ ବ୍ୟାଙ୍କ ଏକାଉଣ୍ଟ ଖୋଲି ଠକେଇ କରୁଥିଲେ। ଗିରଫ ସାଇବର ଠକ ମାନେ




ଓଡିଶା, ବିହାର, ଝାଡ଼ଖଣ୍ଡ, ରାୟପୁର, ଛତିଶଗଡ଼, କୋଲକାତା ସହିତ ଦେଶର ବିଭିନ୍ନ ସ୍ଥାନରେ ଠକେଇ ଘଟଣାରେ ସମ୍ପୃକ୍ତ ଥିବା ପୋଲିସ ତଦନ୍ତରୁ ଜଣାପଡିଛି। ଗିରଫ ଅଭିଯୁକ୍ତ ଦୁଇ ମାସରେ ୮୦୦ ରୁ ଅଧିକ ବ୍ୟାଙ୍କ ଏକାଉଣ୍ଟ ଖୋଲି ସାଇବର ଠକେଇ କରିଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି।

ଏ ନେଇ ରାଉରକେଲା ପୁଲିସ ଜିଲ୍ଲା ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ସୂଚନା ଦେଇ କହିଲେ ବ୍ୟାଙ୍କ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ଏହା ହେଉଛି ଦ୍ୱିତୀୟ ସାଇବର ଅପରାଧ। ଅସାଧୁ ଘରୋଇ ବ୍ୟାଙ୍କ କର୍ମଚାରୀମାନେ ବିଭିନ୍ନ ସହରର ନିରୀହ ଯୁବକଙ୍କୁ ଟାର୍ଗେଟ କରି ବିଭିନ୍ନ ପ୍ରଲୋଭନ ମାଧ୍ୟମରେ ସେମାନଙ୍କ ଆଧାର, ପାନ୍, ପରିଚୟ ପତ୍ର ହାତେଇବା ପରେ ସେମାନଙ୍କ ନାମରେ ଉକ୍ତ ଘରୋଇ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ସାଇବର ଅପରାଧୀମାନଙ୍କୁ ଏହି ଆକାଉଣ୍ଟଗୁଡ଼ିକୁ ଭଡ଼ାରେ ଦେଉଥିଲେ କିମ୍ବା ବିକ୍ରି କରି ଦେଉଥିଲେ। ଏହାପରେ ସାଇବର ଅପରାଧିମାନେ ଏହି ଆକାଉଣ୍ଟଗୁଡ଼ିକୁ ସାଇବର ଅପରାଧରେ ନିର୍ବିଘ୍ନରେ ବ୍ୟବହାର କରୁଥିଲେ। ସାଇବର ଠକେଇର ଶୀକାର ହେଉଥିବା ବ୍ୟକ୍ତିଙ୍କ ସହ ଏହି ଆକାଉଣ୍ଟରେ ଓଟିପି ଦିଆନିଆ, ମନି ଟ୍ରାଞ୍ଜାକ୍ସନ ଆଦି କରୁଥିଲେ। ଏପରିକି ସାଇବର ଅପରାଧରୁ ଉପାର୍ଜିତ ସମସ୍ତ ଅର୍ଥକୁ ଏହି ଆକାଉଣ୍ଟଗୁଡିକରେ ଜମା କରି ପୁନର୍ବାର ତାକୁ ଉଠାଇ ନେଉଥିଲେ। ଏହାସହ କେୱାଇସି ଦରକାର ପଡ଼ିଲେ ଉପରୋକ୍ତ ବ୍ୟାଙ୍କ କର୍ମଚାରୀମାନେ ଏହାକୁ ବିନା ଯାଞ୍ଚରେ କେୱାଇସି କରି ଦେଉଥିଲେ।

# ପୁଣି କୁଲଡିହା ଅଭୟାରଣ୍ୟରେ ହାତୀ ମୃତ୍ୟୁ

ନୀଳଗିରି, ୩୦।୧୧ (ସମିସ): କୁଲଡ଼ିହା ଅଭୟାରଣ୍ୟ ହାତୀ ପାଇଁ ପ୍ରସିଦ୍ଧି ଲାଭ କରିଥିବାବେଳେ କୁଲଡ଼ିହା ରେଞ୍ଜ ଅଧିକାରୀଙ୍କ ପାଇଁ ହାତୀବଂଶ ଲୋପ ପାଇଯିବାର ଆଶଙ୍କା ଉପୁଜିଛି। ବାରମ୍ବାର ହାତୀ ମୃତ୍ୟୁ ସାଙ୍ଗକୁ ଶିକାରୀମାନେ ଦନ୍ତା ଶିକାର କରି ଦାନ୍ତ କାଢ଼ିନେବା ଘଟଣା ଘଟୁଛି। ଅଭୟାରଣ୍ୟରେ ହାତୀ ମୃତ୍ୟୁକୁ ରୋକ ଦେଇ ନ ପାରିବାରୁ କୁଲଡ଼ିହା ରେଞ୍ଜ ଅଧିକାରୀଙ୍କ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କୁଲଡ଼ିହା ଅଭୟାରଣ୍ୟ ଭିତରେ ବନ କର୍ମଚାରୀମାନେ ପାଦରେ ଚାଲିଚାଲି ପାଟ୍ରୋଲିଂ କରିବା ଏକ ପ୍ରହସନ ପାଲଟିଛି।

କିଛି ଦିନ ପୂର୍ବରୁ ଏକ ଦନ୍ତା ହାତୀ ମରିଥିବାବେଳେ ରବିବାର ପୁଣି ଏକ ମାଇ ହାତୀର ମୃତ୍ୟୁ ଘଟିଛି। ଘଟଣାକୁ କୁଲଡ଼ିହା ବନ ବିଭାଗ ଲୁଚାଇବା ଚେଷ୍ଟା କରିଥିବା ବେଳେ ଅଭୟାରଣ୍ୟର ବାବନ୍ଧ ଫରେଷ୍ଟ ବିଟ୍‌ର ପାହାଡ ଉପରେ ହାତୀଟି ୫/୬ ଦିନ ପୂର୍ବରୁ ମରି ପଡ଼ିଥିବା ବିଶେଷ




ସୂତ୍ରରୁ ସୂଚନା ମିଳିଛି। କୁଲଡ଼ିହା ଅଭୟାରଣ୍ୟର ପଞ୍ଚଲିଙ୍ଗେଶ୍ୱର ସେକ୍ସନ ବାବନ୍ଧ ବିଟ୍ ପାର୍ବତୀ କୁଣ୍ଡନାଳ ନିକଟରେ ହାତୀଟି ଚଟ୍ଟୁରୀ ଉପରେ ମରି ପଡିଥିବା ରବିବାର ପୂର୍ବାହ୍ନରେ ବନ କର୍ମଚାରୀମାନେ ପ୍ୟାଟ୍ରୋଲିଂ ବେଳେ ଦେଖିବାକୁ ପାଇଥିଲେ। ବାଲେଶ୍ୱର ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଏସିଏଫ୍ ତଟିନି ସେଠୀ, କୁଲଡିହା ରେଞ୍ଜର ସୁବ୍ରତ୍ କୁମାର ବେହେରା, ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟର ପାହାଡ଼ ଉପରକୁ ଯାଇ ଘଟଣାସ୍ଥଳରେ ପହଞ୍ଚି ହାତୀ ମୃତ୍ୟୁର ପ୍ରାଥମିକ ତଦନ୍ତ କରିଛନ୍ତି। ହାତୀ ଲଢ଼େଇ ଯୋଗୁ ପଥର ଉପରୁ ତଳକୁ ଖସି ମରି ଯାଇଥିବା ଆନୁମାନ କରାଯାଉଛି। ଅଭୟାରଣ୍ୟରେ ଗୋଟିଏ ପରେ ଗୋଟିଏ ହାତୀ ମୃତ୍ୟୁ ଘଟଣା ପ୍ରକୃତିପ୍ରେମୀ ଓ ବନାଞ୍ଚଳବାସୀଙ୍କୁ ବ୍ୟଥିତ କରୁଛି। କେତେବେଳେ ଅସୁସ୍ଥତା କାରଣରୁ ତ କେତେବେଳେ ଶିକାରୀଙ୍କ ଦ୍ୱାରା ହାତୀଙ୍କ ଜୀବନ ଯାଉଛି।

କାମ କଲାନି ମେସିନ

# ନନ୍ଦନକାନନରେ ଟିକଟ ପାଇଁ ହନ୍ତସନ୍ତ ପର୍ଯ୍ୟଟକ

- ସର୍ଭର ଡାଉନ ଯୋଗୁଁ ଅଫଲାଇନ୍ କାଉଣ୍ଟର ବନ୍ଦ
- ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଛିଡ଼ାହୋଇ ରହିଲେ ଶତାଧିକ ପର୍ଯ୍ୟଟକ

ବାରଙ୍ଗ,୩୦।୧୧(ସମିସ): ରବିବାର ଛୁଟି ଦିନରେ ନନ୍ଦନକାନନ ଚିଡିଆଖାନା ଭ୍ରମଣରେ ଆସିଥିବା ଶତାଧିକ ପର୍ଯ୍ୟଟକ ଟିକେଟ ମେସିନ କାମ ନ କରିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ମେସିନରୁ ଟିକେଟ ବାହାରି ନ





ପାରିବାରୁ ପର୍ଯ୍ୟଟକମାନେ ଦୀର୍ଘ ସମୟ ଧରି ଧାଡ଼ିରେ ଛିଡ଼ା ହୋଇ ହନ୍ତସନ୍ତ ହେବା ଯୋଗୁଁ ନନ୍ଦନକାନନ ମୁଖ୍ୟ ଫାଟକ ନିକଟରେ ଏକ ପ୍ରକାର ଅପ୍ରୀତିକର ପରିସ୍ଥିତି ଓ ହୋ-ହାଲ୍ଲା ସୃଷ୍ଟି ହୋଇଥିଲା। ସୂଚନାଯୋଗ୍ୟ, ରବିବାର ଛୁଟି ଥିବାରୁ ସକାଳୁ ହିଁ ନନ୍ଦନକାନନରେ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ହେଲେ ସକାଳ ପ୍ରାୟ ୮ଟା ସମୟରେ ନନ୍ଦନକାନନର ସର୍ଭର ଡାଉନ୍ ରହିଥିଲା। ଯାହାଫଳରେ ଟିକେଟ୍ ପ୍ରିଣ୍ଟ କରୁଥିବା ମେସିନ୍ କାମ କରିବା ବନ୍ଦ କରିଦେଇଥିଲା ଏବଂ ଅଫଲାଇନ୍ ଟିକେଟ କାଉଣ୍ଟର ବନ୍ଦ ରହିଥିଲା। ଫାଟକ ସମ୍ମୁଖରେ ଶତାଧିକ ପର୍ଯ୍ୟଟକଙ୍କ ଗହଳି ଲାଗି ରହିଥିଲେ ମଧ୍ୟ ସେମାନେ ଟିକେଟ ପାଇପାରି ନ ଥିଲେ। ନନ୍ଦନକାନନ ପକ୍ଷରୁ ଜୁ ଭଲ୍ୟୁଣ୍ଟର ସୁବିଧା ଥିଲେ ମଧ୍ୟ କୌଣସି ଭଲ୍ୟୁଣ୍ଟର ସେଠାରେ ଉପସ୍ଥିତ ନ ଥିବାରୁ ପର୍ଯ୍ୟଟକଙ୍କ ସମସ୍ୟା ବଢ଼ିଯାଇଥିଲା। ପରିସ୍ଥିତି ଅଣାୟତ୍ତ ହେବା ପରେ ଗାଇଡ୍ ଏବଂ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ପର୍ଯ୍ୟଟକଙ୍କୁ ହ୍ୱାଟ୍ସଆପ୍ ମାଧ୍ୟମରେ ଅନଲାଇନ୍ ଟିକେଟ କରିବାକୁ ପରାମର୍ଶ ଦେଇଥିଲେ। ହେଲେ ସର୍ଭର ତ୍ରୁଟି ଯୋଗୁଁ ସେଥିରେ ମଧ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ପ୍ରାୟ ସକାଳ ୮.୧୦ରୁ ଦେଖାଦେଇଥିବା ଏହି ସର୍ଭର ତ୍ରୁଟି ଦୀର୍ଘ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପରେ ସମାଧାନ କରାଯାଇଥିଲା। ପରେ ଅଫଲାଇନରେ ଟିକେଟ କାଟିବା ଆରମ୍ଭ ହେବା ପରେ ପର୍ଯ୍ୟଟକମାନେ ନନ୍ଦନକାନନ ଭ୍ରମଣ କରିଥିଲେ। ଏ ସଂକ୍ରାନ୍ତରେ ନନ୍ଦନକାନନ କର୍ତ୍ତୃପକ୍ଷ କହିଛନ୍ତି ଯେ, ସର୍ଭରର ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏଭଳି ସମସ୍ୟା ଦେଖାଦେଇଥିଲା। ଆଗକୁ ବଡ଼ଦିନ ଓ ନୂଆବର୍ଷ ପଡୁଥିବାରୁ କିଭଳି ଏଭଳି ସମସ୍ୟା ନ ଉପୁଜେ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଛନ୍ତି।






# ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ, ଦୁଇ ଆହତ

ନରସିଂହପୁର,୩୦।୧୧(ସମିସ): ନରସିଂହପୁର ମହାବିଦ୍ୟାଳୟ ନିକଟରେ ରବିବାର ଏକ ବାଇକ ଓ ମହିଳାଙ୍କ ସହିତ ଦୁର୍ଘଟଣା ଘଟି ମହିଳାଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ଯୁବକ ଆହତ ହୋଇଛନ୍ତି। ସମସ୍ତଙ୍କୁ ନରସିଂହପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କୃଷ୍ଣଚନ୍ଦ୍ରପୁର ଗ୍ରାମର ମଲ୍ଲିକତା ବାରିକ(୫୫) ନିଜର ଘରକୁ ଚାଲି ଚାଲି ଯାଉଥିବା ବେଳେ ତାଙ୍କ ସହିତ ଗଣଗାଣା ଗ୍ରାମର ଦୁଇଜଣ ଯୁବକ ଯଶୋବନ୍ତ ବେହେରା (୧୯) ଏବଂ ସୁନୀଲ ବେହେରା (୨୦) ଘରକୁ ଫେରୁଥିବା ସମୟରେ ଭାରସାମ୍ୟ ହରାଇ ଧକ୍କା ହୋଇଥିଲା। ଏହାପରେ ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ତିନିଜଣଙ୍କୁ ସ୍ଥାନୀୟ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମହିଳାଙ୍କୁ ମୃତ ଘୋଷଣା କରିଥିବା ବେଳେ ଯୁବକ ଦୁଇଜଣ ଚିକିତ୍ସାଧୀନ ରହିଛନ୍ତି। ନରସିଂହପୁର ପୁଲିସ ତଦନ୍ତ ଆରମ୍ଭ କରିବା ସହିତ ବାଇକଟି ଏବଂ ମହିଳାଙ୍କ ଶବକୁ ଜବତ କରିଛି।




## ପ୍ରଶାସନର ମନମାନୀ

# ନତକାଇ ପଞ୍ଚାୟତରେ ଖର୍ଚ୍ଚ ହେଉନି ସରକାରୀ ଅନୁଦାନ



ନିଶ୍ଚିନ୍ତକୋଇଲି,୩୦।୧୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ନତକାଇ ପଞ୍ଚାୟତରେ ବର୍ତ୍ତମାନ ସୁଦ୍ଧା ୪୦ ଲକ୍ଷ ଟଙ୍କାର ସରକାରୀ ଅନୁଦାନ ଖର୍ଚ୍ଚ ହୋଇ ନ ପାରି ପଡି ରହିଥିବା ଅଭିଯୋଗ ହୋଇଛି। ବ୍ଲକ ପ୍ରଶାସନର ଅସହଯୋଗ ଓ ଦାୟିତ୍ୱହୀନତା ପାଇଁ ଏହି ପଞ୍ଚାୟତରେ ଯଥେଷ୍ଟ ସରକାରୀ ଅନୁଦାନ ରହିଥିଲେ ମଧ୍ୟ କୌଣସି ଉନ୍ନୟନମୂଳକ କାର୍ଯ୍ୟ କରାଯାଉ ନ ଥିବାରୁ ପଞ୍ଚାୟତବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହି ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସସ୍ମିତା ଓତା କୌଣସି କାର୍ଯ୍ୟ କରିବାରେ ଆନ୍ତରିକତା ପ୍ରକାଶ କରୁ ନ ଥିବା ଦେଖାଯାଇଛି। ବିଗତ ଦେଢ଼ ବର୍ଷ ମଧ୍ୟରେ ଏହି ପଞ୍ଚାୟତରେ ମାତ୍ର ଯନ୍ତ୍ରୀ ଜଣକ ୨ ଲକ୍ଷ ଟଙ୍କାର କାମ କରିଥିବା ଦେଖାଯାଇଛି। ବର୍ତ୍ତମାନ ସୁଦ୍ଧା ଏହି ପଞ୍ଚାୟତରେ ପଞ୍ଚଦଶ ଅର୍ଥ କମିଶନ ଅନୁଦାନରେ ୨୩ଲକ୍ଷ ଟଙ୍କା ଥିଲା ବେଳେ ପଞ୍ଚମ ଅର୍ଥ କମିଶନରେ କୌଣସି କାମ ନ ହୋଇ ୧୪ ଲକ୍ଷ ଟଙ୍କା ପଡିରହିଛି। ଏହି ପଞ୍ଚାୟତରେ ଜନପ୍ରତିନିଧି ସରପଞ୍ଚ କ୍ରିୟାଶୀଳ ଥିଲେ ମଧ୍ୟ ଟଙ୍କା ଥାଇ ମଧ୍ୟ କ'ଣ ପାଇଁ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁ ନାହିଁ ସେ ନେଇ ଲୋକମାନେ ପ୍ରଶ୍ନ ଉଠାଇଛନ୍ତି। ଗତ ଏପ୍ରିଲ ୨୪ ତାରିଖରେ ଜାତୀୟ ପଞ୍ଚାୟତରାଜ ଦିବସ ପାଳନ ଅବସରରେ ଏହି ପଞ୍ଚାୟତର ସରପଞ୍ଚ ସରକାରଙ୍କର ସମସ୍ତ ଉନ୍ନୟନମୂଳକ କାମ ଓ ଯୋଜନା ସଠିକ୍ ଭାବେ ରୂପାୟନ କରିଥିବାରୁ ସରକାରଙ୍କ ପଞ୍ଚାୟତରାଜ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଉକ୍ତ ପଞ୍ଚାୟତକୁ ଏ-ଗ୍ରେଡ୍ ମାନ୍ୟତା ଦିଆଯିବା ସହିତ ୭ ଲକ୍ଷ ୭୨ ହଜାର ୯୪୬ ଟଙ୍କା ଖର୍ଚ୍ଚ ପାଇଁ ସ୍ୱତନ୍ତ୍ର ପୁରସ୍କାର ଅର୍ଥ ପ୍ରଦାନ କରାଯାଇଥିଲା। ହେଲେ ଏହି ବ୍ଲକ ପ୍ରଶାସନ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ସରପଞ୍ଚଙ୍କୁ ସଂପୂର୍ଣ୍ଣ ଅସହଯୋଗ କରୁଥିବାରୁ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁ ନାହିଁ ବୋଲି ସରପଞ୍ଚ ଜୟଦେବ ରାଉତ ଅଭିଯୋଗ କରିଛନ୍ତି। ଅନେକ ସମୟରେ ସରପଞ୍ଚ ଜଣକ ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ ଅଗ୍ରସର ହେଉଥିଲା ବେଳେ ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ କାର୍ଯ୍ୟକୁ ଅଧାରୁ ବନ୍ଦ୍ କରିଦିଆଯାଉଥିବାର ମଧ୍ୟ ନଜିର ରହିଛି। ଯାହାଫଳରେ ଏହି ପଞ୍ଚାୟତରେ ୪୦ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ନ ହୋଇପଡି ରହିଥିବା ଜଣାଯାଇଛି। ପଞ୍ଚାୟତରାଜ ସଚିବ ଓ କଟକ ଜିଲ୍ଲାପାଳ ଉକ୍ତ ଘଟଣାର ତଦନ୍ତ କରି ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁ ନ ଥିବା ପଛରେ କି ରହସ୍ୟ ରହିଛି ତାହାକୁ ଲୋକଲୋଚନକୁ ଆଣିବା ଏବଂ ଯେଉଁ ଅଧିକାରୀମାନେ ଏହି ଘଟଣାରେ ସଂପୃକ୍ତ ଅଛନ୍ତି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି।

## ପଞ୍ଚାୟତ ଜନ ପ୍ରତିନିଧିଙ୍କୁ ଅଣଦେଖା

# ଆଜିଠୁ ପଞ୍ଚାୟତ ପ୍ରତିନିଧିଙ୍କ ଧାରଣା

ନିଆଳି,୩୦।୧୧(ସମିସ): ନିଆଳି ପଞ୍ଚାୟତ ସମିତିର ନିର୍ବାଚିତ ଜନପ୍ରତିନିଧିଙ୍କୁ ଅସମ୍ମାନୀତ, ଅଣଦେଖା ଓ ଉନ୍ନୟନମୂଳକ କାର୍ଯ୍ୟରେ ଅସହଯୋଗ ପ୍ରତିବାଦରେ ନିର୍ବାଚିତ ଜନପ୍ରତିନିଧିମାନେ ସୋମବାର ଠାରୁ ବ୍ଲକ ପରିସରରେ ଥିବା ଗାନ୍ଧୀମୂର୍ତ୍ତି ନିକଟରେ ଅହରାତ୍ର ଧାରଣା ଦେବେ ବୋଲି ସୂଚନା ମିଳିଛି। ନିଆଳି ପଞ୍ଚାୟତ ସମିତିର ନିର୍ବାଚିତ ଜନପ୍ରତିନିଧିଙ୍କ ଅଭିଯୋଗ ଅନୁଯାୟୀ ରାଜ୍ୟ ସରକାରଙ୍କ ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥା ଅନୁଯାୟୀ ତୃଣମୂଳସ୍ତରରୁ ଉନ୍ନୟନମୂଳକ କାର୍ଯ୍ୟକୁ କ୍ରିୟାଶୀଳ କରିବା ପାଇଁ ପଞ୍ଚାୟତ ସମିତି ଓ ଗ୍ରାମପଞ୍ଚାୟତକୁ କ୍ଷମତା ଅର୍ପଣ କରାଯାଇଥିଲା। ମାତ୍ର ଦୁଃଖ ଓ ପରିତାପର ରାଜନୈତିକ ଚାଷର ବଶବର୍ତ୍ତୀ ହୋଇ ନିଆଳି ପଞ୍ଚାୟତ ସମିତିର ପ୍ରଶାସନ ନିର୍ବାଚିତ ଜନପ୍ରତିନିଧିଙ୍କୁ ଅଣଦେଖା ଅସମ୍ମାନୀତ କରି ଉନ୍ନୟନମୂଳକ କାର୍ଯ୍ୟରେ ଅସହଯୋଗ କରୁଛି। ବିପିଏପିରେ ସ୍ଥାନ ପାଇଥିବା ପ୍ରକଳ୍ପ ଗୁଡିକର କାର୍ଯ୍ୟକାରିତାରେ ଅସହଯୋଗ ଯଥା କାର୍ଯ୍ୟାଦେଶ ପ୍ରସ୍ତୁତ କରିବା, କନିଷ୍ଠଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ପ୍ରକଳ୍ପ ଗୁଡିକର କାର୍ଯ୍ୟ କରିବାରେ ଅଣଦେଖା କରିବା, ଜିପିଏପିରେ ଅନୁରୂପ କାର୍ଯ୍ୟଶୈଳୀ ଗ୍ରହଣ କରିବା, ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଏପିଓ ଓ ବିଭାଗୀୟ ଯନ୍ତ୍ରୀଙ୍କ ଅସହଯୋଗ କରିବା, ସର୍ବପରି ବିଭାଗୀୟ ଯନ୍ତ୍ରୀ ଓ ଏପିଓଙ୍କ ନିର୍ବାଚିତ ଜନପ୍ରତିନିଧି ପ୍ରତି ଅସଦାଚରଣ,

**ଉନ୍ନୟନମୂଳକ କାର୍ଯ୍ୟରେ ଅସହଯୋଗ**

ଅଭଦ୍ରୋଚିତ ବ୍ୟବହାର, ଅଧିକାଂଶ ପ୍ରତିନିଧିଙ୍କୁ ବ୍ୟଥିତ ଓ ମର୍ମାହତ କରିଛି। ଏ ନେଇ ପଞ୍ଚାୟତ ପ୍ରତିନିଧିମାନେ ଗତ ୨୧.୧୧.୨୦୨୫ରେ ଲିଖିତ ଭାବେ ବିଡିଓ, ଜିଲ୍ଲାପାଳ, ତହସିଲଦାର, ନିଆଳି ଥାନା ସମେତ ବହୁ ବିଭାଗୀୟ ଅଧିକାରୀଙ୍କୁ ଲେଖି ଜଣାଇଥିଲେ। ମାତ୍ର ବ୍ଲକ ପ୍ରଶାସନ ଏ ନେଇ କୌଣସି ପଦକ୍ଷେପ ନ ନେବାରୁ ଡିସେମ୍ବର ୧ ତାରିଖ ସୋମବାର ଦିନ ୧୦ ଘଟିକା ସମୟରେ ବ୍ଲକ ପରିସରରେ ଗାନ୍ଧୀମୂର୍ତ୍ତି ତଳେ ନିର୍ବାଚିତ ପ୍ରତିନିଧିମାନେ ଦିବାରାତ୍ର ଧାରଣାରେ ବସିବା ପାଇଁ ନିଷ୍ପତ୍ତି ନିଆଯାଇଛି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ କର୍ମଶାଳା

ନିଶ୍ଚିନ୍ତକୋଇଲି,୩୦।୧୧(ସମିସ): ଶିକ୍ଷାବିକାଶ ସମିତି ଓଡିଶା ଦ୍ୱାରା ପରିଚାଳିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏକ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଛି। ଏହି କର୍ମଶାଳାରେ ମୋଟ ୫୨ ଜଣ ଛାତ୍ରଛାତ୍ରୀଙ୍କ ମାଆ ଯୋଗଦେଇଥିଲେ। ଏହି କର୍ମଶାଳାରେ ମାଆଙ୍କ ମଧ୍ୟରେ ୫ଟି ବିଭାଗରେ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ଆୟୋଜିତ ଏକ ସଭାରେ ପରିଚାଳନା କମିଟିର ସଭାପତି ଦୀପାଞ୍ଜଳୀ ମିଶ୍ରଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ପ୍ରବଚକ ଶରତ ଚନ୍ଦ୍ର ରଥ, ସମ୍ମାନୀତ ଅତିଥିଭାବେ ବିଦ୍ୟାଳୟର ଯୁଗ୍ମ ସଂପାଦକ ବିଦ୍ୟୁଲତା ପଣ୍ଡା ଯୋଗଦେଇଥିଲେ। ପ୍ରଧାନଆଚାର୍ଯ୍ୟ ମୀନକେତନ ମହାନ୍ତି ସ୍ୱାଗତ ଭାଷଣ ଓ ମାତୃ କର୍ମଶାଳାର ତାତ୍ପର୍ଯ୍ୟ ସଂକ୍ରାନ୍ତରେ ଅବଗତ କରାଯାଇଥିବା ବେଳେ ବାଟିକା ପ୍ରମୁଖ କିଶୋର କୁମାର ବାରିକ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ ଗୁରୁମା ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲା ବେଳେ ସହ ପ୍ରମୁଖ ପୁଷ୍ପଲତା ପଲେଇ ଧନ୍ୟବାଦ ଦେଇଥିଲେ।



# ବେଆଇନ୍ ବାଲି ଚାଲାଣ; ୨ ଟ୍ରାକ୍ଟର ଜବତ

ସାଲେପୁର,୩୦।୧୧(ସମିସ): ବେଆଇନ୍ ଭାବେ ନଦୀରୁ ବାଲି ଉଠାଇ ଚାଲାଣ କରୁଥିବାବେଳେ ସାଲେପୁର ପୁଲିସ ୨ଟି ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହ ଡ୍ରାଇଭରକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ଆଜି ସକାଳୁ କିଶୋରନଗର ଅଞ୍ଚଳ ମହାନଦୀରୁ ବାଲି ବେଆଇନ୍ ଭାବେ ଟ୍ରାକ୍ଟର ଯୋଗେ ନେଇ ଯାଉଥିବାବେଳେ ସାଲେପୁର ପୁଲିସ ଆଜି ହରିଚନ୍ଦନପୁର ବ୍ୟାରେଜ୍ ନିକଟରୁ ୨ଟି ବେଆଇନ୍ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହ ସାଲେପୁର ଥାନାରେ ୫୫୩ ଓ ୫୫୪/୨୦୨୫ରେ ୨ଟି ପୃଥକ୍ ମାମଲା ରୁଜୁ କରି ୨ଡ୍ରାଇଭର ଗୁଆଳି ଗ୍ରାମର ଅମରଜିତ୍ ପରିଡ଼ା ଓ କାଠାହାର ଗ୍ରାମର ଦିଲ୍ଲୀପ ଦାସକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି।









## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ। କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ବୃଷ:** ବ୍ୟସ୍ତତା ଭିତରେ ଦିନ କଟିପାରେ। ଅତିଥି ସତ୍କାର କରିବେ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିପାରନ୍ତି।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଚାକିରିରେ ନୂଆ ସୁଯୋଗ ଜୁଟିପାରେ। ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁନି।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। କୌଣସି କଥାକୁ ନେଇ ମନ ଉଣା କରିପାରନ୍ତି।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଦାନ ଧର୍ମ କରନ୍ତୁ।

**ମୀନ:** ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ।

## ଆଜିର ଇତିହାସ


- ୧୯୩୩: କଲିକତା ଓ ଢାକା ମଧ୍ୟରେ ବିମାନ ସେବା ଆରମ୍ଭ ହେଲା।
- ୧୯୫୯: ମହାକାଶରୁ ପୃଥିବୀପୃଷ୍ଠର ପ୍ରଥମ ରଙ୍ଗିନ ଫଟୋ ନିଆଗଲା।
- ୧୯୬୩: ନାଗାଲାଣ୍ଡ ଭାରତର ୧୬ତମ ରାଜ୍ୟ ହେଲା।
- ୧୯୬୫: ସୀମା ସୁରକ୍ଷା ବଳର ସ୍ଥାପନା।
- ୧୯୯୧: ଏଡ୍‌ସ ସଚେତନ ଦିବସ ଆରମ୍ଭ।

# ମିଷ୍ଟ୍ରି ମ୍ୟାନ୍‌ଙ୍କ ସହ ମଲାଇକା




ଫିଟ୍‌ନେସ୍ କ୍ୱିନ୍ ମଲାଇକା ଅରୋଡ଼ା ତାଙ୍କ ବୃତ୍ତିଗତ ଜୀବନ ଅପେକ୍ଷା ବ୍ୟକ୍ତିଗତ ଜୀବନକୁ ନେଇ ଅଧିକ ଚର୍ଚ୍ଚାରେ ରୁହନ୍ତି। ଅର୍ଜୁନ୍ କପୁରଙ୍କ ସହ ବ୍ରେକ୍‌ଅପ୍ ପରେ ମଲାଇକାଙ୍କୁ କିଛି ଦିନ ହେଲାଣି ଜଣେ ମିଷ୍ଟ୍ରି ମ୍ୟାନ୍‌ଙ୍କ ସହ ଦେଖିବାକୁ ମିଳୁଛି। ନିକଟରେ ମଲାଇକାଙ୍କ ଏକ ଭିଡିଓ ଭାଇରାଲ ହୋଇଛି। ଏଥିରେ ସେ ମୁମ୍ବାଇର ବିମାନବନ୍ଦରରେ ଜଣେ ମିଷ୍ଟ୍ରି ମ୍ୟାନ୍‌ଙ୍କ ସହ ନଜର ଆସିଛନ୍ତି। ମଲାଇକା କଳା ରଙ୍ଗର ଟିସାର୍ଟ ସହ ଟ୍ରାଉଜର୍ ପିନ୍ଧିଥିବାବେଳେ ଯୁବକ ଜଣକ ତାଙ୍କୁ ମ୍ୟାଚ୍ କଲାଭଳି ଜିନ୍ସ, ସାର୍ଟ ଓ ବ୍ଲେଜର୍ ପିନ୍ଧିଥିଲେ। ମଲାଇକାଙ୍କ ସହ ନଜର ଆସିଥିବା ଯୁବକ ଜଣକ ମୁହଁରେ ମାସ୍କ ପିନ୍ଧି ଚେହେରା ଲୁଚାବାକୁ ଚେଷ୍ଟା କରିଥିଲେ। ଭିଡିଓ ଭାଇରାଲ ହେବା ପରେ ଏବେ ଏହି ମିଷ୍ଟ୍ରି ମ୍ୟାନ୍‌ଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ଏହି ଯୁବକ ଜଣକ ହୀରା ବ୍ୟବସାୟୀ ହର୍ଷ ମେହେତା ବୋଲି ଚର୍ଚ୍ଚା ହେଉଛି। ଏହାପୂର୍ବରୁ ମୁମ୍ବାଇର ଏକ କନସର୍ଟ ସମୟରେ ମଧ୍ୟ ହର୍ଷଙ୍କୁ ମଲାଇକାଙ୍କ ସହ ଦେଖାଯାଇଥିଲା। ଏହି ଭିଡିଓ ଭାଇରାଲ ହେବା ପରେ ପୁଣିଥରେ ମଲାଇକା ପ୍ରେମରେ ପଡ଼ିଥିବା ଚର୍ଚ୍ଚା ହେବାକୁ ଲାଗିଲାଣି।

# ବିଶ୍ୱ ଏଡ୍‌ସ ଦିବସ





ପ୍ରତିବର୍ଷ ଡିସେମ୍ବର ୧ ତାରିଖକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ 'ବିଶ୍ୱ ଏଡସ୍ ଦିବସ' ଭାବେ ପାଳନ କରାଯାଉଛି। ଏଡ୍‌ସ ନିୟନ୍ତ୍ରଣ ଓ ନିରାକରଣ ଉଦ୍ଦେଶ୍ୟରେ ଏହି ଦିବସ ସମର୍ପିତ। ଏହି ଦୂରାରୋଗ୍ୟ ବ୍ୟାଧିରୁ ଦୂରେଇ ରହିବା ପାଇଁ ଲୋକଙ୍କୁ ସଚେତନ କରାଇବା ଏହି ଦିବସର ମୂଳ ଲକ୍ଷ୍ୟ। କେବଳ ସଚେତନତା ହିଁ ଏଡ୍‌ସ କବଳରୁ ବର୍ତ୍ତିବାର ଏକ ମାତ୍ର ଉପାୟ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି। ଏଚ୍‌ଆଇଭି ଏକ ଗମ୍ଭୀର ଓ ମାରାତ୍ମକ ରୋଗ। ଡାକ୍ତରୀ ଭାଷାରେ ଏହାକୁ ହ୍ୟୁମାନ୍ ଇମ୍ୟୁନୋ ଡେଫିସିଏନ୍ସି ଭାଇରସ୍ (HIV) କୁହାଯାଏ। ସାଧାରଣ ଲୋକେ ଏହାକୁ ଏଡ୍‌ସ ଅର୍ଥାତ୍ ଏକ୍ୱାୟର୍ଡ ଇମ୍ୟୁନୋ ଡେଫିସିଏନ୍ସି ସିଣ୍ଡ୍ରୋମ୍ ଭାବରେ ଜାଣନ୍ତି। ଏଥିରେ ଥିବା ମାରାତ୍ମକ ସଂକ୍ରମଣ ବ୍ୟକ୍ତିର ଶରୀରର ପ୍ରତିରୋଧକ କ୍ଷମତା ଉପରେ ଆକ୍ରମଣ କରିଥାଏ, ଯେଉଁ କାରଣରୁ ଶରୀର ସାଧାରଣ ରୋଗ ବିରୁଦ୍ଧରେ ଲଢ଼ିବାକୁ ସକ୍ଷମ ହୁଏ ନାହିଁ। ଏଚ୍‌ଆଇଭି ପଜିଟିଭ୍ ଲୋକଙ୍କ ବିଷୟରେ ସାଧାରଣ ଲୋକଙ୍କର ଅନେକ ଭୁଲ ଧାରଣା ରହିଛି, ଏହି ଦିନ ସେମାନଙ୍କର ଏହି ଭୁଲ୍ ଧାରଣାକୁ ହଟାଇବା ପାଇଁ ପ୍ରୟାସ କରାଯାଏ। ଏହି ଦିବସ ପାଳନ ଅବସରରେ ଏଡ୍‌ସ ପୀଡ଼ିତମାନଙ୍କୁ ବାଛବିଚାର ନ କରି ସେମାନଙ୍କୁ ସହଯୋଗର ହାତ ବଢ଼ାଇବା ପାଇଁ ଜାତିସଂଘର ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏଡ୍‌ସ ଦିବସ ଅବସରରେ ଅନେକ ସରକାରୀ ସଂସ୍ଥା ଓ ବେସରକାରୀ ସଂସ୍ଥା ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ କରାଯାଇ ଲୋକଙ୍କୁ ସଚେତନ କରିବାକୁ ପ୍ରୟାସ କରାଯାଏ।

# ସ୍ତ୍ରୀ ମାଗିଲେ ସ୍ୱାମୀଙ୍କୁ ପୋଷା ବିଲେଇର ଖର୍ଚ୍ଚ



ଦାମ୍ପତ୍ୟ ଜୀବନରେ ବେଳେବେଳେ ସମସ୍ୟା ଯୋଗୁ ସ୍ୱାମୀ ସ୍ତ୍ରୀ ଅଲଗା ରହିବାକୁ ବାଧ ହୋଇଥାନ୍ତି। ଆଇନ ବ୍ୟବସ୍ଥାରେ ଏହାକୁ ଛାଡ଼ପତ୍ର କୁହାଯାଇଥାଏ। ତୁର୍କୀରେ ଛାଡ଼ପତ୍ରକୁ ନେଇ ଏକ ବିଚିତ୍ର ମାମଲା ସାମ୍ନାକୁ ଆସିଛି। ଏଠାରେ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେଇଛନ୍ତି। ହେଲେ ଛାଡ଼ପତ୍ର ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତାଙ୍କ ସ୍ତ୍ରୀ ବିଲେଇର ଦେଖାଶୁଣା ପାଇଁ ବିଲେଇ ଭତ୍ତା ମାଗିଛନ୍ତି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ବୁଗ୍ରା ନାମକ ଏହି ବ୍ୟକ୍ତିଙ୍କ ବିବାହ ଏଜ୍‌ଗୀଙ୍କ ସହିତ ହୋଇଥିଲା। ହେଲେ ବିବାହର ଦୁଇ ବର୍ଷ ପରେ ପତିପତ୍ନୀ ଅଲଗା ହୋଇଯିବାକୁ ନିଷ୍ପତ୍ତି ନେଇଥିଲେ। ଛାଡ଼ପତ୍ର ପରେ ସେମାନଙ୍କର ଦୁଇ ପୋଷା ବିଲେଇର ଯତ୍ନ ଏଜ୍‌ଗୀ ନେବେ ବୋଲି ଅଦାଲତରେ ସ୍ଥିର ହୋଇଥିଲା। ହେଲେ ବିଲେଇ ଦୁଇଟିର ଖର୍ଚ୍ଚ ଏଜ୍‌ଗୀ କିପରି ଉଠାଇବେ, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କଲା। ଏଭଳି ସ୍ଥିତିରେ ଅଦାଲତ କହିଲେ ଯେ, ବୁଗ୍ରା ଆଗାମୀ ୧୦ ବର୍ଷ ପର୍ଯ୍ୟନ୍ତ ପ୍ରତି ତିନି ମାସରେ ବିଲେଇ ଖର୍ଚ୍ଚ ବାବଦକୁ ୨୧ ହଜାର ୫ଶହ ଟଙ୍କା ଏଜ୍‌ଗିଙ୍କୁ ଦେବେ। ଏହି ଅର୍ଥ ବୁଗ୍ରା ବିଲେଇର ଦେଖାଶୁଣା, ଟିକାକରଣ ଏବଂ ଖାଦ୍ୟ ବାବଦକୁ ପ୍ରଦାନ କରିବେ। କେବଳ ସେତିକି ନୁହେଁ, ପ୍ରତିବର୍ଷ ମୁଦ୍ରାସ୍ଫୀତି ଅନୁସାରେ ଏହି ପରିମାଣକୁ ନିୟନ୍ତ୍ରିତ କରାଯିବ ଏବଂ ବିଲେଇ ଦୁହିଁଙ୍କ ମୃତ୍ୟୁ ପରେ ଏହି ଧାରା ବନ୍ଦ ହେବ। ଅନ୍ୟପଟେ ବୁଗ୍ରାଙ୍କୁ ବିଲେଇ ଭତ୍ତା ସମେତ ଏଜ୍‌ଗୀଙ୍କୁ ଅତିରିକ୍ତ ୧୧.୫ ଲକ୍ଷ ଟଙ୍କା ଭରଣପୋଷଣ ବାବଦରେ ଦେବାକୁ ପଡ଼ିବ। ଏନେଇ ଆଇନ ବିଶେଷଜ୍ଞ ଅୟଲିନ୍ ଏସରା ଏରେନଙ୍କ କହିବା କଥା, ତୁର୍କୀରେ ପୋଷା ପ୍ରାଣୀଙ୍କୁ ଏକ ମାଇକ୍ରୋଚିପ୍ ସହିତ ପଞ୍ଜିକୃତ କରାଯାଏ ଏବଂ ଯାହାଙ୍କ ନାମରେ ସେମାନେ ପଞ୍ଜିକୃତ ହୋଇଥାନ୍ତି, ସେମାନେ ପୋଷା ପ୍ରାଣୀର ଆଇନଗତ ମାଲିକ ହୋଇଥାନ୍ତି। ତେବେ ତୁର୍କୀରେ ପ୍ରାଣୀଙ୍କୁ ଛାଡ଼ିଦେବା ଏବଂ ଦେଖାଶୁଣା ନ କରିବାକୁ ଅପରାଧ ବୋଲି ବିବେଚନା କରାଯାଏ। କାରଣ ସେଠାକାର ପ୍ରାଣୀ ସୁରକ୍ଷା ଆଇନ ଅନୁଯାୟୀ, ପୋଷା ପ୍ରାଣୀଙ୍କୁ ସମ୍ପତ୍ତି ଭାବରେ ନୁହେଁ, ବରଂ ଜୀବନ୍ତ ପ୍ରାଣୀ ଭାବରେ ଦେଖାଯାଏ। ଏ ଦୃଷ୍ଟିରୁ କେହି ନିଜ ପୋଷା ପ୍ରାଣୀଙ୍କୁ ରାସ୍ତାରେ ଛାଡ଼ି ଦେଲେ ୧୪୦୦ ଡଲାର ଜରିମାନା ଦେବାକୁ ପଡ଼ିଥାଏ। ଏରେନ୍ କହିଛନ୍ତି ଯେ, 'ଏହି ମାମଲା ତୁର୍କୀର ପାରିବାରିକ ଆଇନ ପାଇଁ ଐତିହାସିକ। କାରଣ ପ୍ରଥମ ଥର ପାଇଁ ଅଦାଲତ ପୋଷା ପ୍ରାଣୀଙ୍କ ଯତ୍ନ ପାଇଁ ଆଇନଗତ ଦାୟିତ୍ୱ ନେବାର ନିଷ୍ପତ୍ତି ନେଇଛନ୍ତି।'



# ଭାରତକୁ ଜିତାଇଲେ କୋହଲି, କୁଲଦୀପ

ରାଞ୍ଚି,୩୦।୧୧(ଏଜେନ୍ସି)




ବିରାଟ କୋହଲି (୧୩୫)ଙ୍କ ଶତକ, କୁଲଦୀପ ଯାଦବ (୪/୬୮) ଓ ହର୍ଷିତ ରାଣା (୩/୬୫)ଙ୍କ ସୁନ୍ଦର ବୋଲିଂ ସହାୟତାରେ ଏଠାରେ ରବିବାର ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଭାରତ ୧୭ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତ ୧-୦ରେ ଆଗୁଆ ରହିଥିଲାବେଳେ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ରାୟପୁରରେ ଡିସେମ୍ବର ୩ ତାରିଖରେ ଖେଳାଯିବ। ଏହି ମ୍ୟାଚ୍‌ରେ ଦିନିକିଆ କ୍ରିକେଟରେ ରେକର୍ଡ ୫୨ତମ ଶତକ ହାସଲ କରିଥିବା ଭାରତର କୋହଲିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ମ୍ୟାଚ୍‌ରେ ଭାରତ କ୍ରମାଗତ ୧୯ତମ ଥର ଲାଗି ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ୩୪୯ ରନ୍ କରିଥିଲା। ଦଳ ପକ୍ଷରୁ କୋହଲି ଶତକ ହାସଲ କରିବା ସହ ଦ୍ୱିତୀୟ ୱିକେଟରେ ରୋହିତ ଶର୍ମାଙ୍କ ସହ ୧୩୬ ରନ୍‌ର ଭାଗୀଦାରି କରିଥିଲେ। ରୋହିତ ୫୭, କାମଚଳା ଅଧିନାୟକ ଲୋକେଶ ରାହୁଲ ୬୦ ଓ ରବୀନ୍ଦ୍ର ଜାଡେଜା ୨୦ ବଲ୍‌ରୁ ୩୨ ରନ୍ କରିଥିଲେ। ଜବାବରେ ୩୫୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଓଭରରେ ୨ୱିକେଟ ହରାଇ ବିପଦରେ ପଡ଼ିଥିଲା। ୧୧ ରନ୍‌ରେ ଦଳ ତୃତୀୟ ୱିକେଟ ହରାଇଥିଲା। ୧୩୦ରନ୍‌ରେ ପ୍ରଥମ ୫ଜଣ ଖେଳାଳି ଆଉଟ ହେବା ପରେ ମାଥ୍ୟୁ ବ୍ରିଜ୍‌କେ ୭୨ ଓ ମାର୍କୋ ଜାନ୍‌ସେନ୍ ୭୦ରନ୍ କରିବା ସହ ୬ଷ୍ଠ ୱିକେଟରୁ ୬୯ବଲ୍‌ରୁ ୯୭ରନ୍ ଉଠାଇ ଭାରତୀୟ ଶିବିରରେ ନିରାଶା ଭରିଥିଲେ। ଏହି ସମୟରେ ବା ୩୪ତମ ଓଭର ବୋଲିଂ କରିବାକୁ ଆସି କୁଲଦୀପ ଯାଦବ ପ୍ରଥମ ୩ଟି ବଲ୍‌ରେ ଉଭୟଙ୍କୁ ଆଉଟ କରି ଭାରତକୁ ମ୍ୟାଚ୍‌କୁ ଫେରାଇଆଣିଥିଲେ। ଶେଷ ଭାଗରେ ଅଲରାଉଣ୍ଡର କୋର୍ବିନ ବୋଶ୍ଚ ୫୧ବଲ୍‌ରୁ ୬୭ରନ୍ ଉଠାଇ ଭାରତର ବିଜୟ ବିଳମ୍ବିତ କରିଥିଲେ। ଟୋନି ଡି ଜୋର୍ଜି ୩୯, ଡିୱାଲ୍ଡ ବ୍ରେଭିସ୍ ୩୭ ରନ୍‌ର ଯୋଗଦାନ ଦେଇଥିଲେ। ଭାରତ ପକ୍ଷରୁ କୁଲଦୀପ ଯାଦବ ସର୍ବାଧିକ ୪ଟି, ହର୍ଷିତ ରାଣା ୩ଟି ଏବଂ ଅର୍ଶଦୀପ ସିଂହ ୨ଟି ୱିକେଟ ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଭାରତ:** ୩୪୯/୮, ୫୦ ଓଭର (କୋହଲି- ୧୩୫, ରାହୁଲ-୬୦, ରୋହିତ- ୫୭, ବାର୍ଟମ୍ୟାନ୍-୨/୬୦, ବର୍ଗର-୨/୬୫, ବୋଶ୍ଚ-୨/୬୬, ଜାନସେନ୍-୨/୭୬)
**ଦକ୍ଷିଣ ଆଫ୍ରିକା:** ୩୩୨/୧୦, ୪୯.୨ ଓଭର (ବ୍ରିଜ୍‌କେ-୭୨, ଜାନସେନ-୭୦, ବୋଶ୍ଚ- ୬୭, କୁଲଦୀପ-୪/୬୮, ହର୍ଷିତ-୩/୬୫, ଅର୍ଶଦୀପ-୨/୬୪)।

## ରୋ-କୋ'ଙ୍କ ବିଶ୍ୱରେକର୍ଡ

**ରାଞ୍ଚି,୩୦।୧୧(ଏଜେନ୍ସି):** ଭାରତୀୟ କ୍ରିକେଟର ଦୁଇ ପ୍ରବାଦ ପୁରୁଷ ରୋହିତ ଶର୍ମା ଓ ବିରାଟ କୋହଲି ଏଠାରେ ରବିବାର ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଦିନିକିଆରେ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ଏହି ମ୍ୟାଚ୍‌ରେ ୫୭ ରନ୍ କରିଥିବା ରୋହିତ ଶର୍ମା ୩ଟି ଛକା ମାରିଥିଲେ। ଏହା ଫଳରେ ସେ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ୩୫୨ଟି ଛକା ମାରି ପାକିସ୍ତାନର ସାହିଦ୍ ଆଫ୍ରିଦୀଙ୍କ ନାମରେ ଥିବା ବିଶ୍ୱରେକର୍ଡକୁ ଭାଙ୍ଗିଦେଇଥିଲେ। ଆଫ୍ରିଦୀ ୩୫୧ଟି ଛକା ମାରିଥିଲେ। ସେହିପରି ବିରାଟ କୋହଲି ଏଠାରେ ୫୨ତମ ଦିନିକିଆ ଶତକ ହାସଲ କରିଛନ୍ତି। ଏହା ଫଳରେ ସେ ଅନ୍ତର୍ଜାତୀୟ କ୍ରିକେଟର ଗୋଟିଏ ଫର୍ମାଟରେ ସର୍ବାଧିକ ଶତକରେ ସଚିନ ତେନ୍ଦୁଲକରଙ୍କ ରେକର୍ଡ ଭାଙ୍ଗିଦେଇଛନ୍ତି। ସଚିନ ଟେଷ୍ଟ କ୍ରିକେଟରେ ୫୧ଟି ଶତକ ହାସଲ କରିଛନ୍ତି। ଭାରତର ସମ୍ମାନ ରକ୍ଷା କରିଥିବା ରୋ-କୋ (ରୋହିତ ଶର୍ମା- ବିରାଟ କୋହଲି) ଏଠାରେ ଆଜି ଦୁଇଟି ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିବାରେ ସମର୍ଥ ହୋଇଛନ୍ତି।

## ବାରବାଟୀ ଟି-୨୦ ଆଜି ଦିନ ୨ଟାରୁ ଅନଲାଇନ୍ ଟିକଟ ବୁକିଂ

**କଟକ,୩୦।୧୧(ସମିସ):** ଡିସେମ୍ବର ୯ରେ ବାରବାଟୀ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଭାରତ-ଦକ୍ଷିଣଆଫ୍ରିକା ବିପକ୍ଷ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ପାଇଁ ସୋମବାର ପ୍ରଥମ ପର୍ଯ୍ୟାୟ ଟିକଟ୍ ବିକ୍ରି ଆରମ୍ଭ ହେବ। ଦିନ ୨ଟାରୁ ଆରମ୍ଭ ହେବ ଅନଲାଇନ୍ ଟିକଟ ବୁକିଂ। ଡିଷ୍ଟ୍ରିକ୍ଟ ବାଏ ଜୋମାଟୋ ଆପ୍ଲିକେସନ ଏବଂ ୱେବସାଇଟ୍‌ରେ କ୍ରିକେଟପ୍ରେମୀ ଟିକଟ ବୁକ୍ କରିପାରିବେ। ଏଥର ମାତ୍ର ୨ହଜାର ଟିକଟ ଅନଲାଇନ୍‌ରେ ଉପଲବ୍ଧ ହେବ ବୋଲି ଆଜି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ସୂଚନା ଦିଆଯାଇଛି। ଅନଲାଇନ୍ ଟିକଟ କ୍ରେତାମାନଙ୍କ ପାଇଁ ଡିସେମ୍ବର ୮ ଏବଂ ୯ ତାରିଖରେ କେମ୍ବ୍ରିଜ ସ୍କୁଲରେ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯିବ। ସେଠାରୁ ସେମାନେ ଟିକଟ୍‌ର ହାର୍ଡକପି ସଂଗ୍ରହ କରିବେ। ତେବେ ଗ୍ୟାଲେରୀ ନଂ-୨, ୪, ୭ ସହିତ ନ୍ୟୁ ପ୍ୟାଭିଲିୟନ, ସ୍ପେଶିଆଲ ଏନକ୍ଲୋଜର ଏବଂ ଏସି ଗ୍ୟାଲେରୀ ବକ୍ସର ଟିକଟ କେବଳ ଅନଲାଇନ୍‌ରେ ବୁକିଂ ହୋଇପାରିବ। ଜଣେ ବ୍ୟକ୍ତି ୨ଟି ଟିକଟ ହିଁ ଅନଲାଇନ୍‌ରେ କିଣି ପାରିବେ। ଆସନ୍ତା ୭ ତାରିଖରେ ଉଭୟ ଭାରତ ଏବଂ ଦକ୍ଷିଣଆଫ୍ରିକା ଦଳ ଭୁବନେଶ୍ୱରରେ ପହଞ୍ଚିବେ। ୮ ତାରିଖରେ ଉଭୟ ଦଳ ଅଭ୍ୟାସ ପାଇଁ କଟକ ଆସିବେ। ଦିନ ସମୟରେ ଭାରତ ଏବଂ ସନ୍ଧ୍ୟା ସମୟରେ ଦକ୍ଷିଣଆଫ୍ରିକା ଦଳର ଅଭ୍ୟାସ ସୂଚୀ ଧାର୍ଯ୍ୟ କରାଯାଇଛି। ଅଭ୍ୟାସ ଦେଖିବା ନିମନ୍ତେ ଗ୍ୟାଲେରୀ ନଂ-୬ ଏବଂ ୭ ଫାଟକ ଖୋଲା ରଖାଯିବ। ଡିସେମ୍ବର ୩ ଏବଂ ୪ ତାରିଖରେ ଓସିଏ ସହ ଅନୁବନ୍ଧିତ ୟୁନିଟ ଗୁଡିକୁ ଟିକଟ ବିକ୍ରି କରାଯିବ। ମୋଟ୍ ୪୨ହଜାର ଟିକଟ ଭିତରୁ ୧୧ହଜାର ଟିକଟ ଅନୁବନ୍ଧିତ ୟୁନିଟ କିଣିବେ। ୧୦ହଜାର ଟିକଟ କାଉଣ୍ଟରକୁ ପଠାଯିବ ବୋଲି ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ଦିଆଯାଇଛି। ଡିସେମ୍ବର ୫ ତାରିଖରେ ବାରବାଟୀ ଷ୍ଟାଡିୟମ ନିକଟରେ ଟିକଟ କାଉଣ୍ଟର ଖୋଲିବ। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସିଇଓ ସୁବ୍ରତ ବେହେରା ଉପସ୍ଥିତ ଥିଲେ।

## ତ୍ରିସା-ଗାୟତ୍ରୀ ଯୋଡ଼ି ଚାମ୍ପିଅନ; ଶ୍ରୀକାନ୍ତ ରନର୍ସ

**ଲକ୍ଷ୍ନୌ, ୩୦।୧୧ (ଏଜେନ୍ସି):** ଟପ୍ ସିଡ୍ ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ଯୋଡ଼ି ଏଠାରେ ଚାଲିଥିବା ୨.୧୪ କୋଟି ପୁରସ୍କାର ରାଶିବିଶିଷ୍ଟ ସୟଦ ମୋଦି ଇଣ୍ଟରନ୍ୟାସନାଲ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛନ୍ତି। ରବିବାର ଅନୁଷ୍ଠିତ ମହିଳା ଡବଲ୍ସ ଫାଇନାଲରେ ତ୍ରିସା-ଗାୟତ୍ରୀ ଯୋଡ଼ି ୧୭-୨୧, ୨୧-୧୩, ୨୧-୧୫ ଗେମରେ ଜାପାନର କାହୋ ଓସାୱା ଓ ମାଇ ତାନାବେ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଏଥିସହ ଏହି ଭାରତୀୟ ଯୋଡ଼ି କ୍ରମାଗତ ୨ୟ ଦ୍ୱିତୀୟଥର ଲାଗି ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ତେବେ ପୁରୁଷ ସିଙ୍ଗଲ୍ସରେ ଘରୋଇ ତାରକା କିଦାମ୍ବି ଶ୍ରୀକାନ୍ତଙ୍କୁ ନିରାଶ ହେବାକୁ ପଡ଼ିଛି। ଫାଇନାଲରେ ଶ୍ରୀକାନ୍ତ ୧୬-୨୧, ୨୧-୮, ୨୦-୨୨ ଗେମରେ ହଂକଂର ଜାସନ ଗୁନାୱାନଙ୍କ ନିକଟରୁ ହାରି ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଛନ୍ତି।

## ଅଭିଷେକଙ୍କ ବିସ୍ଫୋରକ ବ୍ୟାଟିଂ

### ୧୨ ବଲ୍‌ରେ ଅର୍ଦ୍ଧଶତକ, ୩୨ ବଲରେ ଶତକ

**ହାଇଦରାବାଦ, ୩୦।୧୧ (ଏଜେନ୍ସି):** ଭାରତୀୟ ଦଳର ଯୁବ ଓପନର୍ ଅଭିଷେକ ଶର୍ମା ଚଳିତ ସୟଦ ମୁସ୍ତାକ ଅଲି ଟି-୨୦ରେ ବିସ୍ଫୋରକ ଶତକୀୟ ପାଳି ଖେଳିଛନ୍ତି। ପଞ୍ଜାବ ପକ୍ଷରୁ ଖେଳୁଥିବା ଅଭିଷେକ ରବିବାର ଏଠାରେ ବେଙ୍ଗଲ ବିପକ୍ଷରେ ୫୨ ବଲରେ ୧୪୮ ରନର ମାରାଥନ ଶତକ ହାସଲ କରିଛନ୍ତି। ଯେଉଁଥିରେ ୧୬ ଛକା ଓ ୮ ଚୌକା ସାମିଲ ରହିଥିଲା। ଫଳରେ ପଞ୍ଜାବ ୨୦ ଓଭରରେ ୫ ୱିକେଟରେ ୩୧୦ ରନର ବିଶାଳ ସ୍କୋର କରିଥିଲା। ଜବାବରେ ବେଙ୍ଗଲ ଅଭିମନ୍ୟୁ ଈଶ୍ୱରନ (୬୬ ବଲରେ ୧୩୦ ରନ) ଅପରାଜିତ ଶତକ ସତ୍ତ୍ୱେ ୯ ୱିକେଟରେ ୧୯୮ ରନ କରି ପରାସ୍ତ ହୋଇଥିଲା। ୧୨ଟି ବଲରେ ଅର୍ଦ୍ଧଶତକ ଓ ୩୨ ବଲରେ ଶତକ ହାସଲ କରି ଅଭିଷେକ ଏକାଧିକ ରେକର୍ଡ ଏହି ଇନିଂସରେ କରିଛନ୍ତି। ଟି-୨୦ରେ ଦ୍ରୁତତମ ଅର୍ଦ୍ଧଶତକ ହାସଲକାରୀ ବ୍ୟାଟର୍ ତାଲିକାରେ ସେ ଆଶୁତୋଷ ଶର୍ମା (୧୧ ବଲ୍)ଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିଭଳି ଭାରତୀୟ ଭାବେ ଦ୍ରୁତତମ ଟି-୨୦ ଶତକ ହାସଲ କରିବାରେ ସେ ୩ୟ ସ୍ଥାନରେ ରହିଛନ୍ତି। ଓପନିଂ ୱିକେଟ ଯୋଡ଼ିରେ ପ୍ରଭସିମରନ ସିଂହ (୭୦ ରନ)ଙ୍କ ସହ ମିଶି ସେ ୨୦୫ ରନର ଭାଗୀଦାରି ଗଢ଼ିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଇତିହାସରେ ଓପନିଂ ୱିକେଟ ଏହା ରେକର୍ଡ ଭାଗୀଦାରି ହୋଇଛି।

## ରାଜ୍ୟ ୧୭ ବର୍ଷରୁ କମ୍ ଚେସ୍ ଉଦ୍‌ଯାପିତ

**ଭୁବନେଶ୍ୱର,୩୦।୧୧(ସମିସ):** ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ ରାଜ୍ୟ ୧୭ ବର୍ଷରୁ କମ୍ ଚେସ୍ ଚାମ୍ପିଅନସିପ୍ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଏପିଜେ ସ୍କୁଲ୍‌ର ପ୍ରାଂଶୁ ଦାସ ଚାମ୍ପିଅନ ଓ ଭୁବନେଶ୍ୱର କେଭି ନଂ-୧ର ଆୟୁଷ୍ମାନ ବେହେରା ରନର୍ସଅପ୍ ହୋଇଛନ୍ତି। ଉଭୟ ଖେଳାଳି ୬.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ବିଜେଇଏମ୍ ସ୍କୁଲ-୧ର ସାଇ କ୍ରିଷ୍ଣା ସାମଲ ତୃତୀୟ, ବିଜେଇଏମ୍-୨ର କୁମାର ପ୍ରଥମ ଚତୁର୍ଥ, ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିଶ ନନ୍ଦ ଗୋସ୍ୱାମୀ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଖେଳ ଶେଷରେ ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞାପାରମିତା ସାହୁ ଓ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଅସ୍ମିତା ଖେଲୋ ଇଣ୍ଡିଆ ସଫ୍ଟ ଟେନିସ ଲିଗ୍ ଉଦ୍‌ଯାପିତ

**ଭୁବନେଶ୍ୱର,୩୦।୧୧(ସମିସ):** ଏଠାରେ ଚାଲିଥିବା ଖେଲୋ ଇଣ୍ଡିଆ ସଫ୍ଟ ଟେନିସ ଲିଗ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ୧୫ ବର୍ଷରୁ କମ୍ ବାଳିକା ବିଭାଗରେ ଲୋପା ଲିପସାନୀ ସ୍ୱର୍ଣ୍ଣ, ବର୍ଷା ସେଠୀ ରୌପ୍ୟ, ଆଦ୍ୟାଶା ରାଉତରାୟ ଓ ଅଶ୍ୱିନ ଦିଗଲ କାଂସ୍ୟ ପଦକ ପାଇଛନ୍ତି। ୧୮ ବର୍ଷରୁ କମ୍ ବାଳିକା ବିଭାଗରେ ଲିପ୍‌ସାରାଣୀ ପ୍ରଧାନ ସ୍ୱର୍ଣ୍ଣ, ଆଦିପ୍ତା ସାହୁ ରୌପ୍ୟ, ଅର୍ଚ୍ଚନା ମହାପାତ୍ର ଓ ତନୁସ୍କା ନାୟକ କାଂସ୍ୟ ପଦକ ପାଇଥିଲେ। ୨୧ ବର୍ଷରୁ କମ୍ ବାଳିକା ବିଭାଗରେ ଆରୁନିକା ମେହେଟା ସ୍ୱର୍ଣ୍ଣ, ରଷିକା ନନ୍ଦ ରୌପ୍ୟ, ଦିବ୍ୟାଙ୍କା ମେହେର ଓ ତାନିଆ ଜେନା କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି।

## ଆଇପିଏଲ୍‌ରୁ ଅବସର ନେଲେ ରସେଲ୍


**କୋଲକାତା, ୩୦।୧୧ (ଏଜେନ୍ସି):** ୱେଷ୍ଟଇଣ୍ଡିଜର ବିସ୍ଫୋରକ ଅଲ୍‌ରାଉଣ୍ଡର ଆନ୍ଦ୍ରେ ରସେଲ ଆଇପିଏଲ୍‌ରୁ ଅବସର ଘୋଷଣା କରିଛନ୍ତି। ଆଗାମୀ ୧୯ତମ ସିଜନ ପୂର୍ବରୁ କୋଲକାତା ନାଇଟ୍ ରାଇଡର୍ସ ଫ୍ରାଞ୍ଚାଇଜ ରସେଲଙ୍କୁ ଦଳରୁ ରିଲିଜ କରିଥିଲା। ରସେଲ ଏବେ କେକେଆର୍‌ର ପ୍ରଶିକ୍ଷକ ମଣ୍ଡଳୀରେ ଯୋଗଦେବେ ବୋଲି ଜଣାପଡ଼ିଛି। ଆଇପିଏଲ୍‌ରେ ସେ ମୋଟ୍ ୧୪୦ଟି ମ୍ୟାଚ୍ ଖେଳି ୨୬୫୧ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ୧୨ଟି ଅର୍ଦ୍ଧଶତକ ସାମିଲ ରହିଛି।

## ସୁଲତାନ ଆଜଲାନ ଶାହ କପ୍ ହକି ଭାରତ ରନର୍ସଅପ୍

**ଇପୋ, ୩୦।୧୧ (ଏଜେନ୍ସି):** ମାଲେସିଆରେ ଅନୁଷ୍ଠିତ ସୁଲତାନ ଆଜଲାନ ଶାହ କପ୍ ହକି ଟୁର୍ଣ୍ଣାମେଣ୍ଟର ୩୧ତମ ସଂସ୍କରଣରେ ଭାରତ ରନର୍ସଅପ୍ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ବେଲ୍‌ଜିୟମ ୧-୦ ଗୋଲ୍‌ରେ ଭାରତକୁ ପରାସ୍ତ କରି ପ୍ରଥମଥର ଲାଗି ଚାମ୍ପିଅନ ହୋଇଛି। ମ୍ୟାଚର ୩ୟ କ୍ୱାର୍ଟର ତଥା ୩୪ତମ ମିନିଟରେ ଥିବାଉ ଷ୍ଟୋକବୋଏକ ବେଲ୍‌ଜିୟମ ପାଇଁ ବିଜୟସୂଚକ ଏକମାତ୍ର ଗୋଲଟି ଦେଇଥିଲେ। ପରାଜୟ ସହ ଭାରତ ୪ର୍ଥ ଥର ଲାଗି ରନର୍ସଅପ୍ ହୋଇଛି। ଏଥିପୂର୍ବରୁ ୨୦୦୮, ୨୦୧୬ ଓ ୨୦୧୯ରେ ଭାରତ ରନର୍ସଅପ୍ ହୋଇଥିଲା। ପୂର୍ବରୁ ଭାରତ ମୋଟ୍ ଉପରେ ୫ଥର ଏହି ଟୁର୍ଣ୍ଣାମେଣ୍ଟରେ ଟାଇଟଲ୍ ହାସଲ କରିଛି।






## ଉତ୍ତର-ପୂର୍ବ ଅସ୍ମିତା ଭାରୋତ୍ତୋଳନ

# ଓଡ଼ିଶା ଦଳଗତ ଚାମ୍ପିଅନ

ଭୁବନେଶ୍ୱର,୩୦।୧୧(ସମିସ): କୋଲକାତାରେ ଚାଲିଥିବା ଉତ୍ତର-ପୂର୍ବ ଅସ୍ମିତା ଭାରୋତ୍ତୋଳନ ଚାମ୍ପିଅନସିପ୍ ରବିବାର ଶେଷ ହୋଇଛି। ଏଥିରେ ଓଡ଼ିଶା ସମସ୍ତ ୩ଟି ବିଭାଗ ଯଥା ଯୁବ, କନିଷ୍ଠ ଓ ବରିଷ୍ଠ ବିଭାଗରେ ଦଳଗତ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରତ୍ୟେକ ବିଭାଗରେ ୮ଟି ବର୍ଗରେ ଖେଳ ହୋଇଥାଏ। ଏହା ମଧ୍ୟରୁ ଯୁବ ବର୍ଗରେ ଓଡ଼ିଶାର ବନିତା ନାଏକ, ଅଙ୍କିତା ପ୍ରଧାନ, ପ୍ରୀତିମୟୀ ମହାନ୍ତି, ପ୍ରତିଭାରାଣୀ ପାତ୍ର ଓ ମୌସୁମୀ ଦାସ ୫ଟି ସ୍ୱର୍ଣ୍ଣପଦକ ଜିତିଥିଲେ। ଏହି ବିଭାଗରେ ମିନା ସାନ୍ତା-ବି' ଓ ଶ୍ୱେତଲିନା ମହାନ୍ତି ୨ଟି ରୌପ୍ୟ ପଦକ ପାଇଥିଲେ। କନିଷ୍ଠ ବର୍ଗରେ ବନିତା ନାଏକ, ଶ୍ୱେତଲିନା ମହାନ୍ତି, ରିମ୍‌ଝିମ୍ ନାଏକ ୩ଟି ରୌପ୍ୟ ପଦକ ପାଇଥିଲେ। ଏହି ବିଭାଗରେ ମୀନା ସିଂ, ଅଙ୍କିତା ପ୍ରଧାନ, ଆଲିଶା ବେହେରା ଓ ଟିନା ରାଉତ ୪ଟି କାଂସ୍ୟ ପଦକ ଜିତିବା ଫଳରେ ଦଳଗତ ଟାଇଟଲ କବ୍‌ଜା କରିଥିଲେ। ବରିଷ୍ଠ ବିଭାଗରେ ମୌସୁମି ଦାସ ଗୋଟିଏ ସ୍ୱର୍ଣ୍ଣ, ରୋମାଲି ପ୍ରଧାନ ଓ ରିମ୍‌ଝିମ୍ ନାୟକ ୨ଟି ରୌପ୍ୟ, ବନିତା ନାଏକ, ମୀନା ସିଂ ଓ ଅଙ୍କିତା ପ୍ରଧାନ ୩ଟି କାଂସ୍ୟ ପଦକ ଜିତି ଦଳଗତ ଟାଇଟଲ ଜିତିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ପଶ୍ଚିମବଙ୍ଗ, ବିହାର, ଝାଡଖଣ୍ଡ, ମଣିପୁର, ଆସାମ, ତ୍ରିପୁରା, ମେଘାଳୟ, ମିଜୋରାମ ରାଜ୍ୟରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଦଳକୁ ରାଜ୍ୟ ଭାରୋତ୍ତୋଳନ ସଂଘ ସଭାପତି ଙ୍କ ଚିତ୍ତରଞ୍ଜନ ସ୍ୱାଇଁ, ଉପସଭାପତି ହରିପ୍ରସାଦ ପଟ୍ଟନାୟକ ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।



## ଆଇକନିକ ଓପନ୍ ଗେଟବଲ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୩୦।୧୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରବିବାର ଆଇକନିକ ଇଣ୍ଡିଆ ଇଣ୍ଟରନ୍ୟାସନାଲ ଓପନ୍ ଗେଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଆଇକନିକ ସ୍ପୋର୍ଟ୍ସ ଫାଉଣ୍ଡେସନ (ଆଇଏସ୍‌ଏଫ୍) ଓ ଭାରତୀୟ ଗେଟ୍‌ବଲ ୟୁନିୟନ (ଆଇଜିୟୁ)ର ମିଳିତ ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତାକୁ ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ। ମନ୍ତ୍ରୀ ରବି ନାରାୟଣ ନାୟକ, ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ସୁଜିତ ଦାସ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଏହି ଦୁଇଦିବସୀୟ ପ୍ରତିଯୋଗିତାରେ ଇଣ୍ଡୋନେସିଆ ଓ ତାଇୱାନ ସମେତ ଭାରତର ୧୮ ରାଜ୍ୟର ୨୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି। କ୍ଲାସିକ ଓ ଡବଲ୍ସ ବର୍ଗରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଆଇଏସ୍‌ଏଫ୍‌ର ଡିରେକ୍ଟର ସଞ୍ଜୟ ଚୌଧୁରୀ, ଚିଦାତମିକା ଖଟୁଆ, ଶେଖ ଅବଦୁଲ ସମିସ, ପ୍ରମୁଖ ଉଦଘାଟନୀ ଉତ୍ସବରେ ଉପସ୍ଥିତ ରହିଥିଲେ।

## ସୟଦ ମୁସ୍ତାକ ଅଲି ଟି-୨୦

# ପରାଜୟରେ ଓଡ଼ିଶାର ହ୍ୟାଟ୍ରିକ୍

ଭୁବନେଶ୍ୱର, ୩୦।୧୧ (ସମିସ): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ସୟଦ ମୁସ୍ତାକ ଅଲି ଟି-୨୦ ଟ୍ରଫିରେ ଓଡ଼ିଶା ହ୍ୟାଟ୍ରିକ ପରାଜୟବରଣ କରିଛି। ଏଲିଟ୍ ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ରବିବାର ୩ୟ ମ୍ୟାଚରେ ୮ ୱିକେଟ୍‌ରେ ବିଦର୍ଭ ନିକଟରୁ ପରାସ୍ତ ହୋଇଛି। ଲକ୍ଷ୍ନୌରେ ଏକନା ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ଓଡ଼ିଶା ଅଧିନାୟକ ବିପ୍ଳବ ସାମନ୍ତରାୟ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ମଧ୍ୟକ୍ରମରେ ସମ୍ବିତ ବରାଳ (୩୮ ବଲରେ ୪୬ ରନ) ଓ ନିମ୍ନଭାଗରେ ପ୍ରୟାସ କୁମାର ସିଂ (୨୬ ବଲରେ ଅପରାଜିତ ୪୦ ରନ)ଙ୍କ ଉପଯୋଗୀ ଇନିଂସ ବଳରେ ଓଡ଼ିଶା ୬ ୱିକେଟରେ ୧୬୦ ରନ ସଂଗ୍ରହ କରିଥିଲା। ବିଦର୍ଭର ଦର୍ଶନ ନାଲକଣ୍ଡେଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ଓପନର୍ ଅମନ ମୋଖାଡେ ଓ ଧ୍ରୁବ ସୋରୀଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ବିଦର୍ଭ ୧୪.୫ ଓଭରରେ ମାତ୍ର ୨ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଅମନ ୪୦ ବଲରେ ସର୍ବାଧିକ ୭୩ ରନ କରିଥିଲେ। ଏହି ପାଳିରେ ସେ ୫ଟି ଲେଖାଏ ଚୌକା ଓ ଛକା ମାରିଥିଲେ। ସେହିଭଳି ଧ୍ରୁବ ସୋରେ ୬ଟି ଚୌକା ଓ ୩ ଛକା ବଳରେ ୩୯ ବଲରୁ ୬୯ ରନ କରି ଅପରାଜିତ ରହିଥିଲେ। ଅସମାପ୍ତ ୩ୟ ୱିକେଟ ଯୋଡ଼ିରେ ଅମନ ଓ ଧ୍ରୁବ ୧୩୯ ରନର ଭାଗୀଦାରି ଗଢ଼ି ବିଦର୍ଭଙ୍କୁ ସହଜ ବିଜୟ ଦେଇଥିଲେ। ଓଡ଼ିଶାର ରାଜେଶ ମହାନ୍ତିଙ୍କୁ ୨ଟି ଯାକ ୱିକେଟ୍ ମିଳିଥିଲା। ପୂର୍ବରୁ ଓଡ଼ିଶା ପ୍ରଥମ ମ୍ୟାଚରେ ୧୦ ୱିକେଟରେ କେରଳ ନିକଟରୁ ଏବଂ ଦ୍ୱିତୀୟ ମ୍ୟାଚରେ ୬୬ ରନରେ ଆନ୍ଧ୍ର ପ୍ରଦେଶ ନିକଟରୁ ପରାସ୍ତ ହୋଇଥିଲା।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS